# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ସୋମବାର, ମେ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, May 19/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୧୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 173 | ମୂଲ୍ୟ ₹୭/-




**'ଭୂତ୍ ବଙ୍ଗଲା': ଅକ୍ଷୟ, ୱାମିକାଙ୍କ ରୋମାନ୍ସ**

ଅଭିନେତା ଅକ୍ଷୟ କୁମାର ଅଭିନେତ୍ରୀ ୱାମିକା ଗବ୍ବିଙ୍କ ସହ ନିଜର ଆଗାମୀ ଫିଲ୍ମ 'ଭୂତ୍ ବଙ୍ଗଲା' ଶୁଟିଂଶେଟ୍‌ର ଏକ ବିଟିଏସ୍ କ୍ଲିପ୍‌କୁ ରବିବାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି।

୧୧

୧୪

**ହରପ୍ରୀତ୍ ପ୍ଲେୟର ଅଫ୍ ଦି ମ୍ୟାଚ**

ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ପଞ୍ଜାବ କିଙ୍ଗ୍ସର ହରପ୍ରୀତ୍ ବ୍ରାର।





ଆମେରିକାର ନ୍ୟୁୟର୍କସ୍ଥିତ ବ୍ରୁକ୍‌ଲିନ୍ ବ୍ରିଜ୍‌କୁ ଶନିବାର ସନ୍ଧ୍ୟାରେ ଧକ୍କା ଦେଇଥିବା ମେକ୍ସିକୋ ନୌସେନାର ଟ୍ରେନିଂ ଜାହାଜ। ଇଷ୍ଟ ନଦୀରେ ଆସୁଥିବା ୩୦୦ ଫୁଟ ଲମ୍ବ ବିଶିଷ୍ଟ ଏହି ଜାହାଜ ବୈଷୟିକ ତ୍ରୁଟି ଯୋଗୁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଏହାର ଉପର ଅଂଶ ଭାଙ୍ଗିଯାଇଛି। ଜାହାଜରେ ଥିବା ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ ଆହତ ହୋଇଛନ୍ତି।

# ଶର୍ଟ ସର୍କିଟରୁ ନିଆଁ: ୨୫ ମୃତ

**ହାଇଦ୍ରାବାଦରେ ୧୭, ସୋଲାପୁରରେ ୮**

ହାଇଦ୍ରାବାଦ/ମୁମ୍ବାଇ,୧୮।୫

ରବିବାର ସକାଳେ ତେଲଙ୍ଗାନାର ହାଇଦ୍ରାବାଦ ଓ ମହାରାଷ୍ଟ୍ରର ସୋଲାପୁରରେ ଶର୍ଟ ସର୍କିଟରୁ ନିଆଁ ଲାଗି ୨୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ହାଇଦ୍ରାବାଦର ପ୍ରସିଦ୍ଧ ଚାରମିନାର ନିକଟ ଗୁଲଜାର ହାଉସ୍ ବିଲ୍ଡିଂରେ ସକାଳ ୬ଟାରେ ହଠାତ୍ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଅଗ୍ନିଶମ ବାହିନୀକୁ ୬ଟା ୧୬ରେ ଏନେଇ ଫୋନ୍ କରାଯାଇଥିଲା। ଅଗ୍ନିଶମ ବାହିନୀ ତୁରନ୍ତ ୧୧ ଫାୟାର ଇଞ୍ଜିନ୍ ସହ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ବିଲ୍ଡିଂରେ ନିଆଁ ଲାଗିବାବେଳେ ସେଠାରେ ୨୧ ଜଣ ଥିଲେ। ଅଗ୍ନିଶମ ଟିମ୍‌ର କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ସଂଜ୍ଞାହୀନ ଅବସ୍ଥାରେ ଥିବା ୧୭ ଜଣଙ୍କୁ ହସ୍ପିଟାଲକୁ ପଠାଇଥିଲେ। କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରେ ୮ ପିଲା ଥିଲେ, ଯାହାଙ୍କ ବୟସ ୧୦ ବର୍ଷରୁ କମ୍ ହେବ ବୋଲି ତେଲଙ୍ଗାନା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଏବଂ ଅଗ୍ନିଶମ ମହାନିର୍ଦ୍ଦେଶକ ୱାଇ. ନାଗି ରେଡ୍ଡୀ ଘଟଣାସ୍ଥଳ ପରିଦର୍ଶନ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ହସ୍ତଗତ ରିପୋର୍ଟ ଅନୁଯାୟୀ, ଗୁଲଜାର ହାଉସ୍‌ର ତଳ ମହଲାର ଦୋକାନ ଗୃହ ଥିବାବେଳେ ଉପର ମହଲାରେ ୪ ପରିବାର ବସବାସ କରୁଥିଲେ। ସେମାନେ ସମସ୍ତେ ପରସ୍ପରର ସମ୍ପର୍କୀୟ। ସେମାନଙ୍କ ମଧ୍ୟରୁ କେତେଜଣ ଛୁଟି ବିତାଇବାକୁ ଆସିଥିଲେ। ଅନେକ ସମୟରେ କିଣାକିଣି କରିବାକୁ ସେଠାରେ ଲୋକଙ୍କ ଗହଳି ଲାଗି ରହିଥାଏ। ତେବେ ଉପର ମହଲାରୁ ତଳକୁ ଆସିବା ପାଇଁ ଉଦ୍ଦିଷ୍ଟ ଶିଡି ଅତି ସଂକୀର୍ଣ୍ଣ ଥିଲା। ଏଥିଯୋଗୁ ତଳେ ଥିବା କ୍ରିଷ୍ଣା ପାର୍ଲ୍ସ ଶପ୍‌ରେ ନିଆଁ ଲାଗି ଉପର ୨ଟି ମହଲାକୁ ବ୍ୟାପିବା ପରେ ସେଠାରେ ରହୁଥିବା ଲୋକେ ସୁରକ୍ଷିତ ଭାବେ ତଳକୁ ଆସିପାରି ନ ଥିଲେ। ଚାହୁଁ ଚାହୁଁ ୧୭ ଜଣଙ୍କ ଜୀବନ ଚାଲିଗଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଆହତମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଦିଆଯିବ ବୋଲି ମୋଦି ଏକ୍ସ'ରେ ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ମଧ୍ୟ ଶୋକ ବ୍ୟକ୍ତ କରି ଆହତଙ୍କୁ ସବୁ ପ୍ରକାର ସହଯୋଗ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କେଉଁ ପରିସ୍ଥିତିରେ ଏତେବଡ଼ ଘଟଣା ଘଟିଲା, ତା'ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶର୍ଟ ସର୍କିଟରୁ ନିଆଁ ଲାଗିଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଅଗ୍ନିଶମ ବିଭାଗ କହିଛି। ତେବେ ଧୂଆଁରେ ଅଣନିଃଶ୍ୱାସୀ ହୋଇ ଅଧିକାଂଶଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଶରୀରରେ ପୋଡ଼ା କ୍ଷତ ନ ଥିବା ଜଣାପଡ଼ିଛି। ତେଲଙ୍ଗାନା ସରକାରଙ୍କ ପକ୍ଷରୁ ଜାରି ତାଲିକା ଅନୁସାରେ ୮ ନାବାଳକଙ୍କ ମଧ୍ୟରୁ ସର୍ବକନିଷ୍ଠ ପ୍ରଥାନଙ୍କ ବୟସ ଦେଢ଼ବର୍ଷ। ଅନ୍ୟ ୭ ପିଲା ହେଲେ ହମୟ(୭), ପ୍ରିୟାଂଶ(୪), ଇରାଜ(୨), ଆରୁଶୀ(୩), ଋଷଭ(୪), ଅନୁୟାନ୍(୩) ଓ ଇଦ୍ଧୁ(୪)।

ଅନ୍ୟପକ୍ଷେ ମହାରାଷ୍ଟ୍ର ସୋଲାପୁର ଜିଲାସ୍ଥିତ ଏକ ଟେକ୍ସଟାଇଲ ମିଲ୍‌ରେ ଭୋର ସକାଳ ୩ଟା ୪୫ରେ ନିଆଁ ଲାଗିଥିଲା। ଅକ୍କଲକୋଟ ରୋଡ୍‌ରେ ଥିବା ଏହି ମିଲ୍‌ରେ ମଧ୍ୟ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏଥିରେ ଜଣେ ଶିଶୁ, ୩ ମହିଳାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଫ୍ୟାକ୍ଟ୍ରି ମାଲିକ ଓ ୪ ଶ୍ରମିକ ଥିଲେ। ନିଆଁ ଲିଭାଇବା ପାଇଁ ୫ରୁ ୬ ଘଣ୍ଟା ଲାଗିଯାଇଥିଲା।

# ତଦନ୍ତରେ ପୁରୀ ଝିଅ ପ୍ରିୟଙ୍କା

**ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଭାରତର ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ପଠାଇବା ଅଭିଯୋଗରେ ହରିୟାଣା ହିସାରର ୟୁଟ୍ୟୁବର ଜ୍ୟୋତି ମାଲ୍‌ହୋତ୍ରାଙ୍କୁ ଗିରଫ କରାଯାଇଛି। ତେବେ ଜ୍ୟୋତି ୨୦୨୪ ସେପ୍ଟେମ୍ବରରେ ପୁରୀ ଆସିବା ଏବଂ ଏଠାରେ ୟୁଟ୍ୟୁବ ବ୍ଲଗର ପ୍ରିୟଙ୍କା ସେନାପତିଙ୍କ ସହ ମିଶିଥିବା ଜଣାପଡ଼ିଛି। ଜ୍ୟୋତିଙ୍କୁ ପ୍ରିୟଙ୍କା ବିଭିନ୍ନ ସ୍ଥାନ ବୁଲାଇଥିଲେ। ସେହିପରି ପ୍ରିୟଙ୍କା ୩ମାସ ତଳେ ପାକିସ୍ତାନର କର୍ତ୍ତାରପୁର ଯାଇଥିଲେ। ତେଣୁ ପ୍ରିୟଙ୍କା କର୍ତ୍ତାରପୁର ଯିବା ପାଇଁ ଜ୍ୟୋତିଙ୍କ ପରାମର୍ଶ ନେଇଥାଇପାରନ୍ତି ବା ଜ୍ୟୋତି ତାଙ୍କୁ ସାହାଯ୍ୟ କରିଥାଇପାରନ୍ତି ବୋଲି ଏବେ ସନ୍ଦେହ ଉପୁଜିଛି। କେବଳ ପୁରୀ ନୁହେଁ, ପହଲଗାମ ସମେତ ବିଭିନ୍ନ ରାଜ୍ୟରେ ବୁଲିଥିବା ସମୟର ଉଭୟଙ୍କ ଏକାଧିକ ଫଟୋ ରହିଥିବାରୁ ଏହାକୁ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଛି। ଅପରପକ୍ଷରେ ଜ୍ୟୋତିଙ୍କ ସହ କୌଣସି ଗୁପ୍ତଚରଗିରି କାର୍ଯ୍ୟରେ ପ୍ରିୟଙ୍କା ସମ୍ପୃକ୍ତ ନାହାନ୍ତି ବୋଲି ତାଙ୍କ ପରିବାର ତରଫରୁ ସଫେଇ ଦିଆଯାଇଛି।**



ପ୍ରିୟଙ୍କା ସେନାପତି ଓ ଜ୍ୟୋତି ମାଲହୋତ୍ରାଙ୍କ ଭାଇରାଲ ଫଟୋ।

**ପାକ୍ ପାଇଁ ଗୁପ୍ତଚରଗିରି ପ୍ରସଙ୍ଗ**

- **ପୋଲିସର ମାରାଥନ୍ ଜେରା**
- **୩ ମାସ ତଳେ ପାକିସ୍ତାନ କର୍ତ୍ତାରପୁର ଯାଇଥିଲେ**
- **ପୁରୀ ଛାଡି ନ ଯିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,(ସତ୍ୟଜିତ ରାଉତ)/ପୁରୀ,୧୮।୫(ଅଜିତ୍ କୁମାର ମହାନ୍ତି)

ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଭାରତର ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ପଠାଇବା ଅଭିଯୋଗରେ ହରିୟାଣା ପୋଲିସ ଦ୍ୱାରା ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହ ପୁରୀ ଝିଅ ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କ ଲିଙ୍କ୍ ଆସିବା ପରେ ଓଡ଼ିଶା ପୋଲିସ ଏହାକୁ ଗୁରୁତ୍ୱର ସହ ନେଇଛି। ଏପରିକି ଗୋଇନ୍ଦା ସଂସ୍ଥା ପ୍ରିୟଙ୍କାଙ୍କୁ ସ୍କାନରକୁ ଆଣିଛି। ଜ୍ୟୋତିଙ୍କ ସହ ପ୍ରିୟଙ୍କାଙ୍କ ଅନେକ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି। ଜ୍ୟୋତି ୭ ମାସ ତଳେ ପୁରୀ ଆସି ପ୍ରିୟଙ୍କାଙ୍କ ସହଯୋଗରେ ଏଠାରେ ବୁଲାବୁଲି କରିଥିଲେ। ଏପରିକି ୩ମାସ ତଳେ ପାକିସ୍ତାନ କର୍ତ୍ତାରପୁର ଯାଇଥିଲେ ପ୍ରିୟଙ୍କା। ପ୍ରିୟଙ୍କାଠୁ କୌଣସି ସମ୍ବେଦନଶୀଳ ତଥ୍ୟ ଜ୍ୟୋତି ନେଇ ପାକିସ୍ତାନକୁ ଦେଇଥିବା ସନ୍ଦେହ କରାଯାଉଛି। ଏସବୁକୁ ନେଇ ପ୍ରିୟଙ୍କାଙ୍କୁ ଜେରା କରିବାକୁ ସ୍କାନରକୁ ଆଣିଛି ଗୋଇନ୍ଦା ସଂସ୍ଥା। ଜ୍ୟୋତିଙ୍କ ସହ କଶ୍ମୀର ଓ ପାକିସ୍ତାନର କେଉଁ ସ୍ଥାନକୁ ପ୍ରିୟଙ୍କା ବୁଲିଯାଇଥିଲେ ଏବଂ ଏଥିପାଇଁ ପାକିସ୍ତାନରୁ ଟଙ୍କା ଆସିଥିଲା କି ନାହିଁ ପ୍ରଶ୍ନ ଉଠିଛି। ଭାଇରାଲ ହେଉଥିବା ଫଟୋରେ ଜ୍ୟୋତି ପହଲଗାମ୍ ଓ ଲାଲଚୌକ ବୁଲୁଥିବା ଜଣାପଡ଼ିଛି। ସବୁ ଭିଡିଓ ଓ ଫଟୋକୁ ପୋଲିସ ଯାଞ୍ଚ କରି ତଥ୍ୟ ହାସଲ କରୁଛି। ରବିବାର ପୁରୀ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୋଲିସ ଟିମ୍ ପ୍ରିୟଙ୍କାଙ୍କ କାଳିକାଦେବୀ ସାହିସ୍ଥିତ ଘରକୁ ଯାଇ ଜେରା କରିଛି। ଏନେଇ ପୁରୀ ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି, ଘଟଣାକୁ ଗୁରୁତର ସହ ନେଇଛୁ। ଜ୍ୟୋତିଙ୍କ ଲିଙ୍କ୍‌ରେ ପ୍ରିୟଙ୍କା ସମ୍ପୃକ୍ତି ନେଇ ତଦନ୍ତ କରାଯାଉଛି। ରାଜ୍ୟ ଏବଂ କେନ୍ଦ୍ର ଗୋଇନ୍ଦା ଏଜେନ୍ସି ସମେତ ହରିୟାଣା ପୋଲିସ ସହ ଯୋଗାଯୋଗରେ ଅଛୁ। ତଦନ୍ତ ପରେ ସବୁ ତଥ୍ୟ ସାମ୍ନାକୁ ଆସିବ। ରଥଯାତ୍ରା ପାଇଁ ୟୁଟ୍ୟୁବରମାନଙ୍କୁ କଟକଣା ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରାଯିବ। ଆବଶ୍ୟକ ପଡ଼ିଲେ ସାଇବର ଏକ୍ସପର୍ଟଙ୍କ ପରାମର୍ଶ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷରେ ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି। ୟୁଟ୍ୟୁବ୍ ମାଧ୍ୟମରେ ସେ ଜ୍ୟୋତିଙ୍କୁ ଚିହ୍ନିଥିବାବେଳେ ତାଙ୍କ ସମ୍ପର୍କରେ ଅଧିକ ଅବଗତ ନ ଥିଲି। ସେ ପାକିସ୍ତାନ ଗୁପ୍ତଚର ଭାବେ କାମ କରୁଛନ୍ତି ବୋଲି ଜାଣିଥିଲେ କେବେ ବି ତାଙ୍କ ସହ ଯୋଗାଯୋଗରେ ଆସି ନ ଥାନ୍ତେ ବୋଲି ପ୍ରିୟଙ୍କା ଲେଖିଛନ୍ତି। ଏଥିସହ ତାଙ୍କ ସମ୍ପର୍କରେ ଏସବୁ ଜାଣିବା ପରେ ଏବେ ତାଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ଯଦି କୌଣସି ତଦନ୍ତକାରୀ ସଂସ୍ଥା ତାଙ୍କୁ ପ୍ରଶ୍ନ ପଚାରନ୍ତି ତେବେ ସେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରିୟଙ୍କା କହିଛନ୍ତି। ପ୍ରିୟଙ୍କାଙ୍କ ବାପା ରାଜକିଶୋର କହିଛନ୍ତି, ଜ୍ୟୋତି ପୁରୀ ଆସୁଥିବାବେଳେ ସାଙ୍ଗ ହିସାବରେ ପ୍ରିୟଙ୍କା ତାଙ୍କୁ ପୁରୀ ବୁଲାଇଥିଲେ। ଜ୍ୟୋତି ତାଙ୍କ ଘରକୁ ଆସି ନ ଥିଲେ। ପୋଲିସକୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ରାଜକିଶୋର କହିଛନ୍ତି।

# ଭୁବନେଶ୍ୱରରେ ଏନ୍‌ଆଇଏ ଥାନା

ଭୁବନେଶ୍ୱର,୧୮।୫(ସତ୍ୟଜିତ ରାଉତ)

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଓଡ଼ିଶା ଶାଖାକୁ ଥାନା ମାନ୍ୟତା ଦିଆଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ଭିଏସ୍‌ଏସ୍ ନଗରସ୍ଥିତ ବିଏସ୍‌ଏନ୍‌ଏଲ୍ କୋଠାରେ ପୂର୍ବରୁ ବ୍ରାଞ୍ଚ ଅଫିସ କାର୍ଯ୍ୟ କରୁଥିବାବେଳେ ଏହା ଏବେ ପୋଲିସ ଥାନା ଭାବେ କାର୍ଯ୍ୟ କରିବ। ଜଣେ ଏସ୍‌ପି ଏହି ଥାନା ଦାୟିତ୍ୱରେ ରହିବେ। ଏହାର କାର୍ଯ୍ୟ ପରିସର ରାଜ୍ୟବ୍ୟାପୀ ରହିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ, ଏନ୍‌ଆଇଏ ବିଶେଷକରି ଆତଙ୍କବାଦ କାର୍ଯ୍ୟକଳାପ ଓ ଟେରର ଫଣ୍ଡିଂ ଘଟଣାରେ ତଦନ୍ତ କରିଥାଏ। ତେବେ କିଛିବର୍ଷ ଭିତରେ ଓଡ଼ିଶାରେ ଆତଙ୍କବାଦୀ ଲିଙ୍କ୍ ସାମ୍ନାକୁ ଆସିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଏଥିପାଇଁ ଏନ୍‌ଆଇଏକୁ ଏକ ଥାନା ମାନ୍ୟତା ଦିଆଯାଇଥିବା କୁହାଯାଉଛି।

ଆଜିର ସମ୍ପାଦକୀୟ **ସୁଗାର ବୋର୍ଡ**

# ମଝିଆ ଭଉଣୀଙ୍କୁ ହତ୍ୟା କଲେ ଭଉଣୀ ଭାଇ

**ବଡ଼ବାପାଙ୍କ ଶୁଦ୍ଧିକ୍ରିୟାରେ ଅଘଟଣ**

କୁଚିଣ୍ଡା,୧୮।୫(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ମଝାପଡା ଗୁଣ୍ଡିଚାମନ୍ଦିର ସମ୍ମୁଖରେ ବଡ଼ ବାପାଙ୍କ ଶୁଦ୍ଧିକ୍ରିୟା ଚାଲିଥିବା ସମୟରେ ଜମିବାଡି ବିବାଦକୁ ନେଇ ବଡ଼ ଭଉଣୀ ଓ ସାନ ଭାଇ ମିଶି ମଝିଆଁ ଭଉଣୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ମୃତା ମଝିଆ ଭଉଣୀ ହେଲେ ମହୁଲପାଲି ଥାନା ସୋଲବଗାରେ ବିବାହ କରିଥିବା ଲୀନା ସାହୁ (୪୦)। ଅଭିଯୁକ୍ତ ବଡ଼ ଭଉଣୀ ପୁଷ୍ପାଞ୍ଜଳି ସାହୁ( ୪୫) ଏବଂ ସାନ ଭାଇ ଗୋଲକ ସାହୁ(୩୦)ଙ୍କୁ ପୋଲିସ ଗିରଫ କରି ରାତି ୮ଟାରେ କୁଚିଣ୍ଡା ଏସଡିଜେମ୍ କୋର୍ଟକୁ ଚାଲାଣ କରିଛି। ଘଟଣା ସ୍ଥଳରେ ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ ଓ ସମ୍ବଲପୁରର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି। ମୃତକଙ୍କ ବଡ଼ବାପା ପୁଅ ପ୍ରଭୁଦତ୍ତ ସାହୁ ଓରଫ ଅରକ୍ଷିତଙ୍କ ରିପୋର୍ଟ କ୍ରମେ ପୋଲିସ ଗୋବିନ୍ଦପୁର ଥାନାରେ ଦଫା ୧୦୩(୧)/୩(୫)ବିଏନଏସ (ନଂ.୬୭/୨୫)ମାମଲା ରୁଜୁ କରି ମୃତଦେହ ଜବତ କରି ଗୋବିନ୍ଦପୁର ମେଡିକାଲରେ ବ୍ୟବଚ୍ଛେଦ କରାଇଛି।

ସୂଚନା ଅନୁଯାୟୀ, ବାମରା ଗୋବିନ୍ଦପୁରର ବିନୋଦ ସାହୁଙ୍କ ୨ ଝିଅ ଏବଂ ଗୋଟିଏ ପୁଅ। ବଡ଼ ଝିଅ ଓ ପୁଅ ଅବିବାହିତ ଥିବା ବେଳେ ମୃତା ମଝିଆ ଝିଅ ଲୀନା କେଶାଇବାହାଲ ନିକଟସ୍ଥ ସୋଲବଗାରେ ବିବାହ କରିଛନ୍ତି। ହେଲେ କୌଣସି କାରଣରୁ ଲୀନା ବାପଘରେ ରହୁଥିଲେ। ସେ ସମ୍ବଲପୁରର ଏକ ଜୁଏଲେରି ଦୋକାନରେ ଚାକିରି କରି ସେଠାରେ ରହୁଥିଲେ। ପରେ ବାପାଙ୍କ ଜମିବାଡି ସମ୍ପତ୍ତିରୁ ଭାଗ ସେ ମାଗିଥିଲେ। ବଡ଼ ଭଉଣୀ ପୁଷ୍ପାଞ୍ଜଳି ଓ ସାନପୁଅ ଗୋଲକ ଅବିବାହିତ ଥିବାରୁ ଭାଗବଣ୍ଟା ନେଇ ଭାଇ ଭଉଣୀଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏନେଇ ଲୀନା କୁଚିଣ୍ଡା କୋର୍ଟରେ ସମ୍ପତ୍ତି ଭାଗ ପାଇଁ କେସ୍ କରିଛନ୍ତି ଏବଂ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହାକୁ ନେଇ ଲୀନା ସହ ହତ୍ୟାକାରୀ ଭଉଣୀ ଓ ଭାଇଙ୍କ ମଧ୍ୟରେ ଶତ୍ରୁତା ବଢିଚାଲିଥିଲା। ଅରକ୍ଷିତଙ୍କ ବାପାଙ୍କ ରବିବାର ଶୁଦ୍ଧିକ୍ରିୟା ଚାଲିଥିଲା। ଲୀନା ବଡବାପାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିଲେ। ତାଙ୍କୁ ଦେଖି ପୂର୍ବାହ୍ନ ପ୍ରାୟ ୧୧ଟା ୧୦ରେ ଗୋଲକ ଓ ପୁଷ୍ପାଞ୍ଜଳୀ ତାଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଲୀନା ସଂଜ୍ଞାହୀନ ହୋଇ ରକ୍ତାକ୍ତ ଅବସ୍ଥାରେ ତଳେ ପଡିଯାଇଥିଲେ। ଶୁଦ୍ଧିକ୍ରିୟାରେ ଉପସ୍ଥିତ ବନ୍ଧୁ ବାନ୍ଧବ ଏହାଦେଖି ତୁରନ୍ତ ଗୋବିନ୍ଦପୁର ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଭାରତୀୟ ଆମ୍ବକୁ ଆମେରିକାର ପ୍ରତ୍ୟାଖ୍ୟାନ

ୱାଶିଂଟନ୍/ନୂଆଦିଲ୍ଲୀ,୧୮।୫

ଆମେରିକା ଭାରତୀୟ ରପ୍ତାନିକାରୀଙ୍କୁ ଝଟ୍‌କା ଦେବା ଭଳି କାର୍ଯ୍ୟ କରିଛି। ଭାରତରୁ ଲସ୍‌ଏଞ୍ଜେଲ୍ସ, ସାନ୍ ଫ୍ରାନ୍‌ସିସ୍କୋ ଓ ଆଟଲାଣ୍ଟା ବିମାନବନ୍ଦରରେ ୧୫ କଣ୍ଟେନରରେ ପହଞ୍ଚିଥିବା ଆମ୍ବକୁ କାଗଜପତ୍ରରେ ତ୍ରୁଟି ଥିବା ଦର୍ଶାଇ ଆମେରିକୀୟ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏଥିଯୋଗୁ ଭାରତୀୟ ବ୍ୟବସାୟୀମାନଙ୍କୁ ୫ ଲକ୍ଷ ଡଲାର (ପ୍ରାୟ ୪ କୋଟି ୨୮ ଲକ୍ଷ ଟଙ୍କା)ର କ୍ଷତି ସହିବାକୁ ପଡ଼ିଛି।

ଇକୋନୋମିକ୍ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଭାରତରୁ ଏୟାର ଗାର୍ଗୋ ଯୋଗେ ୧୫ ଶିପ୍‌ମେଣ୍ଟରେ ଆମ୍ବ ପଠାଯାଇଥିଲା। ମୁମ୍ବାଇରୁ ରପ୍ତାନି ପୂର୍ବରୁ ମେ' ୮ ଓ ୯ ତାରିଖରେ ନଭି ମୁମ୍ବାଇରେ ଥିବା ୟୁନାଇଟେଡ୍ ଷ୍ଟେଟ୍ସ ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲ୍ଚର (ୟୁଏସ୍‌ଡିଏ) ପ୍ରତିନିଧିଙ୍କ




ତତ୍ତ୍ୱାବଧାନରେ ଆମ୍ବଗୁଡ଼ିକୁ ରେଡିଏଶନ୍ ଟ୍ରିଟ୍‌ମେଣ୍ଟ ପ୍ରକ୍ରିୟା ଜରିଆରେ ଯାଞ୍ଚ କରାଯାଇଥିଲା। ପିପିକ୍ୟୁ ୨୦୩ ଫର୍ମର ଆବଶ୍ୟକତା ଅନୁସାରେ ଉକ୍ତ ପ୍ରକ୍ରିୟାରେ ଆମ୍ବରେ କୀଟାଣୁନାଶ କରି ଏହାକୁ ଅଧିକ ସମୟ ସତେଜ ରଖିବା ସକାଶେ ବିକିରଣର ନିୟନ୍ତ୍ରିତ ଡୋଜ୍ ଦିଆଯାଇଥାଏ। ଆମେରିକାକୁ କୌଣସି ଫଳ ରପ୍ତାନି କରିବାକୁ ହେଲେ ଏହି ପ୍ରକ୍ରିୟା ଆପଣାଇବା ବାଧ୍ୟତାମୂଳକ କରାଯାଇଛି। ଏହା କରାଯିବା ସତ୍ତ୍ୱେ ଆମେରିକୀୟ ଅଧିକାରୀମାନେ ପିପିକ୍ୟୁ ୨୦୩ ଫର୍ମରେ ତ୍ରୁଟି ଥିବା ଦର୍ଶାଇ କଣ୍ଟେନରଗୁଡ଼ିକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ରପ୍ତାନିକାରୀଙ୍କୁ ଦୁଇଟି ବିକଳ୍ପ ଦିଆଯାଇଥିଲା– ଆମ୍ବଗୁଡ଼ିକୁ ନଷ୍ଟ କରିଦିଅ କିମ୍ବା ଭାରତକୁ ଫେରାଇ ନିଅ। ତେବେ ଭାରତକୁ ଆମ୍ବ ଫେରାଇ ଆଣିବା ବ୍ୟୟବହୁଳ ହୋଇଥିବାରୁ ରପ୍ତାନିକାରୀମାନେ ସେଗୁଡ଼ିକୁ ନଷ୍ଟ କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘଟଣା ଭାରତୀୟ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିସହ ଅନ୍ତର୍ଜାତୀୟ ବଜାରର ମାନକ ପୂରଣ ଦିଗରେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ବାର୍ତ୍ତା ଦେଇଛି। ଅନେକ ଭାରତୀୟ ବ୍ୟବସାୟିକ ସଂସ୍ଥା ଭବିଷ୍ୟତରେ ଏପରି କ୍ଷତି ଏଡ଼ାଇବା ପାଇଁ ବର୍ତ୍ତମାନ ନିୟାମକ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ଉନ୍ନତ ସମନ୍ୱୟ ରକ୍ଷା ଦାବି କରିଛନ୍ତି। ବିଶ୍ୱରେ ଭାରତୀୟ ଆମ୍ବର ଚାହିଦା ରହିଥିବାବେଳେ ଆମେରିକାର ଏପରି ପ୍ରତ୍ୟାଖ୍ୟାନ ଯୋଗୁ ବ୍ୟବସାୟୀମାନଙ୍କୁ ଝଟ୍‌କା ଲାଗିଛି। ଆଗାମୀ ଋତୁରେ ଏପରି ସମସ୍ୟା ଏଡ଼ାଇବା ଲାଗି ସେମାନେ ଆହୁରି ଅଧିକ ପ୍ରସ୍ତୁତ ହେବେ ବୋଲି କହିଛନ୍ତି। ଅନ୍ୟ ଜଣେ ବ୍ୟବସାୟୀ ଏହାଦ୍ୱାରା ଆମେରିକା ସହ ଭାରତର ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି।

# ପାକ୍ ପାଇଁ ଆଇଏମ୍ଏଫ୍‌ର ୧୧ ସର୍ତ୍ତ

**ଇସ୍‌ଲାମାବାଦ,୧୮।୫ (ପି.ଟି.)**

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ପାକିସ୍ତାନକୁ ଏହାର ସହାୟତା ପ୍ୟାକେଜ୍‌ର ପରବର୍ତ୍ତୀ କିସ୍ତି ପ୍ରଦାନ କରିବା ପୂର୍ବରୁ ୧୧ଟି ନୂଆ ସର୍ତ୍ତ ଲଗାଇଛି। ଭାରତ ସହ ଉତ୍ତେଜନା ଯୋଗୁ ଯୋଜନାର ଆର୍ଥିକ, ବାହ୍ୟ ତଥା ସାଂସ୍କୃତିକ ଲକ୍ଷ୍ୟ ପ୍ରତି ବିପଦ ବଢ଼ିପାରେ ବୋଲି ଆଇଏମ୍ଏଫ୍ ପାକସ୍ତାନକୁ ସତର୍କ କରାଇଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

ପାକିସ୍ତାନ ଉପରେ ଲଗାଯାଇଥିବା ନୂଆ ସର୍ତ୍ତ ମଧ୍ୟରେ ରହିଛି ନୂଆ ୧୭.୬ ଟ୍ରିଲିୟନ ଟଙ୍କା ବଜେଟକୁ ପାର୍ଲାମେଣ୍ଟର ଅନୁମୋଦନ, ବିଦ୍ୟୁତ୍ ବିଲ୍ ଉପରେ ଋଣ ସେବା ସର୍‌ଚାର୍ଜ ବୃଦ୍ଧି ଏବଂ ୩ ବର୍ଷରୁ ଊର୍ଦ୍ଧ୍ୱ ବ୍ୟବହୃତ କାର୍ ଆମଦାନୀ ଉପରୁ କଟକଣା ଉଠାଇବା। ଆଇଏମ୍ଏଫ୍‌ର ୧୧ ନୂଆ ସର୍ତ୍ତ ସହ ପାକିସ୍ତାନ ଉପରେ ମୋଟ ସର୍ତ୍ତ ସଂଖ୍ୟା ୫୦ରେ ପହଞ୍ଚିଛି। ଆଇଏମ୍ଏଫ୍ ରିପୋର୍ଟ ଅନୁଯାୟୀ, ପାକିସ୍ତାନର ସଂଘୀୟ ବଜେଟ ୧୭.୬ ଟ୍ରିଲିୟନ ଟଙ୍କା ହେବ ଏବଂ ସେଥିରୁ ୧.୦୭ ଟ୍ରିଲିୟନ ଟଙ୍କା ବିକାଶ କାର୍ଯ୍ୟ ପାଇଁ ରହିବ। ପାକିସ୍ତାନର ପ୍ରଦେଶଗୁଡ଼ିକ ପାଇଁ ରହିଥିବା ସର୍ତ୍ତ ହେଲା ୪ ସଂଘୀୟ ସଂସ୍ଥା ବିସ୍ତୃତ ଯୋଜନା ଜରିଆରେ ନୂଆ କୃଷି


ଶେହୱାଜ ଶରିଫ୍




ଆୟକର ଲଗାଇବେ। ପ୍ରୋସେସିଂ ରିଟର୍ନ ଏବଂ କରଦାତା ଚିହ୍ନଟ ଓ ପଞ୍ଜୀକରଣ ପାଇଁ ଏକ କାର୍ଯ୍ୟକାରିତା ପ୍ଲାଟ୍‌ଫର୍ମ ସ୍ଥାପନ କରାଯିବ, ଯୋଗାଯୋଗ ଅଭିଯାନ ହେବ ଏବଂ ଅନୁପାଳନ ଉନ୍ନତୀକରଣ ଯୋଜନା ରହିବ। ଏହି ନୂଆ ଆଇନ କାର୍ଯ୍ୟକାରୀ କରିବାର ସମୟସୀମା ଚଳିତ ବର୍ଷ ଜୁନ୍ ରହିଛି। ତୃତୀୟ ସର୍ତ୍ତ ଅନୁଯାୟୀ, ଆଇଏମ୍ଏଫ୍‌ର ଗଭର୍ନାନ୍ସ ଡାଇଗ୍ନୋଷ୍ଟିକ୍ ଆସେସ୍‌ମେଣ୍ଟର ସୁପାରିସ ଆଧାରରେ ସରକାର ଶାସନର କାର୍ଯ୍ୟଯୋଜନା ପ୍ରକାଶ କରିବେ। ଏହା ବ୍ୟତୀତ ୨୦୨୭ ପରବର୍ତ୍ତୀ ସରକାରଙ୍କ ଆର୍ଥିକ କ୍ଷେତ୍ର ରଣନୀତି ସମ୍ପର୍କିତ ଯୋଜନା ପ୍ରସ୍ତୁତ କରି ପ୍ରକାଶ କରାଯିବ। ଶକ୍ତି କ୍ଷେତ୍ର ପାଇଁ ୪ଟି ନୂଆ ସର୍ତ୍ତ ଲଗାଇବାକୁ କୁହାଯାଇଛି। ତଦନୁଯାୟୀ ସରକାର ମୂଲ୍ୟ ଆଦାୟ ସ୍ତରକୁ ଆଧାର କରି ବାର୍ଷିକ ବିଦ୍ୟୁତ୍ ଶୁଳ୍କ ଏବଂ ଅର୍ଦ୍ଧବାର୍ଷିକ ଗ୍ୟାସ୍ ଟାରିଫ୍ ଉପରେ ବିଜ୍ଞପ୍ତି ଜାରି କରିବେ। ଚଳିତ ମାସ ଶେଷ ସୁଦ୍ଧା କ୍ୟାପ୍‌ଟିଭ୍ ପାୱାର ଶୁଳ୍କ ଅଧ୍ୟାଦେଶକୁ ସ୍ଥାୟୀ କରିବା ପାଇଁ ପାର୍ଲାମେଣ୍ଟ ଆଇନ ଆଣିବ। ଋଣ ସେବା ସର୍‌ଚାର୍ଜ ଉପରେ ସର୍ବାଧିକ ୟୁନିଟ୍ ପିଛା ୩ ଟଙ୍କା ୨୧ ପଇସା ସୀମାକୁ ଉଠାଇଦେବା ପାଇଁ ପାର୍ଲାମେଣ୍ଟରେ ଆଇନ ଗୃହୀତ ହେବ।

ଏକ୍ସପ୍ରେସ୍ ଟ୍ରିବ୍ୟୁନ୍‌ରେ ପ୍ରକାଶିତ ଖବର ଅନୁଯାୟୀ, ଆଇଏମ୍ଏଫ୍ ଶନିବାର ଜାରି କରିଥିବା ଷ୍ଟାଫ୍ ଲେଭଲ ରିପୋର୍ଟରେ କୁହାଯାଇଛି। ଭାରତ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ଯଦି ଦୀର୍ଘଦିନ ରହେ କିମ୍ବା ଅଧିକ ଖରାପ ହୁଏ, ତେବେ ଋଣ କାର୍ଯ୍ୟକ୍ରମର ଆର୍ଥିକ, ବାହ୍ୟ ଓ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବଢ଼ିବା ସମ୍ଭାବନା ରହିଛି। ଗତ ୨ ସପ୍ତାହରେ ୨ ପଡୋଶୀ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଆସନ୍ତାବର୍ଷର ପ୍ରତିରକ୍ଷା ବଜେଟ ୨.୪୧୪ ଟ୍ରିଲିୟନ ଟଙ୍କା, ଯାହାକି ୧୨% ବା ୨୫୨ ବିଲିୟନ ଟଙ୍କା ଅଧିକ। ଭାରତ ସହ ମୁହାଁମୁହିଁ ପରେ ଆଇଏମ୍ଏଫ୍‌ର ପୂର୍ବାନୁମାନ ତୁଳନାରେ ପାକ୍ ସରକାର ଅଧିକ ୨.୫ ଟ୍ରିଲିୟନ ଟଙ୍କା ବା ୧୮ ପ୍ରତିଶତ ଅଧିକ ବଜେଟ ମଞ୍ଜୁରୀ ସମ୍ପର୍କରେ ସୂଚନା ଦେଇଥିଲେ।

## ସମ୍ବିଧାନର ୩ ସ୍ତମ୍ଭ ସମାନ: ସିଜେଆଇ

**ମୁମ୍ବାଇ,୧୮।୫**


ଜଷ୍ଟିସ୍ ବି.ଆର୍. ଗବଇ

ନ୍ୟାୟପାଳିକା କି କାର୍ଯ୍ୟପାଳିକା ନୁହେଁ, ବରଂ ଦେଶର ସମ୍ବିଧାନ ସବୁଠୁ ଉଚ୍ଚରେ। ସମ୍ବିଧାନର ୩ ସ୍ତମ୍ଭ ଏକାଠି ହୋଇ କାର୍ଯ୍ୟ କରିବା ଜରୁରୀ ବୋଲି ରବିବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ସପ୍ତାହରେ ୫୨ତମ ସିଜେଆଇ ରୂପେ ଶପଥ ନେଇଥିବା ଜଷ୍ଟିସ୍ ଗବଇ ମହାରାଷ୍ଟ୍ର ଓ ଗୋଆ ବାର୍ କାଉନ୍ସିଲ ପକ୍ଷରୁ ମୁମ୍ବାଇରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ସମ୍ବୋଧିତ କରି କହିଛନ୍ତି, ସମ୍ବିଧାନର ୩ ସ୍ତମ୍ଭ ନ୍ୟାୟପାଳିକା, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ସମାନ। ପ୍ରତ୍ୟେକ ସ୍ତମ୍ଭ ପରସ୍ପରକୁ ସମ୍ମାନ ଦେଇ ସହଯୋଗୀ ଭାବେ କାର୍ଯ୍ୟ କରିବା ଉଚିତ। ଯଦିଓ ସଂସଦର ସମ୍ବିଧାନ ସଂଶୋଧନ କ୍ଷମତା ରହିଛି, ତଥାପି ସାମ୍ବିଧାନିକ ଢାଞ୍ଚାର ମୌଳିକ ସିଦ୍ଧାନ୍ତକୁ ପାର୍ଲାମେଣ୍ଟ ସ୍ପର୍ଶ କରିପାରିବ ନାହିଁ।

ଦେଶରେ ନ୍ୟାୟପାଳିକାର ଭୂମିକାକୁ ନେଇ ବିତର୍କ ଜାରି ରହିଥିବାବେଳେ ନିଜ ରାଜ୍ୟ ମହାରାଷ୍ଟ୍ରକୁ ଗସ୍ତ ଅବସରରେ ସିଜେଆଇ ଗବଇ ପ୍ରଟୋକଲରେ ରହିଥିବା ବ୍ୟବଧାନକୁ ରେଖାଙ୍କିତ କରିଛନ୍ତି। ଯେତେବେଳେ ମହାରାଷ୍ଟ୍ରର ଜଣେ ବ୍ୟକ୍ତି ସିଜେଆଇ ହୋଇ ନିଜ ରାଜ୍ୟକୁ ଆସୁଛନ୍ତି, ସେତେବେଳେ ପୋଲିସ ମହାନିର୍ଦ୍ଦେଶକ କିମ୍ବା ପୋଲିସ କମିଶନର ଉପସ୍ଥିତ ନ ରହିବା ଦୁର୍ଭାଗ୍ୟଜନକ। ପ୍ରଟୋକଲ କିଛି ନୂଆ କଥା ନୁହେଁ। ଏହା ଏକ ସାମ୍ବିଧାନିକ ସଂସ୍ଥା ଅନ୍ୟ ଏକ ସାମ୍ବିଧାନିକ ସଂସ୍ଥାକୁ ଦେଉଥିବା ସମ୍ମାନ। ସିଜେଆଇ ଆହୁରି କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୧୪୨ ସୁପ୍ରିମକୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛି। ବିଚାରପତିମାନେ ପ୍ରଟୋକଲ ଭାଙ୍ଗିଲେ ମଧ୍ୟ ଅନୁଚ୍ଛେଦ ୧୪୨ ଲାଗୁହେବ। ସେହିପରି 'ବୁଲ୍‌ଡୋଜର ନ୍ୟାୟ' କଥା ଉଠାଇ ଆଶ୍ରୟ ଅଧିକାରକୁ ସର୍ବୋପରି ବୋଲି ସିଜେଆଇ କହିଛନ୍ତି।

## ସଂକ୍ଷେପରେ

### ଇସ୍ରୋର ପିଏସ୍ଏଲ୍‌ଭି-ସି୬୧ ମିଶନ ବିଫଳ

**ଶ୍ରୀହରିକୋଟା,୧୮।୫**

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚପ୍ୟାଡ୍‌ରୁ ରବିବାର ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ୧୦୧ତମ ମିଶନ ବିଫଳ ହୋଇଛି। ନିର୍ଦ୍ଧାରିତ ସମୟ ସକାଳ ୫ଟା ୫୯ ମିନିଟ୍‌ରେ ଏହାର ପିଏସ୍ଏଲ୍‌ଭି-ସି୬୧ ରକେଟ୍ ଭୂ-ପର୍ଯ୍ୟବେକ୍ଷଣ ସାଟେଲାଇଟ୍ (ଇଓଏସ୍-୦୯)କୁ ନେଇ ମହାକାଶ ଅଭିମୁଖେ ଯାତ୍ରା କରିବାର ପ୍ରାୟ ୧୬ ମିନିଟ୍ ପରେ ମିଶନ ବିଫଳ ହୋଇଥିବା ଇସ୍ରୋ ଅଧ୍ୟକ୍ଷ ଏନ. ନାରାୟଣନ୍ ଘୋଷଣା କରିଥିଲେ। ଏହି ମିଶନରେ ବୈଜ୍ଞାନିକମାନେ ଏକ ସବୁଦିନିଆ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍‌କୁ ସନ୍‌ସିନକ୍ରୋନୋସ୍ ପୋଲାର ଅର୍ବିଟ୍ (ଏସ୍‌ପିଓ)ରେ ଅବସ୍ଥାପିତ କରିବାକୁ ଯାଉଥିଲେ। ୪ ପର୍ଯ୍ୟାୟ ବିଶିଷ୍ଟ ପିଏସ୍ଏଲ୍‌ଭି ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ସ୍ୱାଭାବିକ ପ୍ରଦର୍ଶନ କରିଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ ତୃତୀୟ ପର୍ଯ୍ୟନ୍ତ ଦହନ ବେଳେ ରକେଟ୍‌ଟି ଲକ୍ଷ୍ୟପଥରୁ ବିଚ୍ୟୁତ ହେବାରୁ ମିଶନ ବିଫଳ ହୋଇଥିଲା। ଇସ୍ରୋ ଏବେ ବିଫଳତାର ମୂଳ କାରଣ ଖୋଜି ବାହାର କରିବାକୁ ଉଦ୍ୟମ କରୁଛି, ଯାହା ଭବିଷ୍ୟତ ମିଶନର ସୁରକ୍ଷା ଓ ଅଧିକ ନିର୍ଭରଯୋଗ୍ୟତା ପାଇଁ ଗୁରୁତ୍ୱପୂର୍ଣ୍ଣ।

### ମଣିପୁରରେ ୩୫୦ ଉଗ୍ରପନ୍ଥୀ ଗିରଫ

**ଇମ୍ଫାଲ, ୧୮।୫ (ପି.ଟି.)**

ମଣିପୁରରେ ସୁରକ୍ଷା ବଳ ପକ୍ଷରୁ ଲୋକଙ୍କଠାରୁ ବଟି ଆଦାୟ କରୁଥିବା ୩୫୦ରୁ ଅଧିକ ଉଗ୍ରପନ୍ଥୀଙ୍କୁ ଗିରଫ କରାଯାଇଛି। ଗିରଫ ଉଗ୍ରପନ୍ଥୀମାନଙ୍କ ଏକ ଗ୍ୟାଙ୍ଗ୍ ମଣିପୁରର ଉପତ୍ୟକା ଅଞ୍ଚଳଗୁଡ଼ିକରେ ବିଭିନ୍ନ ବୈବାହିକ ଏବଂ ସମ୍ପତ୍ତି ସମ୍ପର୍କିତ ବିବାଦକୁ ସମାଧାନ କରିବା ନାଁରେ ବଟି ଆଦାୟ କରୁଥିଲେ। ଇମ୍ଫାଲର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଗତ ଫେବୃଆରୀରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ପରଠାରୁ ଏହି ଉଗ୍ରପନ୍ଥୀମାନଙ୍କୁ ଗିରଫ କରାଯାଇଛି। ରାଷ୍ଟ୍ରପତି ଶାସନ ଲାଗୁ ହେବା ପରଠାରୁ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ଉଗ୍ରପନ୍ଥୀ ଗୋଷ୍ଠୀଗୁଡ଼ିକୁ ଅନେକ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ଏପରି ସ୍ଥଳେ ସେମାନେ ବିଭିନ୍ନ ଉପାୟରେ ବଟି ଆଦାୟ କରି ଲୋକଙ୍କୁ ଶୋଷଣ କରିବା ଆରମ୍ଭ କରିଥିଲେ।

### ଜନ୍ ସୁରାଜ୍ ପାର୍ଟିରେ ଯୋଗଦେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆର୍‌ସିପି ସିଂ



**ପାଟନା, ୧୮।୫ (ପି.ଟି.)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆର୍‌ସିପି ସିଂ ରବିବାର ପ୍ରଶାନ୍ତ କିଶୋରଙ୍କ ଜନ୍ ସୁରାଜ ପାର୍ଟିରେ ଯୋଗ ଦେଇଛନ୍ତି। ଏହାସହ ତାଙ୍କ ଦଳ 'ଆପ୍ ସବ୍‌କୀ ଆୱାଜ୍'ର ଜନ୍ ସୁରାଜ ପାର୍ଟିରେ ବିଲୟ ହୋଇଥିବା ନେଇ ଏହି ଅବସରରେ ଆର୍‌ସିପି ଘୋଷଣା କରିଛନ୍ତି। ପ୍ରଶାନ୍ତଙ୍କ ସହ ମିଶି ବିହାରକୁ ବିକଶିତ ରାଜ୍ୟ ଭାବେ ଗଢ଼ିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ନାଳନ୍ଦାରୁ ଆସୁଥିବା ଉତ୍ତରପ୍ରଦେଶ କ୍ୟାଡର୍‌ର ପୂର୍ବତନ ଆଇଏଏସ୍ ଅଧିକାରୀ ଆର୍‌ସିପି ୨୦୧୦ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ଯୋଗଦେଇଥିଲେ। ସେ ୨ ଥର ରାଜ୍ୟ ସଭା ସଦସ୍ୟ ରହିଥିବା ସହ ଜେଡିୟୁ ରାଷ୍ଟ୍ରୀୟ ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୨୧ରୁ ୨୦୨୨ ପର୍ଯ୍ୟନ୍ତ ସେ ଭାରତର ଇସ୍ପାତ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୨୩ରେ ସେ ଜେଡିୟୁରୁ ଅଲଗା ହୋଇ ଭାଜପାରେ ଯୋଗ ଦେଇଥିଲେ। ଗତବର୍ଷ ନଭେମ୍ବରରେ ସେ ଭାଜପାରୁ ଇସ୍ତଫା ଦେଇ 'ଆପ୍ ସବ୍‌କୀ ଆୱାଜ୍' ନାମକ ଏକ ଦଳ ଗଢ଼ିଥିଲେ।

## ଅପରେଶନ ସିନ୍ଦୂର ବିରୋଧରେ ପୋଷ୍ଟ କରି ଅଶୋକା ୟୁନିଭର୍ସିଟି ପ୍ରଫେସର ଗିରଫ


ଅଲି ଖାନ୍ ମହମୁଦାବାଦ

**ସୋନିପତ୍,୧୮।୫ (ପି.ଟି.)**

ଭାରତୀୟ ସେନାର ଅପରେଶନ ସିନ୍ଦୂର ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଅଶୋକା ୟୁନିଭର୍ସିଟିର ରାଜନୀତି ବିଜ୍ଞାନ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଅଲି ଖାନ୍ ମହମୁଦାବାଦଙ୍କୁ ଶନିବାର ଗିରଫ କରାଯାଇଛି। ତାଙ୍କ ବିରୋଧରେ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବା ସମେତ କଠୋର ଅଭିଯୋଗରେ ୨ଟି ଏତଲା ଦାଏର ହୋଇଛି। ତେବେ ପୋଷ୍ଟକୁ ନେଇ ଭୁଲ୍ ବୁଝାମଣା ହୋଇଥିବା ମହମୁଦାବାଦ କହିବା ସହ ସେ ଅଭିବ୍ୟକ୍ତି ସ୍ୱାଧୀନତା ମୌଳିକ ଅଧିକାରର ଉପଯୋଗ କରିଥିବା ମତ ରଖିଥିଲେ ମଧ୍ୟ ହରିୟାଣା ରାଜ୍ୟ ମହିଳା କମିଶନ ତାଙ୍କୁ ନୋଟିସ୍ ଜାରି କରିଥିଲା। ମହିଳା କମିଶନ ଅଧ୍ୟକ୍ଷା ରେଣୁ ଭାଟିଆ ଓ ଅନ୍ୟମାନଙ୍କ ଅଭିଯୋଗକ୍ରମେ ମହମୁଦାବାଦଙ୍କ ବିରୋଧରେ ରାଇ ଥାନାରେ ୨ଟି ଏତଲା ଦାଏର କରାଯାଇଥିବା ଡିସିପି ନରେନ୍ଦ୍ର କଦ୍ୟାନ କହିଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ସେନାର ଅପରେଶନ ସିନ୍ଦୂରକୁ ନେଇ ୨ ମହିଳା ଅଫିସର କଲୋନେଲ ସୋଫିୟା କ୍ୟୁରେଶୀ ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂଙ୍କ ମିଡିଆ ବ୍ରିଫିଙ୍ଗ୍ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ବାସ୍ତବ ହୋଇ ନ ଥିଲେ, ଛଳନାତ୍ମକ ହେବ। ତାଙ୍କର ଏଭଳି ମନ୍ତବ୍ୟ ଜାତୀୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ବଦ୍‌ନାମ କରିବା ପାଇଁ ଉଦ୍ୟମ ବୋଲି କମିଶନ କହିଥିଲେ।


ଗାଜା ଷ୍ଟ୍ରିପ୍‌ର ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲୀ ସେନା ଆକ୍ରମଣ ପରେ ଆହତମାନେ ଚିକିତ୍ସା ପାଇଁ ଏକ କାର୍‌ରେ ଯାଉଛନ୍ତି।

## ବିଦେଶକୁ କୂଟନୈତିକ ପ୍ରତିନିଧି ପଠାଇବ ପାକିସ୍ତାନ

**ଇସ୍‌ଲାମାବାଦ,୧୮।୫ (ପି.ଟି.)**

**ପାକିସ୍ତାନର ଆଭିମୁଖ୍ୟକୁ ବିଶ୍ୱର କେତେକ ପ୍ରମୁଖ ରାଜଧାନୀରେ ପହଞ୍ଚାଇବା ଲକ୍ଷ୍ୟ**

ଆତଙ୍କବାଦକୁ ପାକିସ୍ତାନୀ ସେନା ଓ ସରକାରଙ୍କ ସମର୍ଥନ ଏବଂ ଏହା ବିରୋଧରେ ଭାରତର ନିରନ୍ତର ଲଢ଼େଇ ସମ୍ପର୍କିତ ବାର୍ତ୍ତା ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର ୭ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଗଠନ କରିଛନ୍ତି। ଏହି ଏମ୍‌ପିମାନଙ୍କ ପ୍ରତିନିଧିମଣ୍ଡଳୀ ବିଭିନ୍ନ ଦେଶକୁ ଯାଇ ଅପରେଶନ ସିନ୍ଦୂର ପରିପ୍ରେକ୍ଷୀରେ ଭାରତର ଆତଙ୍କବାଦ ନିରୋଧୀ ଅଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବେ। ଭାରତ ଏଭଳି ନିଷ୍ପତ୍ତି ନେବାର କିଛି ଘଣ୍ଟା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ନିଜ ଦେଶର ଆଭିମୁଖ୍ୟକୁ ବିଶ୍ୱର କେତେକ ପ୍ରମୁଖ ରାଜଧାନୀରେ ପହଞ୍ଚାଇବା ପାଇଁ କୂଟନୈତିକ ଟିମ୍ ପଠାଇବାକୁ ଘୋଷଣା କରିଛନ୍ତି। ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟି ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହେବା ପରେ ଶେହୱାଜ୍ ଏହି ନିଷ୍ପତ୍ତି ନେଇଛନ୍ତି। ଉକ୍ତ ହାଇଲେବଲ୍ କୂଟନୈତିକ ପ୍ରତିନିଧି ଦଳର ନେତୃତ୍ୱ ବିଲାୱାଲ ନେବେ। ଅନ୍ୟମାନଙ୍କ ମଧ୍ୟରେ ଶକ୍ତିମନ୍ତ୍ରୀ ମୁସାଦିକ ମଲିକ, ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜର ନେତା ଖୁରମ ଦସ୍ତଗିର ଖାନ୍, ସିନେଟର ଶେରୀ ରେହମନ, ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ହୀନା ରବ୍ବାନି ଖାର୍, ମୁତ୍ତାହିଦା କ୍ୱାମି ମୁଭ୍‌ମେଣ୍ଟର ସାଂସଦ ଫୈସଲ ସବ୍‌ୱାରି, ପୂର୍ବତନ ବହିର୍ବ୍ୟାପାର ସଚିବ ତେହମିନା ଜଞ୍ଜୁଆ ଏବଂ ଜଲିଲ ଆବ୍ବାସ ଜିଲାନି ସାମିଲ ହୋଇଛନ୍ତି। ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପାଇଁ ପାକିସ୍ତାନର ସଚ୍ଚୋଟ ଉଦ୍ୟମ ସମ୍ପର୍କରେ ପ୍ରତିନିଧି ଦଳ ବିଭିନ୍ନ ଦେଶକୁ ଜଣାଇବେ ବୋଲି ଶେହବାଜଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ଆମେରିକା, ବ୍ରିଟେନ, ବ୍ରୁସେଲ୍ସ, ଫ୍ରାନ୍ସ ଓ ରୁଷିଆ ଗସ୍ତ କରିବ।

## ଗାଜାରେ ଇସ୍ରାଏଲ ଆକ୍ରମଣ, ୧୦୩ ମୃତ

**ଖାନ୍ ୟୁନିସ୍, ୧୮।୫**

ଗାଜା ଷ୍ଟ୍ରିପ୍‌ରେ ଶନିବାର ମଧ୍ୟରାତ୍ରିଠାରୁ ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ୧୦୩ ଜଣଙ୍କର ମୃତ୍ୟୁ ଘଟିଛି। ଅସ୍ଥାୟୀ ଯୁଦ୍ଧ ବିରତିରେ ରାଜି ହେବା ପାଇଁ ହମାସ୍ ଉପରେ ଚାପ ବୃଦ୍ଧି କରିବାକୁ ଇସ୍ରାଏଲ ଲଗାତର ଗାଜା ଉପରେ ଆକ୍ରମଣ କରୁଥିବା ନେଇ ଗାଜାରେ କାର୍ଯ୍ୟରତ ଜଣେ ଡାକ୍ତର କହିଛନ୍ତି। ଗାଜା ଷ୍ଟ୍ରିପ୍‌ର ଅଲ୍ ମାୱସୀ ଅଞ୍ଚଳରେ ବିସ୍ଥାପିତ ପରିବାରଗୁଡ଼ିକ ରହୁଥିବା ଘର ଏବଂ ତମ୍ବୁଗୁଡ଼ିକୁ ଟାର୍ଗେଟ କରି ଇସ୍ରାଏଲ ଆକ୍ରମଣରେ ୨୦ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଉତ୍ତର ଗାଜାର ବିଭିନ୍ନ ସ୍ଥାନରେ ୩୫ ଏବଂ ଦକ୍ଷିଣ ଗାଜାର ଖାନ୍ ୟୁନିସ୍ ସହରରେ ୪୮ ଜଣଙ୍କର ମୃତ୍ୟୁ ଘଟିଛି।

## ଭାରତରେ ୩ ଆକ୍ରମଣରେ ସମ୍ପୃକ୍ତ ଶୀର୍ଷ ଲଶ୍କର ଆତଙ୍କବାଦୀ ନିହତ

**ନୂଆଦିଲ୍ଲୀ,୧୮।୫**


ସୈଫୁଲ୍ଲା ଖାଲିଦ୍

ପାକିସ୍ତାନର ସିନ୍ଦ୍ ପ୍ରଦେଶରେ ଲଶ୍କର-ଇ-ତୋଇବାର ଶୀର୍ଷ ଆତଙ୍କବାଦୀ ସୈଫୁଲ୍ଲା ଖାଲିଦ୍ ଅଜଣା ଆତତାୟୀ ଆକ୍ରମଣରେ ନିହତ ହୋଇଛନ୍ତି। ସେ ୨୦୦୫ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଭାରତୀୟ ବିଜ୍ଞାନ କଂଗ୍ରେସ ଉପରେ ଆକ୍ରମଣ, ୨୦୦୬ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍ଏସ୍)ର ନାଗପୁର ମୁଖ୍ୟାଳୟ ଆକ୍ରମଣ ଏବଂ ୨୦୦୮ରେ ରାମପୁରସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପ୍ ଉପରେ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ। ୩ଟି ଆକ୍ରମଣରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ନେପାଳରେ ରହି ସେ ଲଶ୍କର ସଂଗଠନ କାର୍ଯ୍ୟରେ ସହଯୋଗ କରୁଥିଲେ ଓ ଏହି ସଂଗଠନରେ ନିଯୁକ୍ତି ଦେବା ଓ ଲଜିଷ୍ଟିକ୍ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।

## ଶେଖ୍ ହାସିନା ଭୂମିକାରେ ଅଭିନୟ କରିଥିବା ନୁସ୍‌ରତ ଫାରିଆ ଗିରଫ

**ଢାକା,୧୮।୫**

ଶେଖ୍ ମୁଜିବୁର ରହମାନଙ୍କ ଜୀବନୀ ଉପରେ ନିର୍ମିତ ଚଳଚ୍ଚିତ୍ର 'ମୁଜିବ୍: ଦି ମେକିଂ ଅଫ୍ ଏ ନେଶନ'ରେ ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଭୂମିକାରେ ଅଭିନୟ କରିଥିବା ଲୋକପ୍ରିୟ ଅଭିନେତ୍ରୀ ନୁସ୍‌ରତ ଫାରିଆଙ୍କୁ ହତ୍ୟା ଉଦ୍ୟମ ମାମଲାରେ ରବିବାର ଢାକା ବିମାନବନ୍ଦରରୁ ଗିରଫ କରାଯାଇଛି। ଗତବର୍ଷ ଜୁଲାଇରେ ହାସିନାଙ୍କ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ନୁସ୍‌ରତ ଏକ ହତ୍ୟା ମାମଲା ସହ ଜଡ଼ିତ ଥିବା ଅଭିଯୋଗ ହୋଇଥିଲା। ରବିବାର ସକାଳେ ୩୧ ବର୍ଷୀୟା ଅଭିନେତ୍ରୀ ଥାଇଲାଣ୍ଡ ଯିବା ପାଇଁ ଶାହଜାଲାଲ୍ ଅନ୍ତର୍ଜାତୀୟ



ବିମାନବନ୍ଦରରେ ପହଞ୍ଚିଥିବାବେଳେ ଇମିଗ୍ରେଶନ ଚେକ୍‌ପଏଣ୍ଟରୁ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଥିଲା।

## ୧୭ ଏମ୍‌ପିଙ୍କୁ ମିଳିବ ସାଂସଦରତ୍ନ ପୁରସ୍କାର

**ନୂଆଦିଲ୍ଲୀ,୧୮।୫ (ପି.ଟି.)**

କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ପାର୍ଲାମେଣ୍ଟର ୧୭ ଜଣ ସଦସ୍ୟ ଏବଂ ୨ଟି ସଂସଦୀୟ ସ୍ଥାୟୀ କମିଟିକୁ ଚଳିତ ବର୍ଷର ସାଂସଦରତ୍ନ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରାଇମ୍ ପଏଣ୍ଟ ଫାଉଣ୍ଡେଶନ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ଏମ୍‌ପିମାନଙ୍କୁ ପାର୍ଲାମେଣ୍ଟ ପ୍ରତି ସେମାନଙ୍କ ଅବଦାନ ପାଇଁ ପ୍ରଦାନ କରାଯାଇଥାଏ। ଜାତୀୟ ପଛୁଆ ବର୍ଗ କମିଶନ (ଏନ୍‌ସିବିସି) ଅଧ୍ୟକ୍ଷ ହଂସରାଜ ଅହିରଙ୍କ ଅଧ୍ୟକ୍ଷତାରେ ଜୁରୀ କମିଟି ପୁରସ୍କାର ପାଇବାକୁ ଥିବା ଏମ୍‌ପିମାନଙ୍କୁ ଚୟନ କରିଛି।

ସଂସଦୀୟ ଗଣତନ୍ତ୍ର ପ୍ରତି ଉଲ୍ଲେଖନୀୟ ତଥା କ୍ରମାଗତ ଅବଦାନ ପାଇଁ ଭର୍ତ୍ତୃହରିଙ୍କ ସମେତ ଏନ୍‌ସିପି(ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେ, ଆର୍‌ଏସ୍‌ପିର


ସୁପ୍ରିୟା ସୁଲେ


ଭର୍ତ୍ତୃହରି ମହତାବ


ବର୍ଷା ଗାଏକ୍ୱାଡ୍

ଏନ୍.କେ. ପ୍ରେମଚନ୍ଦ୍ରନ ଏବଂ ଶ୍ରୀରଙ୍ଗ ଆପ୍ପା ବର୍ନେଙ୍କୁ ପୁରସ୍କୃତ କରାଯିବ। ଷୋଡ଼ଶ ଏବଂ ସପ୍ତଦଶ ଲୋକ ସଭାରେ ଏହି ୪ ଏମ୍‌ପିଙ୍କ ପ୍ରଦର୍ଶନ ଶୀର୍ଷସ୍ଥାନରେ ରହିଥିଲାବେଳେ ଚଳିତ ଲୋକ ସଭାରେ ମଧ୍ୟ ଉନ୍ନତ ପ୍ରଦର୍ଶନ ଜାରି ରହିଛି। ପୁରସ୍କୃତ ହେବାକୁ ଥିବା ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ସ୍ମିତା ୱାଘ (ଭାଜପା), ଅରବିନ୍ଦ ସାୱନ୍ତ (ଶିବସେନା ୟୁବିଟି), ନରେଶ ଗନପତ ମହସ୍କେ(ଶିବସେନା), ବର୍ଷା ଗାଏକ୍ୱାଡ୍ (କଂଗ୍ରେସ), ମେଧା କୁଲକର୍ନି (ଭାଜପା), ପ୍ରବୀନ ପଟେଲ (ଭାଜପା), ରବି କିଶନ (ଭାଜପା), ନିଶିକାନ୍ତ ଦୁବେ(ଭାଜପା), ପି.ପି. ଚୌଧରୀ(ଭାଜପା), ମଦନ ରାଠୋର (ଭାଜପା), ସି.ଏନ୍. ଆନ୍ନାଦୁରାଇ(ଡିଏମ୍‌କେ) ଏବଂ ଦିଲୀପ ସାଇକିଆ(ଭାଜପା)। ଅର୍ଥ ଏବଂ କୃଷି ବିଭାଗୀୟ ଷ୍ଟାଣ୍ଡିଂ କମିଟିକୁ ମଧ୍ୟ ଏହାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯିବ। ଅର୍ଥ ସ୍ଥାୟୀ କମିଟିର ଅଧ୍ୟକ୍ଷ ଭର୍ତ୍ତୃହରି ରହିଥିବାବେଳେ କୃଷି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ କଂଗ୍ରେସର ଚରନ୍‌ଜିତ ସିଂ ଚନ୍ନି ଅଛନ୍ତି।

# ଅଧିକାରୀଙ୍କ ଭୁଲ୍ ପାଇଁ ସରକାର ଗଣିବେ ୨୦ କୋଟିର ଡଣ୍ଡ

## କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥର କୁପରିଚାଳନା

ଭୁବନେଶ୍ୱର,୧୮।୫(ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍ଏସ୍) ଅର୍ଥ କିଭଳି ଖର୍ଚ୍ଚ କରାଯିବ, ସେନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଉଛି। ଏ ସଂକ୍ରାନ୍ତରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ମଧ୍ୟ ଜାରି ହୋଇଛି। ଏହାସହିତ ମୁଖ୍ୟ ଶାସନ ସଚିବ ଓ ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ବସି ସବୁ ବିଭାଗର ଅର୍ଥ ପରାମର୍ଶଦାତାଙ୍କୁ ସଚେତନ କରାଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ ଅର୍ଥ ପରାମର୍ଶଦାତାମାନେ ତାଙ୍କର ଦାୟିତ୍ୱ ଠିକଣା ଭାବେ ନିର୍ବାହ କରୁ ନ ଥିବାରୁ ଏବେ ରାଜ୍ୟ ସରକାରଙ୍କୁ ପ୍ରାୟ ୨୦କୋଟି ଟଙ୍କାର ସୁଧ ଗଣିବାକୁ ପଡ଼ିଛି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟଶାସନ ସଚିବଙ୍କୁ ଅବଗତ କରାଯିବା ପରେ ଅର୍ଥ ବିଭାଗ ପକ୍ଷରୁ ଚଳିତମାସ ୧୬ ତାରିଖରେ ପୃଥକ୍ ଭାବେ ବିଭାଗସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ କେନ୍ଦ୍ରୀୟ ଅର୍ଥ କିଭଳି ଠିକଣା ଭାବେ ପରିଚାଳନା ହେବ ସେନେଇ ଗୁରୁତ୍ୱ ଦିଆଯାଇଛି।

ବୈଠକର ସୂଚନା ଅନୁଯାୟୀ, କେତେକ ବିଭାଗ ବର୍ଷ ବର୍ଷ ଧରି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥକୁ ଖର୍ଚ୍ଚ କରିପାରୁ ନାହାନ୍ତି। ମାର୍ଗଦର୍ଶିକା ଅନୁଯାୟୀ ଯଦି କୌଣସି ବିଭାଗ ଠିକଣା ସମୟରେ ଖର୍ଚ୍ଚ ନ କରିବ, ତେବେ ସିଙ୍ଗିଲ ନୋଡାଲ ଆକାଉଣ୍ଟ(ଏସ୍ଏନ୍ଏ)କୁ ବଳକା ଅର୍ଥ ଫେରାଇବାକୁ ବାଧ୍ୟ। ହେଲେ ୧୫ଟି ବିଭାଗର ଅର୍ଥ ପରାମର୍ଶଦାତା ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଧ୍ୟାନ ଦେଇନାହାନ୍ତି। ଫଳରେ ଯେତିକି ଦିନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥ ଫେରାଇବାରେ ବିଳମ୍ବ ହୋଇଛି, ତା'ର ୭ ପ୍ରତିଶତ ସୁଧ ବାବଦକୁ ୧୫ଟି ବିଭାଗକୁ ୧୯କୋଟି ୫୮ଲକ୍ଷ ୯୪ହଜାର ୮୫୩ଟଙ୍କାର ସୁଧ ଗଣିବାକୁ ପଡ଼ିବ ବୋଲି ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ କେନ୍ଦ୍ର ପକ୍ଷରୁ ଯେଉଁ ରାଜ୍ୟ ଭିତରେ ଖାଦ୍ୟଶସ୍ୟ ବଣ୍ଟନ ତଥା ସାଧାରଣ ସାମଗ୍ରୀ ବଣ୍ଟନ ପାଇଁ ଅର୍ଥ ଯୋଗାଣ ହୋଇଥିଲା, ତା'ର ପରିଚାଳନା ଅଭାବ ପାଇଁ ଦୁଇଟି ପର୍ଯ୍ୟାୟରେ ସୁଧ ବାବଦକୁ ୨କୋଟି ୯୬ଲକ୍ଷ ୨୦ହଜାର ୧୯୫ ଟଙ୍କା ଏବଂ ୨କୋଟି ୩ଲକ୍ଷ ୪୨ହଜାର ୧୪୩ ଟଙ୍କା ସୁଧ ଦେବାକୁ ପଡ଼ିବ। ସେହିପରି ସମଗ୍ର ଶିକ୍ଷା ଯୋଜନାରେ କେନ୍ଦ୍ର ଦେଇଥିବା ଅର୍ଥ ଖର୍ଚ୍ଚ ନ ହେବା ତଥା ସମୟ ଭିତରେ ଅର୍ଥ ଫେରସ୍ତ ନ ହେବା ଯୋଗୁ ୧କୋଟି ୮୧ଲକ୍ଷ ୫୬ହଜାର ୩୭୬ଟଙ୍କାର ସୁଧ ଗଣିବାକୁ ପଡ଼ିବ। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଦୁଇଟି ପର୍ଯ୍ୟାୟରେ ୧କୋଟି ୫୪ଲକ୍ଷ ୩୮ହଜାର ଟଙ୍କା ଏବଂ ୧କୋଟି ୫୧ଲକ୍ଷ ଟଙ୍କାର ସୁଧ ଦେବାକୁ ପଡ଼ିବ। ଏହାବାଦ୍ କୃଷି, ଜଳସମ୍ପଦ, ପଞ୍ଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି, ସ୍ୱାସ୍ଥ୍ୟ, ଗୃହ, ନଗର ଉନ୍ନୟନ, ଜଙ୍ଗଲ ଓ ପରିବେଶ, ଉଚ୍ଚଶିକ୍ଷା, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ବହୁ କୋଟି ଟଙ୍କାର ସୁଧ ଦିଆଯିବ। ସେସବୁ ସରକାର ଏବେ ରାଜକୋଷରୁ ଗଣିବେ ବୋଲି ଜଣାଯାଇଛି।

# ବୌଦ୍ଧ ଜିଲାକୁ ଉନ୍ନତିର ଶିଖରରେ ପହଞ୍ଚାଇବୁ



ସମୀକ୍ଷା ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟମାନେ।

## ମୁଖ୍ୟମନ୍ତ୍ରୀଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ/ହରଭଙ୍ଗା,୧୮।୫ (ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ବୌଦ୍ଧ ଜିଲା ଗସ୍ତ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ସମୟରେ ବୌଦ୍ଧରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଜିଲାପାଳଙ୍କ ସଦ୍ଭାବନା ଗୃହରେ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଜିଲାର ସମସ୍ତ ବିଭାଗର ଉନ୍ନତିମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ବୌଦ୍ଧ ଜିଲାର ଉନ୍ନତି ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଜିଲାକୁ ଉନ୍ନତିର ଶିଖରରେ ପହଞ୍ଚାଯିବ ଏବଂ ବୌଦ୍ଧ ଜିଲାକୁ ଆଦର୍ଶ ଜିଲା ଭାବେ ଗଢିତୋଳିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଜିଲାର ଗମନାଗମନ ପାଇଁ ୨୮ କୋଟି ଟଙ୍କାର ଶିଳାନ୍ୟାସ କରାଯାଇଥିବା କହିବା ସହ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ନୂଆ ବସଷ୍ଟାଣ୍ଡ କାମ ସରିଥିବାବେଳେ ଏହି ପ୍ରକଳ୍ପଗୁଡିକ ଖୁବ୍ ଶୀଘ୍ର ଉଦ୍‌ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କଠାରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ତଥ୍ୟ ନେବା ସହ ଅଗ୍ରଗତି ଉପରେ ପଚାରି ବୁଝିଥିଲେ। ଯେଉଁ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି ତୁରନ୍ତ ସାରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୁବ୍‌ଶୀଘ୍ର ନୟାଗଡରୁ ବୌଦ୍ଧକୁ ରେଳ ଗଡିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବୈଠକରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଆରକ୍ଷୀ ମହାନିରୀକ୍ଷକ ନୀତିଶେଖର, ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ସରସରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏହାପରେ ଅପରେଶନ ସିନ୍ଦୂରର ସଫଳତାରେ ଭାରତୀୟ ସୈନ୍ୟବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ ସରସରା ଅଞ୍ଚଳ ପରିକ୍ରମା କରିଥିଲେ।

# ସରକାରଙ୍କ ନିୟନ୍ତ୍ରଣରେ ରହିବ ଘରୋଇ ଆମ୍ବୁଲାନ୍ସ ସେବା



ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଅଶ୍ୱଥି ଏସ.ଙ୍କ ସହ ବିଭାଗୀୟ ଅଧିକାରୀ।

- ଓଡ଼ିଶା ଯାତ୍ରୀ ଆପ୍ ସହିତ ଲିଙ୍କ୍ ହେବ
- ଆମ୍ବୁଲାନ୍ସ ଭଡ଼ା ନିର୍ଦ୍ଧାରଣ ଲାଗି ଆସିବ ଏସ୍ଓପି

ଭୁବନେଶ୍ୱର, ୧୮।୫ (ବନ୍ଦନା ସେଠୀ)

ଓଡ଼ିଶାରେ ଜରୁରୀ ଚିକିତ୍ସା ପରିବହନ ସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ବେସରକାରୀ ବା ଘରୋଇ ଆମ୍ବୁଲାନ୍ସ ସେବାକୁ ନିୟନ୍ତ୍ରଣ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ସୁଗମ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ଖାରବେଳ ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେସରକାରୀ ଆମ୍ବୁଲାନ୍ସଗୁଡିକ ବିଶେଷକରି ଗ୍ରାମାଞ୍ଚଳରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ତେଣୁ ବେସରକାରୀ ଆମ୍ବୁଲାନ୍ସ ସେବାରେ ପାରଦର୍ଶିତା, ସମରୂପ ଚାଳନା ଓ ସ୍ୱଳ୍ପ ସମୟରେ ସେବା ପ୍ରଦାନ ନିମିତ୍ତ ଏକ ନୂତନ ନୀତି ପ୍ରସ୍ତୁତ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସମସ୍ତ ନିବନ୍ଧିତ ଆମ୍ବୁଲାନ୍ସକୁ ଭେହିକଲ ଲୋକେଶନ ଟ୍ରାକିଂ ସିଷ୍ଟମ (VLTS) ସହିତ ଏକତ୍ର କରାଯିବ, ଯାହାଦ୍ୱାରା ଜିପିଏସ୍‌ଭିତ୍ତିକ ନିରୀକ୍ଷଣ ଓ ତ୍ୱରିତ ସେବା ପ୍ରଦାନ ସମ୍ଭବ ହେବ। ଏଥିପାଇଁ ଓଡ଼ିଶା ଯାତ୍ରୀ ଆପ୍ ସହିତ ଆମ୍ବୁଲାନ୍ସ ସେବାକୁ ଲିଙ୍କ୍ କରିବା ନେଇ ଆଲୋଚନା ହୋଇଥିଲା। ଏହାଦ୍ୱାରା ନାଗରିକମାନେ ସହଜରେ ଆମ୍ବୁଲାନ୍ସ ବୁକ୍ କରିପାରିବେ ଓ ସେବା ଉପଲବ୍ଧି କରିପାରିବେ। ସେହିପରି ଅଧିକ ବା ମନଇଚ୍ଛା ଭଡ଼ା ନିଆଯାଉଥିବା ବାରମ୍ବାର ଅଭିଯୋଗ ଆସୁଥିବାରୁ ଏହି ଧାରାରେ ବ୍ରେକ୍ ଲଗାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆମ୍ବୁଲାନ୍ସ ଭଡ଼ା ନିୟନ୍ତ୍ରଣ ତଥା ନିର୍ଦ୍ଧାରଣ ପାଇଁ ଏକ ଏସ୍ଓପି ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ., ଏନ୍ଏଚ୍ଏମ୍ ଏମ୍‌ଡି ଡା. ବୃନ୍ଦା ଡି., ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଅତିରିକ୍ତ ଡିଏମ୍ଇଟି ଡା. ଉମାକାନ୍ତ ଶତପଥୀ, କ୍ୟାପିଟାଲ ହସ୍ପିଟାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡ. ଧନଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ପଡ଼ି ଶିଶୁପୁତ୍ର ମୃତ

ସୋର,୧୮।୫(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ପାଖର ପଞ୍ଚାୟତ କଳମଙ୍ଗା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ନିକଟରେ ଥିବା ଏକ ପୋଖରୀରେ ପଡ଼ି ଜଣେ ୨ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ପୁତ୍ର ହେଲେ ଶ୍ରୀକାନ୍ତ ବେହେରାଙ୍କ ପୁଅ ଆୟୁଷ୍ମାନ। ମଧ୍ୟାହ୍ନରେ ଶିଶୁଟି ଖେଳୁଥିବା ବେଳେ ଘର ପଛପଟ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ପୋଖରୀରୁ ଆୟୁଷ୍ମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଜୀବନଗଲା

- ୧୧ କେଭି ବିଦ୍ୟୁତ୍ ତାର ଲାଗି ଯୁବକଙ୍କ ମୃତ୍ୟୁ, ଜଣେ ଗୁରୁତର
- କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ, ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

କୋରେଇ/ଆନନ୍ଦପୁର/ଘସିପୁରା,୧୮।୫ (ଚନ୍ଦ୍ରକାନ୍ତ ପତି/ସୁଶାନ୍ତ ସାହୁ/ନିରଞ୍ଜନ ସାହୁ)



କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିବା ଗ୍ରାମବାସୀ।



ଶୁଭମ୍ ସାହୁ

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ସାଙ୍ଗଙ୍କ ଜୀବନ ଯାଇଛି। କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ବଡ଼ପଦନା ଗାଁରେ ଶନିବାର ରାତିରେ ଏଭଳି ଦୁଃଖଦ ଘଟଣା ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର ଶୁଭମ୍ ସାହୁ(୧୯)। ଏହି ଘଟଣା ପରେ ରବିବାର କ୍ଷତିପୂରଣ ଦାବିରେ ବଡ଼ପଦନା ଗ୍ରାମବାସୀ ଯାଜପୁର ଜିଲା ଅନ୍ଧାରୀ ନିକଟରେ ଥିବା ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏଥିସହିତ ୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ପୋଲିସ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ସୂଚନା ଅନୁସାରେ, ବଡ଼ପଦନା ଗାଁର ଶୁଭମ ସାହୁ ଓ ମାନସ ସାହୁ(୧୯) ତାଙ୍କ ସାଙ୍ଗ ବ୍ରଜକିଶୋର ସାହୁ ଓରଫ କାଳିଆଙ୍କ ଜନ୍ମ ଦିନ ଅବସରରେ ଶନିବାର ରାତି ପ୍ରାୟ ୯ଟାରେ ବଜାର ଆସିଥିଲେ। ସେମାନେ ଗାଁଠାରୁ ୨ କି.ମି. ଦୂର ଯାଜପୁର ଜିଲା ଅନ୍ଧାରୀ ଛକଠାରେ ଏକ ହୋଟେଲରୁ କିଛି ଖାଦ୍ୟ କିଣି ସେଠାରେ ଥିବା ସୁବ୍ରତ ସାମଲଙ୍କ ମାର୍କେଟ କମ୍ପ୍ଲେକ୍ସ ଛାତରେ ବସି ଖାଇବାକୁ ଯାଇଥିଲେ। ଏହି ସମୟରେ ମାନସ ଛାତ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ଶୁଭମ ମଧ୍ୟ ବିଦ୍ୟୁତ୍ ତା'ର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ଉଭୟ ଗୁରୁତର ହୋଇଥିଲେ। ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୁଭମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମାନସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସକାଳୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ କ୍ଷତିପୂରଣ ଦାବିରେ ବଡ଼ପଦନା ଗ୍ରାମବାସୀ ଅନ୍ଧାରୀ ନିକଟରେ ଥିବା ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। କାର୍ଯ୍ୟାଳୟ ଆଗରେ ମୃତଦେହ ରଖିବା ସହ ସେଠାରେ ଜାତୀୟ ରାଜପଥ ୨୦କୁ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଦୀର୍ଘସମୟ ଧରି ଅଟକି ରହିଥିଲା। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଖବର ପାଇ ଯାଜପୁରରୋଡ୍ ସ୍ଥିତ ବିଦ୍ୟୁତ୍ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲୀପ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ୨୦ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିଥିଲେ। ଏଥିସହିତ ବିଦ୍ୟୁତ୍ ବିଭାଗର ନିୟମ ଅନୁସାରେ ଉପଯୁକ୍ତ କ୍ଷତି ପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ରାସ୍ତା ଅବରୋଧ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଖବରପାଇ କୋରେଇ, ରାମଚନ୍ଦ୍ରପୁର ଏବଂ ଯାଜପୁରରୋଡ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।




# ଦିବ୍ୟାଙ୍ଗ କର୍ମଚାରୀଙ୍କ ପଦୋନ୍ନତି, ନିଯୁକ୍ତିରେ ୪% ସଂରକ୍ଷଣ ଦାବି

ଭୁବନେଶ୍ୱର,୧୮।୫(ସୁଚିସ୍ମିତା ସାହୁ)

ଦିବ୍ୟାଙ୍ଗ କର୍ମଚାରୀଙ୍କ ପଦୋନ୍ନତି ଏବଂ ସିଧାସଳଖ ନିଯୁକ୍ତିରେ ୪% ସଂରକ୍ଷଣ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ସେମାନଙ୍କ ଅଧିକାରର ନିରନ୍ତର ପ୍ରତ୍ୟାଖ୍ୟାନ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଆଦି ୩ ଦଫା ଦାବିକରି ଆସୁଛି ଉତ୍କଳ ଦୃଷ୍ଟିହୀନ ସଂଘ। ରବିବାର ଏନେଇ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘର କାର୍ଯ୍ୟାଳୟ ସମ୍ପାଦକ ଅଜିତ କୁମାର ବେହେରା କହିଛନ୍ତି, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨୦୧୬ ଅନୁସାରେ ରାଜ୍ୟରେ ନିଯୁକ୍ତି ଏବଂ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଠିକ ଭାବେ ଲାଗୁ ହେଉ ନାହିଁ। ନିଯୁକ୍ତିରେ ଅନେକ ସମୟରେ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥାକୁ ଭଲ ଭାବରେ ବୁଝି ତା'ର ଠିକ୍ କ୍ରିୟାନ୍ୱୟନ କରାଯାଉ ନାହିଁ। ସେଥିପାଇଁ ଅନେକ ସମୟରେ ନିଯୁକ୍ତି ପ୍ରକ୍ରିୟା ନ୍ୟାୟାଳୟରେ ବିଚାରାଧୀନ ରହି ଅହେତୁକ ବିଳମ୍ବ ହେଉଛି। ଦିବ୍ୟାଙ୍ଗ କର୍ମଚାରୀଙ୍କ ପଦୋନ୍ନତି ଏବଂ ସିଧାସଳଖ ନିଯୁକ୍ତିରେ ୪% ସଂରକ୍ଷଣ ବ୍ୟବସ୍ଥାକୁ ୩ ମାସ ଭିତରେ କାର୍ଯ୍ୟକାରୀ କରିବାକୁ ଗତବର୍ଷ ଜାନୁଆରୀରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ୧୫ ମାସ ବିତିଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଲା ନାହିଁ। ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ବଦଳରେ ଦିବ୍ୟାଙ୍ଗ ଅଧିକାର ଅଧିନିୟମ ପ୍ରସଙ୍ଗକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଉଛି। ବିଭିନ୍ନ ଆଳ ଦେଖାଇ ବାରମ୍ବାର ପ୍ରଶାସନିକ ବାଧା ସୃଷ୍ଟି କରାଯାଉଛି। ବିଭିନ୍ନ ବିଭାଗ ମଧ୍ୟରେ ବାରମ୍ବାର ସରକାରୀ ଚିଠି ଆଦାନ ପ୍ରଦାନ କରାଯାଇ ଘଟଣାକୁ ଜଟିଳ କରି ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ବୋଧହୁଏ ଭ୍ରମିତ କରାଯାଉଛି ବୋଲି ସଂଘ କୋଷାଧ୍ୟକ୍ଷ ଶୁଭ୍ରକାନ୍ତ ପାଣି ଏବଂ ଅଧିବକ୍ତା ରଜତ କୁମାର ମିଶ୍ର କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଦାବି ଉପସ୍ଥାପନା, ସ୍ଥାନ: ଆଇନ, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କ୍ୱାର୍ଟର, କ୍ୟାପିଟାଲ ହସ୍ପିଟାଲ ନିକଟ, ସମୟ: ସକାଳ ୯ଟା ୩୦ ।
- ଲୋକନାଥ ଚୌଧୁରୀ ସ୍ମାରକୀ ଟ୍ରଷ୍ଟ 'ଲୋକମତ' ପକ୍ଷରୁ ସପ୍ତମ ଲୋକନାଥ ସ୍ମାରକୀ ବକ୍ତୃତା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ।

## କଟକ
- କୃତୀ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ୪୨ ମୌଜା ଅଧୀନ ଗୋବିନ୍ଦପୁର, ସମୟ: ଅପରାହ୍ନ ୪ଟା ।
- କୃଷି ଯନ୍ତ୍ରପାତି ବିକ୍ରୟ କେନ୍ଦ୍ରର ଉଦଘାଟନ, ସ୍ଥାନ: କନ୍ଦରପୁର ସମବାୟ ସମିତି ପଡ଼ିଆ, ସମୟ ଅପରାହ୍ନ ୫ଟା ।
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦ ।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦ ।

## ପୁରୀ
- ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରୀ ଯାତ୍ରା, ଚାପଖେଳ, ସ୍ଥାନ: ଚନ୍ଦନ ପୋଖରୀ, ସମୟ: ଅପରାହ୍ନ ୫ଟା ।
- ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ଓ ସେବାୟତ ସଂଘ ପକ୍ଷରୁ ଚନ୍ଦନ ଯାତ୍ରା-୨୦୨୫ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା ।
- ମାନସ ଚିନ୍ତନ ଚକ୍ର ଆନୁକୂଲ୍ୟରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ଶ୍ରୀରାମ ମନ୍ଦିର, ସାକ୍ଷୀଗୋପାଳ, ସମୟ: ରାତି ୭ଟା ।
- ବଡଯାଗ ପକ୍ଷରୁ ଚନ୍ଦନ ଯାତ୍ରା ସାହିଯାତ ଓ ନାଗା ନୃତ୍ୟ, ସ୍ଥାନ: ଚନ୍ଦନ ମଣ୍ଡପ, ସାକ୍ଷୀଗୋପାଳ, ସମୟ: ରାତି ୧୦ଟା ।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ନୀଳଗିରି, ସମୟ: ସକାଳ ୭ଟା ।
- ଶିବ ପାର୍ବତୀ ବିବାହ ପାଇଁ ଲଗ୍ନଧରା କାର୍ଯ୍ୟକ୍ରମ,ସ୍ଥାନ: ଖରିଦା ଶକ୍ତିପୀଠ, ଜୟନଗର, ଅଞ୍ଚି, ବାହାନଗା,ସମୟ:ପୂର୍ବାହ୍ନ ୧୧ଟା ।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ସକାଳ ୭ଟା ।
- ଜିଲା ଯୁବ ଯାଦବ ସଂଘ ପକ୍ଷରୁ ଦହି ସର୍ବତ ବଣ୍ଟନର ଶୁଭାରମ୍ଭ, ସ୍ଥାନ: ଭଦ୍ରକ ବାଇପାସ୍, ସମୟ: ସକାଳ ୮ଟା ।
- ଭାଜପା ଓବିସି ମୋର୍ଚ୍ଚାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୬ଟା ।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ସକାଳ ୭ଟା ।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା ।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା ।
- ପଲ୍ଲୀଗୌରବ ହରମୋହନ ପୃଷ୍ଟିଙ୍କ ସ୍ମୃତିସଭା, ସ୍ଥାନ: ଡିହିରାକୁଳ ଭାଗବତ ଟୁଙ୍ଗି ପରିସର, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ,ସମୟ: ସକାଳ ୭ଟା ।

## ଜଗତ୍‌ସିଂହପୁର
- ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ, ସ୍ଥାନ: ଏରସମା ବ୍ଲକ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା ୩୦ ମିନିଟ୍ ।

## ଯାଜପୁର
- ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ପଣସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ : ସକାଳ ୮ଟା ।

## ନୟାଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ନୂଆଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା ।
- ଚନ୍ଦନଯାତ୍ରା ର ୨୦ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨୦ତମ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୨୦ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨୦ତମ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୨୦ ତମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୨୦ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା ।

## ରାୟଗଡ଼ା
- ପରାକ୍ରମ ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ପଦ୍ମପୁର ଗୁଣ୍ଡିଚା ମନ୍ଦିରରୁ ଆରମ୍ଭ, ସମୟ: ସକାଳ ୮ଟା ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀମଦ୍ ଭଗବତ କଥା ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ମୁନିଗୁଡା, ସମୟ: ସନ୍ଧ୍ୟା ୬ଟା ୩୦ ।

## ନବରଙ୍ଗପୁର
- ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ସକାଳ ୮ଟା ।
- ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ଖାତିଗୁଡ଼ାରୁ ତେନ୍ତୁଳିଖୁଣ୍ଟି, ସମୟ: ସକାଳ ୮ଟା ।

## କୋରାପୁଟ
- ହନୁମାନ ମନ୍ଦିର ପ୍ରତିଷ୍ଠା ନେଇ କଳସଯାତ୍ରା, ସ୍ଥାନ: ଚିଙ୍ଗୁଡ଼ିଗୁଆଁ, ନନ୍ଦପୁର ବ୍ଲକ, ସମୟ: ସକାଳ ୭ଟା ।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହିକିମପୁଟ ପଞ୍ଚାୟତ, ନନ୍ଦପୁର ବ୍ଲକ, ସମୟ: ସକାଳ ୯ଟା ।

## ସମ୍ବଲପୁର
- ସାଓଲିନ କୁଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର,ସ୍ଥାନ: ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଜୁଜୁମୁରା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ : ସକାଳ ୭ଟା ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।

## ବଲାଙ୍ଗୀର
- ଜିଲା ପ୍ରଶାସନ ପକ୍ଷରୁ ଲୋଇସିଂହାରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ସ୍ଥାନୀୟ ରାମ ମନ୍ଦିରରୁ ବସ୍ତି ପରିକ୍ରମା, ସମୟ: ସକାଳ ୮ଟା ।
- ଲୋଇସିଂହା ବ୍ଲକସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଲୋଇସିଂହା ବ୍ଲକ ପରିସର, ସମୟ: ସକାଳ ୮ଟା ୩୦ ମିନିଟ ।

## ରାଉରକେଲା
- ପାନପୋଷ ଉପଜିଲାପାଳଙ୍କୁ ଭେଟିବେ ଦୋକାନୀ, ସ୍ଥାନ: ଉଦିତନଗର, ସମୟ: ସକାଳ ୯ଟା ।
- ତୁର୍କୀ, ଆଜରବୈଜାନ୍ ଏବଂ ଚୀନ୍ ସାମଗ୍ରୀକୁ ବର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ବିର୍ସା ମୁଣ୍ଡା ଛକ, ସମୟ: ଅପରାହ୍ନ ୪ଟା ୩୦ ।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ସଦଭାବନା ଭବନ ସୁନ୍ଦରଗଡ, ସମୟ: ସକାଳ ୭ଟା ।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭା କକ୍ଷ, ସୋହେଲା,ସମୟ:ସକାଳ ୭ଟା ।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ସମୟ: ସକାଳ ୭ଟା ।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା ।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା ।
- ବେହେରାମାଲ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଗ୍ରାମ ପଞ୍ଚାୟତ ସଭାଗୃହ , ଡୁଙ୍ଗୁରିପାଲି, ସମୟ: ସକାଳ ୯ଟା ।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହଣ୍ଡୋପାଲି ଗାଁ, ସମୟ: ସକାଳ ୯ଟା ୩୦ ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ସକାଳ ୮ଟା ୪୧ ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡ଼େନ, ସମୟ: ସକାଳ ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରସ୍ଥ ଚନ୍ଦ୍ର ଆପଣଙ୍କ ଉଦ୍ୟମକୁ ଚରିତାର୍ଥ କରାଇବାରେ ସହାୟକ ହେବ । ଉଚ୍ଚମନ, ଉତ୍କୃଷ୍ଟ ବିଚାରଧାରା, ପାରିବାରିକ ସହଯୋଗରେ କାମ ହାସଲ କରିପାରିବେ । ସାମାଜିକ ସ୍ତରରେ ଉଚ୍ଚାସନ ଲାଭ କରିବେ । ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ବେଶ୍ ଭଲରେ ଚାଲିବ ।

**ବୃଷ** — ଆପଣଙ୍କ ଚିନ୍ତା ଓ ଯୋଜନାନୁଯାୟୀ ପ୍ରତ୍ୟେକ କାମ ଠିକ୍ ସମୟରେ ସମ୍ପନ୍ନ କରିପାରିବେ । କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବେ । ଆଇନ, ଯୋଗାଯୋଗ, ସଭାସମିତି, ଗଠନମୂଳକ କାମ ଓ ପ୍ରଶାସନିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଆସିବ । ବ୍ୟବସାୟିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବାର ସୂଚନା ରହିଛି ।

**ମିଥୁନ** — ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ ମତାନ୍ତର ଘଟିପାରେ । ପ୍ରତ୍ୟେକ କ୍ଷେତ୍ରରେ ପାଇବେ ଯେତିକି ତାହାଠାରୁ ଅଧିକ ଦେବାକୁ ପଡିପାରେ । ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ କଅଁଳିଆ କଥାରେ ମନେଇବାରେ ସମର୍ଥ ହେବେ । କର୍ମକ୍ଷେତ୍ରରେ ସମସ୍ୟାର ମୁକାବିଲା କଲେ କିଛି ସମୟ ପରେ ସଫଳତା ମିଳିବ ।

**କର୍କଟ** — କର୍ମକ୍ଷେତ୍ରର ପରିସ୍ଥିତି ଓ ପରିଣାମକୁ ଆଖିଆଗରେ ରଖି କାମ ନ କଲେ ଓଲଟା ଫଳ ପାଇବେ । ପ୍ରତ୍ୟେକ କ୍ଷେତ୍ରରେ ଅନୁସନ୍ଧାନ ନ କରି କୌଣସି ସିଦ୍ଧାନ୍ତରେ ଉପନୀତ ହେବା ଠିକ୍ ହେବ ନାହିଁ । ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଋଣ କରିବାକୁ ପଡିପାରେ । ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ ।

**ସିଂହ** — ଅଭାବବୋଧ ଲାଗି ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ । ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ ଭଲ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇଯିବେ । ଅତୀତ ଘଟଣାକୁ ମନେପକାଇ ମାନସିକ ଅଶାନ୍ତି ଅନୁଭବ କରିବେ । ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ ଦୋଦୁଲ୍ୟମାନ ଅବସ୍ଥାରେ ରଖିବ ।

**କନ୍ୟା** — ଶୁକ୍ରଙ୍କ ସ୍ଥିତି ମନରେ ଉତ୍ସୁକତା ଭରିଦେବା ସହ କାର୍ଯ୍ୟ ହାସଲରେ ସାହାଯ୍ୟ କରିବେ । ଦିନଟିରେ ଏମିତି କୌଣସି କାମ ନାହିଁ, ଯାହାକି ସହଜ ଓ ସୁବିଧାରେ ନ ହୋଇଛି ବୋଲି ଭାବି ପାରିବେ ନାହିଁ । ଯାହାକୁ ନିଜର ଭାବିବେ ସେ ସରଳତାର ସୁଯୋଗ ନେବାକୁ ପଛାଇବ ନାହିଁ । ନିର୍ମାଣ, ପରିବହନ, ମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତାରୁ ସୁଫଳ ପାଇବେ ।

**ତୁଳା** — ଆଶାନୁରୂପ କାର୍ଯ୍ୟ ହାସଲ କଲେ ମଧ୍ୟ ମନର ଭାବାବେଗ ସାମାନ୍ୟ ଅଶାନ୍ତ ରଖିବ । ଶାରିରୀକ ଅସୁସ୍ଥତା ସତ୍ତ୍ୱେ ଘରକାମ କରିବାକୁ ବାଧ୍ୟ ହେବେ । ବନ୍ଧୁକୁ ସତ କହିବା ହେତୁ ଭୁଲ୍ ବୁଝାମଣାର ପରିସ୍ଥିତି ସୃଷ୍ଟି ହୋଇପାରେ । କେତେକ କ୍ଷେତ୍ରରେ ଭଲକୁ ମନ୍ଦ ଜ୍ଞାନରେ ଗ୍ରହଣ କରି ମାନସିକ ସନ୍ତୁଳନ ହରାଇପାରନ୍ତି ।

**ବିଛା** — ଆଜି ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି କହିବା ଭଲ ହେବ । ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରରେ ବହୁଦିନର ମନାନ୍ତରର ସମାଧାନ ହୋଇଯିବ । ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବା ଯୋଗୁ ସାମୟିକ ଖୁସି ରହିବେ । ନୂତନ ବନ୍ଧୁସମ୍ପର୍କ, ବ୍ୟବସାୟିକ ଉତ୍କର୍ଷ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହେତୁ ମନ ପ୍ରଫୁଲ୍ଲ ରହିବ ।

**ଧନୁ** — ମନ ଭିତରର ଗୋପନକଥାକୁ ଅନ୍ୟ ସମ୍ମୁଖରେ ପ୍ରକାଶ କରି ସମସ୍ୟାକୁ ଆମନ୍ତ୍ରଣ କରିପାରନ୍ତି । ରପ୍ତାନି ବାଣିଜ୍ୟ ଓ ପରିବହନରେ କେତେକ ଆଧୁନିକୀକରଣ କରିପାରନ୍ତି । ନିର୍ମାଣ କ୍ଷେତ୍ରରେ ଆବଶ୍ୟକ ଜିନିଷ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିପାରେ । ଫେରନ୍ତା ବାଟରେ ଘର ପାଇଁ ମନଲାଖି ଜିନିଷ କିଣିବା ସକାଶେ ମନ ବଳିବ ।

**ମକର** — ଦିନ ତମାମ କଠୋର ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ । ଆଗାମୀ ମାଙ୍ଗଳିକ ଉତ୍ସବକୁ ନେଇ ନିର୍ମାଣାଧୀନ ଗୃହ, ଯାନବାହନାଦିକୁ ଶେଷ ସ୍ପର୍ଶ ଦେଇପାରନ୍ତି । ବନ୍ଧୁମାନେ ଛୋଟ କଥାକୁ ବଡ଼କରି ସମସ୍ୟା ଭିତରକୁ ଟାଣି ନେଇପାରନ୍ତି । ଖଳଲୋକଙ୍କ କାନକୁହା କଥାରେ ପାରିବାରିକ ଅଶାନ୍ତି ଉପୁଜିପାରେ ।

**କୁମ୍ଭ** — ଘରେ ଅଶାନ୍ତି ପୂର୍ବପରି ଲାଗିରହୁଥିବା କାରଣରୁ ମନ ଭଲ ରହିବ ନାହିଁ । ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତିଲାଭ କରିବେ । ଅଫିସ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବା ସାଙ୍ଗକୁ କ୍ରମଶଃ ସମସ୍ୟା ଦୂରେଇ ଯିବାର ଅନୁଭବ କରିବେ । ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ସମସ୍ୟା ସମାଧାନ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି ।

**ମୀନ** — ଆପଣଙ୍କ ଲୋକପ୍ରିୟତା ଓ ନୂତନ ବନ୍ଧୁ ସମ୍ପର୍କ ପ୍ରତି ଅନ୍ୟମାନେ ଈର୍ଷାପରାୟଣ ହେବେ । କାର୍ଯ୍ୟବ୍ୟସ୍ତତା କାରଣରୁ ପରିବାର ପାଇଁ ସମୟ ଦେଇ ପାରିବେ ନାହିଁ । ବୃତ୍ତି, ବାଣିଜ୍ୟ, ଆଲୋଚନା, ଆନୁଷ୍ଠାନିକ କାମ ଭଲ ରହିବ । କଳା, ସାହିତ୍ୟ, ସାମ୍ବାଦିକତାରେ ସଫଳତା ସାଙ୍ଗକୁ ବନ୍ଧୁମିଳନର ସମ୍ଭାବନା ମଧ୍ୟ ରହିଛି ।

ଆଜି ମେ ୧୯ ତାରିଖ, ଶ୍ରୀକ୍ଷେତ୍ରେ ଭଉଁରୀ, ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ସୋମବାର । ରାଶିନକ୍ଷତ୍ର-ଶ୍ରବଣା/ମକର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୮.୪୧ ଗତେ ଘ.୧୦.୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୦ ଗତେ ଘ.୦୮.୨୮ ମଧ୍ୟେ ରାହୁ କାଳ ।

# ଆମ୍ବୁଲାନ୍ସ ଧକ୍କାରେ ମହିଳା ମୃତ, ୨ ଗୁରୁତର

**କୋଡ଼ିଙ୍ଗା,୧୮।୫ (ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାଲେଙ୍ଗା ନିକଟରେ ରବିବାର ଅପରାହ୍ନରେ ଏକ ଆମ୍ବୁଲାନ୍ସ ସହ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି । ମୃତ ମହିଳା ହେଲେ ସାନଗୁମୁଡ଼ା ଗ୍ରାମର ମଙ୍ଗଳଦେଈ ମିର୍ଗାନ(୪୫) । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା କୋଡ଼ିଙ୍ଗା ଥାନା ଏଏସ୍‌ଆଇ ଶୁକଦେବ ଛତ୍ରିଆ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ସାନଗୁମୁଡ଼ା ଗ୍ରାମର ମଙ୍ଗଳଦେଈ ସ୍ୱାମୀ ଡଲା ମିର୍ଗାନ ଓ ଗ୍ରାମର ଅନ୍ୟଜଣେ ଯୁବକ ପିଣ୍ଟୁ ମିର୍ଗାନଙ୍କ ସହ କୌଣସି କାମରେ ବାଇକ୍ ଯୋଗେ କୋଷାଗୁମୁଡ଼ା ଯାଉଥିଲେ । ଅପରପକ୍ଷେ କୋଷାଗୁମୁଡ଼ାରୁ ଏକ ଆମ୍ବୁଲାନ୍ସ ରୋଗୀଙ୍କୁ ନେବା ପାଇଁ କୋଟାଗାଁ ଅଭିମୁଖେ ଆସୁଥିବାବେଳେ ବାଲେଙ୍ଗା ନିକଟରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା । ଘଟଣାସ୍ଥଳରେ ମଙ୍ଗଳଦେଈଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀଙ୍କ ହାତ ଏବଂ ପିଣ୍ଟୁଙ୍କ ଗୋଡ଼ ଭାଙ୍ଗିଯାଇଥିବା ସୂଚନା ମିଳିଛି । ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବିଛୁଆତି, ବାଇଡ଼ଙ୍କର ନାତି ।**

ବିଛୁଆତି ଦେହରେ ଲାଗିଲେ ଭାରି କୁଣ୍ଡେଇ ହୁଏ । ଦେହରେ ଠା ଠା ହୋଇ ଫଳିଯାଏ । ସେହିପରି ବାଇଡ଼ଙ୍କ ଆଂଶୁ ଦେହରେ ବାଜିଲେ ଦେହ ହାତ କୁଣ୍ଡାଇ ହୁଏ ଏବଂ ଦେହ ଫଳିଯାଏ । ଦୁଷ୍ଟାମୀରେ ଏକୁ ଆରେକ ବଳିୟାର । ଜଣେ ଦୁଷ୍ଟ ହେଲେ ଆଉ ଜଣେ ଭାରି ବାଲୁଙ୍ଗା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ବାର ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବା ।**

ସକଳ ସୁକର୍ମ କରିଥିଲେ ମଧ୍ୟ ସାମାନ୍ୟ କୁକର୍ମ କରିବସିଲେ ସବୁ ସୁକର୍ମ ନଷ୍ଟ ହୋଇଯାଏ । ସୁନାମ ଲୋକର ସାମାନ୍ୟ ଭୁଲ କାମ ହେତୁ ଅତି ଦୁର୍ନାମ ହୋଇ ସବୁ ସୁନାମ ଘୋଡ଼େଇ ହୋଇଯାଏ ବା ନଷ୍ଟ ହୋଇଯାଏ । ବହୁ କାଳର ସାଧନା ସାମାନ୍ୟ ତ୍ରୁଟି ଯୋଗୁ ପଣ୍ଡ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।



ହାଇଦ୍ରାବାଦର ଚାରମିନାର ନିକଟ ଗୁଲଜାର ହାଉସ୍‌ରେ ରବିବାର ସକାଳେ ନିଆଁ ଲାଗିଥିବାବେଳେ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଚଳାଇଛି ।

# ସିଆରପିଏଫ ଯବାନଙ୍କ ଝୁଲନ୍ତା ମୃତଦେହ ଜବତ | ପରିବାର ଆଣିଲେ ହତ୍ୟା ଅଭିଯୋଗ

**ଖପ୍ରାଖୋଲ,୧୮।୫(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଲରମ୍ବା ଥାନା ଅଧୀନ ଘସିଏନ୍ ଗାଁରେ ଜଣେ ସିଆରପିଏଫ ଯବାନଙ୍କ ଝୁଲନ୍ତା ମୃତଦେହ ପୋଲିସ ରବିବାର ସକାଳେ ଜବତ କରିଛି । ମୃତକ ହେଲେ ଘସିଏନ ଗାଁର ଭକ୍ତରାମ ଭୋଇ(୨୯) । ସେ ଝାଡ଼ଖଣ୍ଡ ସିଆରପିଏଫ୍‌ରେ କାମ କରୁଥିବା ବେଳେ ଗତ କିଛି ଦିନ ପୂର୍ବରୁ ଛୁଟିରେ ଗାଁକୁ ଆସିଥିଲେ । ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରକାଶ ଯେ, ଗତ ୧୬ତାରିଖ ରାତିରେ ଭକ୍ତରାମଙ୍କୁ କେହି ଜଣେ ବ୍ୟକ୍ତି ଫୋନ କରିଥିଲେ । ସେ ତାଙ୍କ ସହ କଥା ହୋଇ ଘରୁ ବାହାରିଥିଲେ । କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ । ପରିବାର ଲୋକ ବହୁତ ଖୋଜାଖୋଜି କରି ନ ପାଇବାରୁ ଲରମ୍ବା ଥାନାରେ ନିଖୋଜ ଥିବା ନେଇ ଜଣାଇଥିଲେ । ତେବେ ରବିବାର ଗାଁ ମୁଣ୍ଡରେ ଥିବା ଏକ ନିମ୍ବଗଛରେ ଭକ୍ତରାମଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଗାଁର କେତେଜଣ ବ୍ୟକ୍ତି ଶୌଚ ହେବା ପାଇଁ ଯାଇଥିବା ବେଳେ ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ତେଣୁ ସମ୍ପୃକ୍ତ ଯୁବକଙ୍କୁ କୌଣସି କାରଣରୁ ହତ୍ୟା କରାଯାଇ ମୃତଦେହ ଗଛରେ ଟଙ୍ଗାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଭକ୍ତରାମଙ୍କ ବାପା ଦୁର୍ଲଭ ଭୋଇ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ଲରମ୍ବା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୦୨୫) ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଭାନୁ ପ୍ରକାଶ ଯାଦବ ପ୍ରକାଶ କରିଛନ୍ତି ।

# ଘାଟିରେ ବସ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

**ପାରଳାଖେମୁଣ୍ଡି,୧୮।୫(ଗିରିଧାରୀ ପରିଚ୍ଛା):** ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ ମାର୍ଲଭା ଘାଟିରେ ରବିବାର ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘାଟିର ଗୁଡା ନିକଟରେ ଥିବା ଏସ୍ ଟର୍ନରେ ବସ୍‌ଟି ଭାରସାମ୍ୟ ହରାଇ ପାହାଡ଼ରେ ଧକ୍କା ହୋଇଛି । ଏଥିରେ ୭ ଯାତ୍ରୀ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି । ଡ୍ରାଇଭର ବର୍ତ୍ତି ଯାଇଛନ୍ତି ।

'ଇସ୍ପାତ' ନାମକ ଘରୋଇ ବସଟି ଭୁବନେଶ୍ୱରରୁ ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିଲା । ସେଥିରେ ପ୍ରାୟ ୪୫ ଜଣ ଯାତ୍ରୀ ଥିଲେ । ବସ୍‌ଟି ମାର୍ଲବା ଘାଟି ଅତିକ୍ରମ କରୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଖବରପାଇ ରାୟଗଡ଼ ପୋଲିସ ସେଠାରେ ପହଞ୍ଚିଥିଲା । ଆହତ ଯାତ୍ରୀମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ତେବେ ବସଟି ଯେଉଁ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଛି, ସେଠାରେ ଚଳିତବର୍ଷ ଏ ପର୍ଯ୍ୟନ୍ତ ୨୦ରୁ ଅଧିକ ଦୁର୍ଘଟଣା ଘଟିଲାଣି । ପ୍ରଶାସନ ସେହି ସ୍ଥାନକୁ ବ୍ଲାକ ସ୍ପଟ ଚିହ୍ନଟ କରି ଚୁପ ରହିଯାଇଛି । ଏହାର ପ୍ରତିକାର ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।



# ଚିତ୍ରକୋଣ୍ଡା ବିଧାୟକ ହେଲେ ପିସିସି ସାଧାରଣ ସମ୍ପାଦକ

ମାଲକାନଗିରି,୧୮।୫(ନୃସିଂହ ଚରଣ ମହାନ୍ତି)


ମଙ୍ଗୁ ଖିଲ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଠନ ପରେ ନୂତନ ପିସିସି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା କଂଗ୍ରେସ ବିଧାୟକ ମଙ୍ଗୁ ଖିଲଙ୍କୁ ମନୋନୀତ କରାଯାଇଛି। ମଙ୍ଗୁ ଗତ ସାଧାରଣ ନିର୍ବାଚନରେ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଦଳରୁ ବିଜୟୀ ହୋଇଥିଲେ। ସେ ଛାତ୍ରଜୀବନରୁ ରାଜନୀତି ଆରମ୍ଭକରି ୨୦୦୭ରୁ ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ। ପ୍ରଥମେ ୱାର୍ଡମେମ୍ବର ପରେ ସରପଞ୍ଚ ଏବଂ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ତରଫରୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏହାପରେ ଜିଲା କଂଗ୍ରେସ ଓ ଜିଲାବାସୀଙ୍କ ତରଫରୁ ଖିଲଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ଅଜଣା ରୋଗରେ ୨ ଶହ ପରିବାର ଆକ୍ରାନ୍ତ


## ପଡ଼ିଆ ବ୍ଲକ

ପଡ଼ିଆ, ୧୮।୫(ଭାସ୍କର ରାଓ)


ଅଜଣା ରୋଗରେ ଚିକିତ୍ସିତ ହେଉଥିବା ଗ୍ରାମବାସୀ।

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଖ୍ରୀଷ୍ଟିଆନ ସାହିରେ ଅଜଣା ରୋଗରେ ୨ଶହ ପରିବାର ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗରେ ପ୍ରଥମେ ଗୋଡ଼ହାତ ଫୁଲିଯାଇ ଜ୍ୱର ଓ ପରେ ହାତ ଆଙ୍ଗୁଠି ଏବଂ ଗୋଡ଼ ହାତ ଗଣ୍ଠିଗୁଡିକ ଯନ୍ତ୍ରଣା ହେଉଛି। ଏଥିରେ ବୟସ୍କ ବ୍ୟକ୍ତିମାନେ ଚାଲିପାରୁ ନ ଥିବା ଦେଖିବାକୁ ମିଳିଛି। ଏହି ରୋଗରେ ପ୍ରାୟ ୫ ଶହ ଲୋକ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ବୟସ୍କ ମହିଳା ପୁରୁଷ, ଯୁବତୀ ଯୁବକ ଏମିତିକି ପିଲାଛୁଆମାନେ ଆକ୍ରାନ୍ତ ହୋଇ ଆଜକୁ ପ୍ରାୟ ୧ ମାସରୁ ଉର୍ଦ୍ଧ୍ୱ ସମୟ ଯନ୍ତ୍ରଣା ଭୋଗୁଥିବା ଆକ୍ରାନ୍ତମାନେ କହିଛନ୍ତି। ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ନମୁନା ଦେଇ ସମସ୍ତ ପ୍ରକାର ପରୀକ୍ଷା କରାଇଥିଲେ ସୁଦ୍ଧା କୌଣସି ରୋଗ ନ ଥିବା ଜଣାଯାଇଛି। ଡାକ୍ତର ଯାହା ଔଷଧ ଦେଉଛନ୍ତି ତାହା ଖାଇଲେ କିଛି ସମୟ ପାଇଁ ଉପଶମ ହେଉଛି। ପରେ ଯେମିତିକି ସେମିତି ଅବସ୍ଥା ହେଉଥିବା ରୋଗୀ କହିଛନ୍ତି। କେତେଜଣ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଔଷଧ ଆଣି ଖାଇଲେ ମଧ୍ୟ ସମାନ ଅବସ୍ଥା। କିଛି ଘଣ୍ଟା ଯନ୍ତ୍ରଣାରୁ ଉପଶମ ମିଳୁଛି, ପରେ ଯେମିତିକି ସେମିତି ଯନ୍ତ୍ରଣା ହେଉଛି। କେତେକ ରୋଗୀ ଔଷଧ ଖାଇଲେ ମଧ୍ୟ ଶରୀରରେ ପ୍ରତିକ୍ରିୟା ହୋଇ ଦେହ ହାତ ଫୁଲିଯାଇ କୁଣ୍ଡେଇ ହେଉଛି, ମୁହଁ କଳା ପଡିଯାଉଥିବା ରୋଗୀମାନେ କହିଛନ୍ତି। ଏମାନଙ୍କ ମଧ୍ୟରେ ମେଷାକ ରବି ମାଦ୍ରୀ, ନାଗଲୁ ସେନ୍ତାଆମ୍ମା, ନାଗଲୁ ମଞ୍ଜୁ, ସୁଧାଲ ଜୟ ରାଜୁ, ବତୀନ ଜୟରାଜୁ, ବତୀନ ଦୈବ କୁମାରୀ, ବେଦି ଧନଲକ୍ଷ୍ମୀ, ଚିନାମ ମିନତି, ମାଦ୍ରୀ ସାଲବମ, ମାଦ୍ରୀ କୃପାବତୀ, ମାଦ୍ରୀ ପଦ୍ମା ମଣି, ବାତିମ ସୀମା, ତୋକଲ ରାଜୁ, ବନ୍ତାଲ ୱାରା ଲକ୍ଷ୍ମୀ, କୋଡ଼ି ଶକୁନ୍ତଳା, ନାଗଲୁ ସୁନୀଲ, ସୁଧାଲ ଜୟ ଆମ୍ମା, ଚିନାମ ରୁପା ରାଣୀ ଏମିତି ଦୁଇଶହ ପରିବାରର ୫୦୦ ଲୋକ ଯନ୍ତ୍ରଣା ଭୋଗୁଥିବା ସାହିବାସୀ କହିଛନ୍ତି। କେତେଜଣ ରୋଗୀ ଏଠାରେ ଭଲ ନ ହୋଇ ପଡୋଶୀ ଘରୋଇ ଡାକ୍ତରଖାନାକୁ ଯାଉଥିବା ଜଣାଯାଇଛି।

ଏ ସମ୍ପର୍କରେ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୌମ୍ୟକାନ୍ତ ବେହେରାଙ୍କୁ ପଚାରିବାରୁ ସେ ଟ୍ରେନିଂରେ ବାହାରେ ଥିବା କହିଥିଲେ। ତଥାପି ସେ କହିଛନ୍ତି, ଏମିତି ଘଟଣା ୩ ମାସ ତଳେ କେତେକ ସାହିରେ ଦେଖାଯାଇଥିଲା। ସେମାନଙ୍କ ଚିକିତ୍ସା କରାଯାଇ ସ୍ୱାସ୍ଥ୍ୟ ଠିକ୍ ହୋଇଥିଲା। ଏବେ ଏହା ଅଲଗା ପ୍ରକାର ରୋଗ ବୋଲି ଅନୁମାନ କରାଯାଉଛି। ସମସ୍ତ ପରୀକ୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ନ ଥିବାରୁ ଏ ସମ୍ପର୍କରେ ଜିଲା ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଛି। ଅଧିକାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରି ସମସ୍ତଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପରେ ପ୍ରକୃତରେ ଏହା କ'ଣ ତାହା ଜଣାପଡ଼ିବ ବୋଲି ସେ କହିଛନ୍ତି। ଦାୟିତ୍ୱରେ ଥିବା ଡାକ୍ତର ରାଜ ନାରାୟଣ ସିଂଙ୍କୁ ପଚାରିବାରୁ ରକ୍ତ ନମୁନା ସଂଗ୍ରହ ପାଇଁ ଲାବରେଟୋରିରୁ ସ୍ୱତନ୍ତ୍ର ଟିମ୍ ଆସିସାରିଲେଣି। ଟିମ୍ ପହଞ୍ଚି ପରୀକ୍ଷା ସହ ଚିକିତ୍ସା କଲେ କେତେ ଲୋକ ଆକ୍ରାନ୍ତ ହୋଇଛନ୍ତି ଜଣାଯିବ ବୋଲି ସେ କହିଛନ୍ତି।


ନୂଆଦିଲ୍ଲୀରେ ରବିବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ।

# କାଠଯୋଡ଼ିରେ ବୁଡ଼ିଗଲେ ୨

## ଜଣଙ୍କ ମୃତଦେହ ଉଦ୍ଧାର, ଅନ୍ୟ ଜଣେ ନିଖୋଜ

କଟକ,୧୮।୫(କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏଲ୍ ଆଣ୍ଡ ଟି କମ୍ପାନୀର ୨ଜଣ କର୍ମଚାରୀ କାଠଯୋଡ଼ି ନଦୀରେ ବୁଡ଼ିଯାଇଛନ୍ତି। ସିଡିଏ ସେକ୍ଟର-୧୧ ନିକଟ କାଠଯୋଡ଼ିରେ ରବିବାର ଅପରାହ୍ନରେ ଏହି ଅଘଟଣ ଘଟିଛି। ବିଡ଼ାନାସୀ ଅଗ୍ନିଶମ ବାହିନୀ ନଦୀରେ ଖୋଜିବା ପରେ ଜଣଙ୍କ ମୃତଦେହ ଉଦ୍ଧାର କରିଛି। ତେବେ ଅନ୍ୟ ଜଣଙ୍କ ପତ୍ତା ଏଯାଏ ମିଳିପାରିନାହିଁ। ଉଭୟ କର୍ମଚାରୀଙ୍କ ଘର ମହାରାଷ୍ଟ୍ରରେ ବୋଲି ଜଣାପଡ଼ିଛି। ମୃତକ ହେଲେ ରୁତିକେଶ ମତଲ (୨୫) ଓ ନିଖୋଜ ଜଣକ ହେଲେ ରୁତିକ ବ୍ରିଞ୍ଜେ। ଅପରାହ୍ନରେ ସେମାନେ କାଠଯୋଡ଼ି ନଦୀରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିବା ଅଗ୍ନିଶମବାହିନୀ ସୂଚନା ଦେଇଛି। ବିଡ଼ାନାସୀ ଅଗ୍ନିଶମ ଅଧିକାରୀ ପୁଲକ ଲେଙ୍କାଙ୍କ ନେତୃତ୍ୱରେ ନଦୀରେ ରାତି ଯାଏ ଖୋଜିବା କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି।

# ହାଇକୋର୍ଟଙ୍କ ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରାଯିବ: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

## ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ବନ୍ଧୀୟ ମାମଲା

ପୁରୀ,୧୮।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ପର୍କିତ ଏକ ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅଧୀନ କନ୍ଥିଆ ମୌଜାରେ ଥିବା ବହୁମୂଲ୍ୟର ୧୫ ଏକର ଜମିକୁ ନେଇ ନିର୍ଦ୍ଦିଷ୍ଟ ଏକ ସଂସ୍ଥା ପକ୍ଷରୁ ଦାଏର ଏହି ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରିଭ୍ୟୁ ପିଟିଶନ ଦାଖଲ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବଳିଷ୍ଠ ଯୁକ୍ତି ବାଢ଼ିଥିବାବେଳେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଅଦାଲତରେ ହାଜର ହୋଇ ମହାପ୍ରଭୁଙ୍କ ଭୂ-ସମ୍ପତ୍ତିର ସ୍ୱାର୍ଥରକ୍ଷା ପାଇଁ ପକ୍ଷ ରଖିଥିଲେ। ଆଡଭୋକେଟ୍ ଆନନ୍ଦ ଚନ୍ଦ୍ର ସ୍ୱାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏହି ମାମଲା ପରିଚାଳନା କରୁଥିଲେ। କୌଣସି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବା ଅନୁଷ୍ଠାନର ଲୋଲୁପ ଦୃଷ୍ଟିକୁ ବରଦାସ୍ତ କରାଯିବ ନାହିଁ। ଶ୍ରୀମନ୍ଦିର ଭୂସମ୍ପତ୍ତିଗୁଡ଼ିକର କମ୍ପ୍ୟୁଟରୀକରଣ କରାଯିବା ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ରାଜ୍ୟ ସରକାରଙ୍କ ସମାନ ନୀତି (ୟୁନିଫର୍ମ ପଲିସି) ଓ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍-୧୯୫୫ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ। ଏହି ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶ ଆଗାମୀ ଦିନରେ ଶ୍ରୀମନ୍ଦିରର ଭୂସମ୍ପତ୍ତି ପରିଚାଳନା କ୍ଷେତ୍ରରେ ଏକ ମାର୍ଗଦର୍ଶକ ସାଜିବ ଏବଂ ଏହାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବଦ୍ଧପରିକର ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଥିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

# କାଳ ବୈଶାଖୀ ବର୍ଷା: ପାହାଡ଼ରୁ ଧସିଲା ମାଟି ଅତଡ଼ା

## ବଜ୍ରପାତରେ ୨୦ ଛେଳି ମୃତ

କୋରାପୁଟ/ନାରାୟଣପାଟଣା, ୧୮।୫ (ଅମିତାଭ ବେହେରା/ରାଜକିଶୋର ଜେନା)


ରାସ୍ତାରେ ମାଟି ଜମାହୋଇ ରହିଛି।

କୋରାପୁଟ ଜିଲା ନାରାୟଣପାଟଣାରେ ରବିବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ପ୍ରବଳ ବର୍ଷା ଓ ପବନ ହୋଇଛି। ଏଥିରେ ତଳଗୁମାଣ୍ଡି ପଞ୍ଚାୟତ ଭିତରପଡ଼ା ପାହାଡ଼ରୁ ମାଟିଅତଡ଼ା ଧସି ରାସ୍ତା ଅବରୋଧ ହୋଇଛି। ଚିକଲଗୁମାଣ୍ଡି ରାସ୍ତାରେ ମଧ୍ୟ ମାଟି ଅତଡ଼ା ଧସିଛି। ଫଳରେ ଅଞ୍ଚଳର ଏକାଧିକ ସ୍ଥାନରେ ଏଥିଯୋଗୁ ରାସ୍ତା ଅବରୋଧ ହୋଇଛି। ତଳଗୁମାଣ୍ଡିରୁ ନାରାୟଣପାଟଣା ବ୍ଲକ୍ ସଦର ମହକୁମାକୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ରବିବାର ନାରାୟଣପାଟଣା ସାପ୍ତାହିକ ହାଟ ଥିବାରୁ ରାସ୍ତାକଡ଼ରେ ଗାଡ଼ି ମୋଟର ଓ ଲୋକେ ଅଟକି ରହିଥିବା ସୂଚନା ମିଳିଛି। ସେହିପରି ନାରାୟଣପାଟଣା ବ୍ଲକ୍ ଉପରଗୁମାଣ୍ଡି ଗାଁରେ ବଜ୍ରପାତରେ ୨୦ଛେଳି ମରିଛନ୍ତି।






ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ। -ଶ୍ରୀମା



# ସୁଗାର ବୋର୍ଡ

ଜଳବାୟୁ ପରିବର୍ତ୍ତନଜନିତ ଋତୁଚକ୍ରରେ ଅସ୍ୱାଭାବିକତା ଯୋଗୁ ମଣିଷର ଜୀବନ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଦେଖାଦେଉଛି। ଖାଦ୍ୟପାନୀୟ ଗ୍ରହଣରେ ଅସନ୍ତୁଳନତା ରହିଲେ ମଣିଷର ସ୍ୱାସ୍ଥ୍ୟ ବିଗିଡ଼ିବା ଥୟ। ତେଣୁ ପୂର୍ବାପେକ୍ଷା ଲୋକମାନେ ବିଭିନ୍ନ ପ୍ରକାର ରୋଗର ସମ୍ମୁଖୀନ ହେଉଛନ୍ତି। ଉଚ୍ଚ ରକ୍ତଚାପ, ମଧୁମେହ ଓ ମୋଟାପଣ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାଭୁକ୍ତ ହୋଇଗଲେଣି। ଆଗରୁ ପ୍ରାପ୍ତବୟସ୍କଙ୍କଠାରେ ଯେଉଁ ରୋଗ ଦେଖାଯାଉଥିଲା ତାହା ପିଲାଙ୍କ କ୍ଷେତ୍ରରେ ଅନୁଭୂତ ହେଲାଣି। କିଛିବର୍ଷ ହେବ ଶିଶୁମାନଙ୍କଠାରେ ଟାଇପ୍-୨ ଡାଇବେଟିସ୍ ବା ମଧୁମେହ ଓ ମୋଟାପଣ ରୋଗ ବଢ଼ିବାରେ ଲାଗିଛି। ଏସବୁ ଅତ୍ୟଧିକ ମାତ୍ରାରେ ଶର୍କରାଜାତୀୟ ଖାଦ୍ୟ ଗ୍ରହଣ ଯୋଗୁ ଘଟୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଉଛନ୍ତି। ଫଳରେ ଦେଶର ଆଗାମୀ ଭବିଷ୍ୟତ ପିଢ଼ିଙ୍କ ସ୍ୱାସ୍ଥ୍ୟାବସ୍ଥା ଚିନ୍ତାର କାରଣ ପାଲଟିଛି। ଏ ବିଷୟକୁ ହୃଦୟଙ୍ଗମ କରି ଶିଶୁ ଅଧିକାର ସୁରକ୍ଷା ସଂକ୍ରାନ୍ତ ଜାତୀୟ କମିଶନ (ଏନ୍‌ସିପିସିଆର୍) ପରାମର୍ଶ କ୍ରମେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ତା'ର ଅନୁବନ୍ଧିତ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦେଇ ବିଦ୍ୟାଳୟରେ 'ସୁଗାର ବୋର୍ଡ' ଗଠନ ଉପରେ ଗୁରୁତ୍ୱ ଦେଇଛି। ବହୁ ପରିମାଣର ଚିନି କିମ୍ବା ମିଠା ଖାଦ୍ୟ ଗ୍ରହଣ କଲେ ଜୀବନ ପ୍ରତି ବିପଦ ଥିବା ବିଷୟରେ ଉକ୍ତ ବୋର୍ଡ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବ। ସାଧାରଣରେ ଦେଖାଯାଉଛି ଯେ, ସ୍କୁଲ ପରିସର କିମ୍ବା ଚତୁଃପାର୍ଶ୍ୱରେ ଶର୍କରାରୁ ପ୍ରସ୍ତୁତ ସ୍ନାକ୍ସ, ମୃଦୁପାନୀୟ ଓ ପ୍ରକ୍ରିୟାକୃତ ଖାଦ୍ୟ ଅତି ସହଜରେ ମିଳିପାରୁଛି। ପିଲାମାନେ ଟକଳିଆ ହୋଇଥିବାରୁ ଏଭଳି ଖାଦ୍ୟ ପ୍ୟାକେଟ ପ୍ରତି ଆକର୍ଷିତ ହୋଇ ସେସବୁକୁ ଖାଇ ଦେଉଥିବାରୁ ସେମାନଙ୍କଠାରେ ମଧୁମେହ ଓ ମୋଟାପଣ ଲକ୍ଷଣ ଦେଖାଦେଉଛି। ଏଠାରେ ମନେରଖିବାକୁ ହେବ ଯେ, ଆଜିର ପିଲାଙ୍କ ପାଇଁ କେବଳ ସ୍ୱାଦ ନୁହେଁ, ସେମାନେ ପ୍ୟାକେଟର ରଙ୍ଗ ଓ ଚିତ୍ର ଦ୍ୱାରା ମଧ୍ୟ ପ୍ରଭାବିତ ହେଉଛନ୍ତି। ପିଲାଙ୍କ ଉପରେ କରାଯାଇଥିବା ଅନୁଧ୍ୟାନ ଅନୁଯାୟୀ, ୪ରୁ ୧୦ ବର୍ଷ ବୟସର ପିଲାମାନେ ଦୈନିକ ନେଉଥିବା କ୍ୟାଲୋରିରେ ୧୩ ପ୍ରତିଶତ ଶର୍କରା ରହୁଛି। ସେହିପରି ୧୧ରୁ ୧୮ ବର୍ଷ ମଧ୍ୟରେ ଏହାର ମାତ୍ର ୧୫ ପ୍ରତିଶତରେ ପହଞ୍ଚିଯାଉଛି। ବାସ୍ତବରେ ପିଲାମାନେ ସେମାନଙ୍କ ଖାଦ୍ୟରେ ଦୈନିକ ୫ ପ୍ରତିଶତ ଚିନି କିମ୍ବା ସେଥିରୁ ପ୍ରସ୍ତୁତ ଖାଦ୍ୟ ନେଇପାରିବେ ବୋଲି ସ୍ୱାସ୍ଥ୍ୟଗତ ଅନୁମୋଦନ ରହିଛି। ସ୍କୁଲରେ ସୁଗାର ବୋର୍ଡ ପ୍ରତିଷ୍ଠା ହେଲେ ପିଲାମାନଙ୍କୁ ଅତ୍ୟଧିକ ଶର୍କରା ନ ଖାଇ କିଭଳି ସ୍ୱାସ୍ଥ୍ୟକର ଖାଦ୍ୟ ସେମାନଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ ସେହି ସମ୍ବନ୍ଧରେ ସଚେତନ କରାଇବ। ଏପରିକି ଜଙ୍କ୍ ଫୁଡ୍, ସଫ୍ଟ ଡ୍ରିଙ୍କ୍‌ସ ଓ ପ୍ରକ୍ରିୟାକୃତ ଖାଦ୍ୟଠାରୁ ଦୂରେଇ ରହିବା ଲାଗି ଆଲୋଚନାଚକ୍ର ଓ କର୍ମଶାଳା ମାଧ୍ୟମରେ ପିଲାମାନଙ୍କୁ ସୂଚନା ଦେବାର ବ୍ୟବସ୍ଥା କରାଯିବ।

**ସ୍କୁଲରେ ସୁଗାର ବୋର୍ଡ ପ୍ରତିଷ୍ଠା ହେଲେ ପିଲାମାନଙ୍କୁ ଅତ୍ୟଧିକ ଶର୍କରା ନ ଖାଇ କିଭଳି ସ୍ୱାସ୍ଥ୍ୟକର ଖାଦ୍ୟ ସେମାନଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ ସେହି ସମ୍ବନ୍ଧରେ ସଚେତନ କରାଇବ। ଏପରିକି ଜଙ୍କ୍ ଫୁଡ୍, ସଫ୍ଟ ଡ୍ରିଙ୍କ୍‌ସ ଓ ପ୍ରକ୍ରିୟାକୃତ ଖାଦ୍ୟଠାରୁ ଦୂରେଇ ରହିବା ଲାଗି ଆଲୋଚନାଚକ୍ର ଓ କର୍ମଶାଳା ମାଧ୍ୟମରେ ପିଲାମାନଙ୍କୁ ସୂଚନା ଦେବାର ବ୍ୟବସ୍ଥା କରାଯିବ।**

ସିବିଏସ୍‌ଇର ଉପରୋକ୍ତ ନିଷ୍ପତ୍ତି ନିଶ୍ଚିତ ସ୍ୱାଗତଯୋଗ୍ୟ। ଏବର ସ୍ଥିତି ଦେଖିଲେ ପିଲାଙ୍କୁ ଶର୍କରାଜାତୀୟ ଖାଦ୍ୟ ପ୍ରତି ଆକର୍ଷିତ କରିବା ଲାଗି ପ୍ରସ୍ତୁତକର୍ତ୍ତାମାନେ ସୁଦୃଶ୍ୟ ପ୍ୟାକେଟ କରି ବଜାରକୁ ଛାଡ଼ୁଛନ୍ତି। ଏଭଳି ସାମଗ୍ରୀର ପ୍ରସ୍ତୁତକର୍ତ୍ତାଙ୍କୁ ସେମାନଙ୍କ କାର୍ଯ୍ୟରୁ ନିରତ ରଖାଯାଇପାରିବ ନାହିଁ। କିନ୍ତୁ ଏହାର କୁପ୍ରଭାବ ଶିଶୁମାନଙ୍କ ଉପରେ ପଡୁଥିବାରୁ କେବଳ ସଚେତନତା ଓ କାର୍ଯ୍ୟାନ୍ୱୟନ ମାଧ୍ୟମରେ ପରିବର୍ତ୍ତନ ଅଣାଯାଇପାରେ। କେବଳ ଶିକ୍ଷୟିତ୍ରୀ ଶିକ୍ଷକ ଚାହିଁଲେ ପିଲାର ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିପାରିବେ ନାହିଁ। କାରଣ ସ୍କୁଲ ଅପେକ୍ଷା ପିଲାମାନେ ଅଧିକ ସମୟ ଘରେ ରହିଥାଆନ୍ତି। ତେଣୁ ମାତାପିତା, ଅଭିଭାବକଙ୍କ ଖାଦ୍ୟ ସ୍ୱଭାବରେ ପରିବର୍ତ୍ତନ ଆସିଲେ ପିଲାମାନେ ସେମାନଙ୍କୁ ଅନୁସରଣ କରିବେ। କେବଳ ପିଲାଙ୍କୁ ପରାମର୍ଶ ଦେଲେ ତାହା କାଟୁ କରିବ ନାହିଁ। ସେଥିପାଇଁ ଗୁରୁଜନମାନେ ପିଲାଙ୍କ ପାଇଁ ରୋଲ ମଡେଲ ବା ଆଦର୍ଶ ହେବା ଦରକାର। ଏହି ମର୍ମରେ ଶୁଣିଥିବା ଏକ କଥା ମନେପଡୁଛି। ଥରେ ମହାତ୍ମା ଗାନ୍ଧୀଙ୍କ ନିକଟକୁ ଜଣେ ବ୍ୟକ୍ତି ତାଙ୍କ ପିଲାକୁ ନେଇ ପହଞ୍ଚିଲେ। କହିଲେ-ବାପୁ, ପୁଅକୁ କୁହନ୍ତୁ ସେ ଆଜିଠାରୁ ଆଉ ବେଶି ଚିନି ଖାଇବ ନାହିଁ। ବାପୁ ଉତ୍ତର ଦେଲେ ୧୫ ଦିନ ପରେ ପୁଅକୁ ଧରି ଆସ। ଠିକ୍ ୧୫ ଦିନ ପରେ ସମ୍ପୃକ୍ତ ବ୍ୟକ୍ତି ପୁଅକୁ ସାଥିରେ ଧରି ଆସିବା ପରେ ମହାତ୍ମା ଗାନ୍ଧୀ ତାକୁ ଉପଲକ୍ଷ୍ୟ କରି କହିଲେ-ଆଉ ଆଜିଠୁ ବେଶି ଚିନି ଖାଇବୁ ନାହିଁ। ଏ କଥା ଶୁଣି ପିଲାଟିର ପିତା ମହାତ୍ମାଙ୍କୁ କହିଲେ-ଆପଣ ସେଦିନ ଏହା କହିଥିଲେ ତ ହୋଇଥାଆନ୍ତା। ହେଲେ ମହାତ୍ମା ଉତ୍ତର ଦେଲେ ନିଜକୁ ଚିନି ଛାଡ଼ିବା ଲାଗି ୧୫ ଦିନ ଲାଗିଲା।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 8 | | 4 | | 3 | 2 |
| 3 | | | | | 9 | | | |
| 5 | | | 7 | | 3 | 9 | | |
| 1 | | | | | | 7 | | |
| | 8 | | | | | | 9 | 5 |
| 9 | | 6 | 5 | | | | | |
| 8 | | | 6 | 1 | | | | |
| | 1 | | | 4 | | | | |
| 2 | | 9 | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 1 | 4 | 9 | 5 | 8 | 3 | 6 |
| 5 | 9 | 4 | 6 | 3 | 8 | 1 | 2 | 7 |
| 8 | 6 | 3 | 1 | 2 | 7 | 4 | 9 | 5 |
| 6 | 5 | 8 | 9 | 4 | 1 | 2 | 7 | 3 |
| 2 | 1 | 9 | 5 | 7 | 3 | 6 | 4 | 8 |
| 4 | 3 | 7 | 8 | 6 | 2 | 5 | 1 | 9 |
| 9 | 8 | 2 | 7 | 1 | 6 | 3 | 5 | 4 |
| 1 | 4 | 5 | 3 | 8 | 9 | 7 | 6 | 2 |
| 3 | 7 | 6 | 2 | 5 | 4 | 9 | 8 | 1 |

ଗତକାଲିର ଉତ୍ତର

# ଉଦାରତାର ପରିଚୟ: ସିନ୍ଧୁ ଜଳ ସନ୍ଧି



ଜ୍ୟୋତିପ୍ରକାଶ କର

ଜଳରେ ଗଢ଼ା ଜୀବନର ଧାରା। କ୍ରମବର୍ଦ୍ଧିଷ୍ଣୁ ଗୋଷ୍ଠୀଗତ ଜୀବନର ଅବସ୍ଥାନରେ ସଭ୍ୟତାର କ୍ରମବିକାଶ। ଭାରତୀୟ ଉପ ମହାଦେଶରେ ଗଢ଼ିଉଠିଥିବା ସିନ୍ଧୁ ସଭ୍ୟତା ବହୁପ୍ରାଚୀନ। ଏହାର କାଳନିରୂପଣ ପ୍ରାୟତଃ ଖ୍ରୀଷ୍ଟପୂର୍ବ ୩୩୦୦ରୁ ୨୬୦୦ ମଧ୍ୟରେ ହୋଇଥିବାର ସମ୍ଭାବନା । ସିନ୍ଧୁନଦୀକୁ ନେଇ ଏ ସଭ୍ୟତାର ଆତ୍ମପ୍ରକାଶ ଓ କ୍ରମବିକାଶ ମଧ୍ୟ। ପାକିସ୍ତାନରେ ଥିବା ହରପ୍ପା ଓ ମହେଞ୍ଜୋଦାରୋ ଏହାର ଜ୍ୱଳନ୍ତ ନିଦର୍ଶନ । ସିନ୍ଧୁନଦୀ ହିମାଳୟସ୍ଥ କୈଳାସ ପର୍ବତ ନିକଟବର୍ତ୍ତୀ ପୁଣ୍ୟକ୍ଷେତ୍ର ମାନସରୋବର ହ୍ରଦରୁ ଉତ୍ପନ୍ନ। ଏହାର ବ୍ୟାପ୍ତି ଗଙ୍ଗା ଓ ବ୍ରହ୍ମପୁତ୍ରଠାରୁ ମଧ୍ୟ ଅଧିକ, ଯାହା ପ୍ରାୟତଃ ୩୧୮୦ କି.ମି. ପରିବ୍ୟାପ୍ତ। ଗଙ୍ଗା ୨୫୨୫ କି.ମି ଓ ବ୍ରହ୍ମପୁତ୍ର ୨୮୦୦ କି.ମି ପଥ ଅତିକ୍ରମ କରିଥିବାର ଆକଳନ କରାଯାଇଛି । ଚାଇନାର ୟାଂଜି ନଦୀ ଏସିଆ ମହାଦେଶର ବୃହତ୍ତମ ନଦୀ ହୋଇଥିବା ବେଳେ ସିନ୍ଧୁ ଦ୍ୱିତୀୟ ବୃହତ୍ତମ ଓ ଜଳ ପ୍ରବାହ ଦୃଷ୍ଟିରୁ ବିଶ୍ୱର ୨୧ତମ ନଦୀ। ଏହା ଚାଇନାରୁ ବାହାରି ଭାରତର ଲଦାଖରେ ପ୍ରବେଶ କରି ଉତ୍ତରକୁ ପାକିସ୍ତାନ ଅଧିକୃତ କଶ୍ମୀରର ଗିଲ୍‌ଗିଟ୍, ବଲୁଚିସ୍ତାନ ଦେଇ ଆଟୋକ୍ ପାହାଡ଼ରୁ ନିମ୍ନକୁ ଖସି ପୂରା ପାକିସ୍ତାନ ଦେଇ କରାଚୀଠାରେ ଆରବ ସାଗରରେ ମିଶିଛି । ସତ୍‌ଲେଜ ନଦୀ ମଧ୍ୟ ଚାଇନାରୁ ବାହାରି ଭାରତରେ ପ୍ରବେଶ କରିଛି । ଚେନାବ୍, ଝେଲମ, ରାବି ଓ ବ୍ୟାସ୍‌ର ମୂଳ ଉତ୍ସ ଭାରତ । ସତ୍‌ଲେଜ୍ ସହ ଉପରୋକ୍ତ ଚାରୋଟି ନଦୀ ଭାରତର ପଞ୍ଜାବ ପ୍ରଦେଶରେ ଥିବାରୁ ଏହାକୁ ପଞ୍ଚନଦୀର ଦେଶ ପଞ୍ଜାବ କୁହାଯାଏ । ଏ ସମସ୍ତ ପାଞ୍ଚଟି ନଦୀ ପାକିସ୍ତାନର ମିଥାନ୍‌କୋଟ୍‌ଠାରେ ସିନ୍ଧୁନଦୀ ସହ ମିଳିତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଶ୍ୟାକ୍, ଗିଲ୍‌ଗିଟ୍, କାବୁଲ, ଗୋମାହ, କୁରମ୍ ଓ ଜନସ୍କାର ଭଳି କିଛି ଛୋଟ ନଦୀ ମଧ୍ୟ ସିନ୍ଧୁରେ ବିଲୀନ ହୋଇଛନ୍ତି। ସିନ୍ଧୁ ଅବବାହିକା ପ୍ରାୟତଃ ୧୧ ଲକ୍ଷ ବର୍ଗ କି.ମି. ପରିବ୍ୟାପ୍ତ ଓ ପାକିସ୍ତାନର ପାଖାପାଖି ୬୫ ପ୍ରତିଶତ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ ଓ ଉପକୃତ ମଧ୍ୟ। ସିନ୍ଧୁନଦୀ ପାକିସ୍ତାନର ଜୀବନଧାରା ସହ ଓତପ୍ରୋତ ଭାବେ ଜଡିତ। ଜଳସେଚନ, କୃଷି, ଜଳବିଦ୍ୟୁତ୍, ଶିଳ୍ପାୟନ,ପାନୀୟଜଳ ଓ ବିସ୍ତୀର୍ଣ୍ଣ ଅଞ୍ଚଳର ଉର୍ବରତା ହିଁ ସିନ୍ଧୁନଦୀର ପ୍ରମୁଖ ଦାନ।

ଭାରତ ପାକିସ୍ତାନ ବିଭାଜନ ପରେ ପାକିସ୍ତାନର ନେତୃବର୍ଗଙ୍କ ମନରେ ଭବିଷ୍ୟତର ଜଳପ୍ରବାହକୁ ନେଇ ସନ୍ଦେହ ସୃଷ୍ଟି ହେଲା। ଉପରମୁଣ୍ଡରେ ଭାରତର ଅବସ୍ଥିତି ଓ ସିନ୍ଧୁନଦୀ ଭାରତ ମଧ୍ୟ ଦେଇ ପାକିସ୍ତାନକୁ ପ୍ରବେଶ କରିଥିବା ବେଳେ କାଳେ ଭବିଷ୍ୟତରେ ଭାରତ ଉପର ମୁଣ୍ଡରେ ବଡ଼ ବଡ଼ ବନ୍ଧ ବାନ୍ଧି ଜଳ ପ୍ରବାହକୁ ରୋକିଦେବ କିମ୍ବା ସିନ୍ଧୁନଦୀର ଗତିପଥକୁ ବଦଳାଇ ଦେବ, ଏପରି ସନ୍ଦେହକୁ ଆଧାରକରି ପାକିସ୍ତାନ ବାରମ୍ବାର ଆନ୍ତର୍ଜାତିକ ମଞ୍ଚରେ ଅଭିଯୋଗ କରିବାକୁ ଲାଗିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଟାଳଟୁଳ ନୀତି ଅବଲମ୍ବନ କରି ଏହାକୁ ଏଡ଼ାଇ ଯାଇଥିଲେ। ୧୯୫୧ରେ ଟେନିଜି ରିଭର ଭ୍ୟାଲି



ଅଥରିଟି ଅଧ୍ୟକ୍ଷ ଡାଭିଡ ଇ ଲିଏନଥାଲ ଉଭୟ ଭାରତ ଓ ପାକିସ୍ତାନ ଗସ୍ତକରି ସିନ୍ଧୁନଦୀ ଅବବାହିକା ଉପରେ ଏକ ତଥ୍ୟ ସମ୍ବଳିତ ସନ୍ଦର୍ଭ ପ୍ରସ୍ତୁତ କଲେ। ଏ ସନ୍ଦର୍ଭ ପ୍ରସ୍ତୁତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା କିଭଳି ଉଭୟ ପକ୍ଷ ସିନ୍ଧୁ ଅବବାହିକାକୁ ଏକ ଐକିକ ପ୍ରକଳ୍ପ ଭାବେ ବିବେଚନା କରି ପାରସ୍ପରିକ ବୃହତ୍ତର ଉନ୍ନତିମୂଳକ ଯୋଜନାର ପରିକଳ୍ପନା କରାଯାଇପାରିବ। ତତ୍କାଳୀନ ଆଇବିଆର୍‌ଡି (ଇଣ୍ଟରନ୍ୟାଶନାଲ ବ୍ୟାଙ୍କ ଅଫ ରିକନଷ୍ଟ୍ରକ୍ସନ ଆଣ୍ଡ ଡେଭଲପମେଣ୍ଟ), ଯାହା ପରେ ବିଶ୍ୱ ବ୍ୟାଙ୍କ ନାମରେ ନାମିତ ହେଲା, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟସ୍ଥତା କଲା। ୧୯୫୮ ମସିହା ପର୍ଯ୍ୟନ୍ତ ପାକିସ୍ତାନ ଏଥିରେ ସହମତ ନ ହୋଇ ସ୍ୱାକ୍ଷର କରିବା ପାଇଁ ପଛଘୁଞ୍ଚା ଦେଲା। ଶେଷରେ ୧୯ ସେପ୍ଟେମ୍ବର ୧୯୬୦ରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓ ପାକିସ୍ତାନର ରାଷ୍ଟ୍ରପତି ଆୟୁବ୍ ଖାଁ (ପୂର୍ବତନ ସେନାଧ୍ୟକ୍ଷ) ଏହି ଚୁକ୍ତିରେ ସ୍ୱାକ୍ଷର କଲେ, ଯଦିଓ ନୀତିଗତ ନିଷ୍ପତ୍ତି ଅନୁଯାୟୀ ଏହା ୧।୪।୧୯୬୦ରୁ କାର୍ଯ୍ୟକାରୀ ହୋଇସାରିଥିଲା। ସନ୍ଧି ଅନୁସାରେ ରାବି, ବ୍ୟାସ୍ ଓ ସତ୍‌ଲେଜ୍ ନଦୀର ଜଳକୁ ଭାରତ ପୂର୍ଣ୍ଣତଃ ବ୍ୟବହାର କରିବ ଏବଂ ସିନ୍ଧୁ, ଝେଲମ୍ ଓ ଚେନାବ୍ ନଦୀର ଜଳ ପାକିସ୍ତାନ ବ୍ୟବହାର କରିବ। ଝେଲମ୍ ନଦୀ ପାକିସ୍ତାନରେ ନୀଲମ ନାମରେ ପରିଚିତ। ପ୍ରକାଶଥାଉ କି, ବ୍ୟାସ୍ ଏକ କ୍ଷୁଦ୍ରନଦୀ ଯାହା ସତ୍‌ଲେଜ୍ ନଦୀରେ ମିଶିଛି। ଆଇବିଆର୍‌ଡିର ଅନୁରୋଧ କ୍ରମେ ଭାରତ ତା'ର ଜଳଭାଗର ପୂର୍ଣ୍ଣ ଉପଯୋଗ ୩୧।୩।୧୯୭୦ ପରେ କରିବ, କାରଣ ସନ୍ଧି ସମୟରେ ପାକିସ୍ତାନରେ ନିୟମିତ ଜଳପ୍ରବାହ ପାଇଁ କେନାଲ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଉନ୍ନତି ହୋଇ ନ ଥିଲା। ଏଣୁ ଏ ଦଶବର୍ଷର ସାମୟିକ ବିରତି ଅବଧି ମଧ୍ୟ ଭାରତ ଉଦାରତା ପ୍ରକାଶ କରି ତା'ର ନିର୍ଦ୍ଧାରିତ ଜଳର ସିଂହଭାଗ ପାକିସ୍ତାନକୁ ଦେଇଛି। ସନ୍ଧି ଅନୁସାରେ ଆବଶ୍ୟକ ସ୍ଥଳେ ଭାରତ ମଧ୍ୟ ସିନ୍ଧୁ, ଚେନାବ୍ ଓ ଝେଲମ୍ ନଦୀର ୨୦% ଜଳ ବ୍ୟବହାର କରିପାରିବ। ଭାରତ ଚାହିଁଥିଲେ ନ୍ୟାୟତଃ ତା'ର ଜଳ ଅଂଶକୁ ବ୍ୟବହାର କରି ପାକିସ୍ତାନରେ ମରୁଡ଼ି, ବନ୍ୟା ଓ ବିଦ୍ୟୁତ୍ ସଙ୍କଟ ଉପୁଜାଇ ପାରିଥାନ୍ତା, ଯାହା ଭାରତ ଆଜିପର୍ଯ୍ୟନ୍ତ କରିନାହିଁ।

ବିଶ୍ୱର ଅନ୍ୟାନ୍ୟ ଦେଶର ଜଳ ସନ୍ଧି ଯଥା ଆମେରିକା- ମେକ୍ସିକୋ ମଧ୍ୟରେ ଥିବା ଦୁଇନଦୀ କୋଲୋରାଡୋ, ତିଜୁଆନା ଯେଉଁଠି ଉପରମୁଣ୍ଡରେ ଥିବା ଆମେରିକା ସମୁଦାୟ ଜଳର ୯୦% ବ୍ୟବହାର କରୁଥିବା ବେଳେ ତଳମୁଣ୍ଡରେ ଥିବା ମେକ୍ସିକୋକୁ ମାତ୍ର ୧୦% ଜଳ ଦେଉଛି। ସେହିପରି ଇସ୍ରାଏଲ-ଜୋର୍ଡାନ୍, ଦକ୍ଷିଣଆଫ୍ରିକା-ସୁଇଜରଲାଣ୍ଡ ଓ ଲେବାନନ୍-ସିରିଆ ମଧ୍ୟରେ ହୋଇଥିବା ଜଳ ସନ୍ଧିରେ ଉପରମୁଣ୍ଡରେ ଥିବା ଦେଶ ସର୍ବାଧିକ ଜଳ ବ୍ୟବହାର କରୁଛନ୍ତି। ଆଶ୍ଚର୍ଯ୍ୟର କଥା ଆକଳନ ଅନୁସାରେ ଭାରତ ଉପର ମୁଣ୍ଡରେ ଥାଇ ମଧ୍ୟ ସମୁଦାୟ ୬ଟି ନଦୀ ଜଳର ମାତ୍ର ୧୯.୪୮% ଓ ପାକିସ୍ତାନ ତଳମୁଣ୍ଡରେ ଥାଇବି ୮୦.୫୨% ଜଳ ବ୍ୟବହାର କରୁଛି ଯାହା ବିଶ୍ୱର ବିଭିନ୍ନ ଜଳ ସନ୍ଧିଠାରୁ ସ୍ୱତନ୍ତ୍ର। ୨୦୧୦ରେ ଜାତିସଂଘ ସିନେଟ୍‌ର ଫରେନ୍ ରିଲେଶନ କମିଟି ରିପୋର୍ଟ ଅନୁସାରେ ସିନ୍ଧୁ ଜଳ ସନ୍ଧିକୁ ବିଶ୍ୱର ସଫଳ ଜଳ ସନ୍ଧିର ମାନ୍ୟତା ମିଳିଛି।

ଏହି ଜଳ ସନ୍ଧିରେ ଭବିଷ୍ୟତରେ ଜଳ ସ୍ଥିତିକୁ ନେଇ ଅନେକ ଦିଗକୁ ଅଣଦେଖା କରାଯାଇଥିବାର ଆଲୋଚନା କରାଯାଏ। ଏଗୁଡ଼ିକ ହେଲା ୧) ଜଳବାୟୁ ପରିବର୍ତ୍ତନରେ ଜଳସ୍ଥିତି, ୨) ଜଙ୍ଗଲ ଅବକ୍ଷୟ ଜନିତ ଜଳାଭାବ, ୩) ମୌସୁମୀର ପଟପରିବର୍ତ୍ତନ, ୪) ଦ୍ରୁତ ଶିଳ୍ପାୟନରେ ପ୍ରଦୂଷଣର ପରିବେଶ ଉପରେ ପ୍ରଭାବ, ୫) ଅକାଳ, ୬) ପ୍ରକୃତିଗତ କାରଣରୁ ଜଳପ୍ରବାହରେ କ୍ଷୀଣତା, ୭) କୌଣସି କାରଣରୁ ରାବି, ବ୍ୟାସ୍ ଓ ସତ୍‌ଲେଜ୍ ନଦୀରେ ଶୁଷ୍କତା, ୮) କେଉଁ ଦେଶ ଭବିଷ୍ୟତରେ କେତେ ବନ୍ଧ ବାନ୍ଧିପାରିବ, ୯) ଉପରମୁଣ୍ଡରେ ଅବସ୍ଥିତ ଚାଇନା ଜଳପ୍ରବାହକୁ ରୋକିବା ପାଇଁ ବନ୍ଧ ବାନ୍ଧିଲେ ତା'ର ପ୍ରଭାବ, ୧୦) ଭବିଷ୍ୟତରେ ଭୌଗୋଳିକ ପରିବର୍ତ୍ତନ, ୧୧) କାଳର କରାଳ କ୍ରମେ ନଦୀଶଯ୍ୟା ସଙ୍କୁଚିତ ହୋଇ ଜଳଧାରଣ ଓ ପ୍ରବାହରେ କ୍ଷୀଣତା ଇତ୍ୟାଦି। ବିଶେଷକରି ଏହି ସନ୍ଧିକୁ ନଦୀର ବିଭାଜୀକରଣ କରାଗଲା କିନ୍ତୁ ନଦୀ ଜଳ ବଣ୍ଟନ ଉପରେ ଗୁରୁତ୍ୱ ଦିଆଗଲା ନାହିଁ।

ଯଦିଓ ୧୯୬୦ ସନ୍ଧିପରେ ପାକିସ୍ତାନ ୧୯୬୫, ୧୯୭୧ ଓ ୧୯୯୯ରେ ତିନୋଟି ଯୁଦ୍ଧ ଭାରତ ଉପରେ ଲଦି ଦେଇଛି, ତଥାପି ଉଦାରମନା ଭାରତ ଏ ସନ୍ଧି ବିରୋଧରେ ନ ଯାଇ ଏହାକୁ ସମ୍ମାନ ଦେଇଆସିଛି। ପାକିସ୍ତାନର ସମସ୍ତ ନକାରାତ୍ମକ କାର୍ଯ୍ୟଧାରା ଓ ବନ୍ଧୁତ୍ୱହୀନ ମନୋବୃତ୍ତି ସତ୍ତ୍ୱେ ଭାରତ ଆଜିପର୍ଯ୍ୟନ୍ତ ଏହି ସନ୍ଧିର ପୁନଃ ସମୀକ୍ଷା କିମ୍ବା ପ୍ରତ୍ୟାହାର ପ୍ରସଙ୍ଗ ଉତ୍ଥାପନ କରି ନ ଥିଲା ଓ ଏହି ଚୁକ୍ତିକୁ ସମ୍ମାନ ଦେଇଆସିଛି। ଜମ୍ମୁ-କଶ୍ମୀରବାସୀଙ୍କ ବାରମ୍ବାର ଦାବି ଯେ ଏହି ସନ୍ଧି ତାଙ୍କ ରାଜ୍ୟ ପାଇଁ ଅନୁକୂଳ ନୁହେଁ। ଦୀର୍ଘଦିନର ଅସନ୍ତୁଷ୍ଟତା ଓ ଦାବିକୁ ସମ୍ମାନ ଦେଇ ୨୦୦୩ରେ ଜମ୍ମୁ-କଶ୍ମୀର ବିଧାନସଭା ଏ ସନ୍ଧିକୁ ରଦ୍ଦ କରିବା ପଇଁ ଏକ ବିଧେୟକ ପାରିତ କରିଛନ୍ତି। ଏତଦ୍ ବ୍ୟତୀତ ଭାରତ ମଧ୍ୟ ଭିଏନା ବୈଠକରେ ସ୍ଥିରୀକୃତ ଧାରା-୬୨ ସିଦ୍ଧାନ୍ତ ଅନୁଯାୟୀ ଯଥାର୍ଥ ତଥ୍ୟ ସମ୍ବଳିତ ଯୁକ୍ତିଉପସ୍ଥାପନ କରି ସନ୍ଧିପ୍ରତ୍ୟାହାର ପାଇଁ ଆଇନତଃ ଆବେଦନ କରିପାରିବ। ଅନ୍ତର୍ଜାତୀୟ ନ୍ୟାୟାଳୟ ଦ୍ୱାରା ଅନୁମୋଦିତ ନୀତି ଅନୁସାରେ ସାମ୍ପ୍ରତିକ ପରିସ୍ଥିତିରେ ମୌଳିକ ଭିତ୍ତିଭୂମିର ପରିବର୍ତ୍ତନଜନିତ କାରଣ ଦର୍ଶାଇ ଚୁକ୍ତିକୁ ରଦ୍ଦ କରାଯାଇପାରିବ।

ସର୍ବୋପରେ ପ୍ରତ୍ୟେକ ଦ୍ୱିପାକ୍ଷିକ ଚୁକ୍ତି ଉଭୟ ପକ୍ଷର ବିଶ୍ୱାସ, ବନ୍ଧୁତା, ଭରସା, ସଦ୍‌ଭାବ, ସମନ୍ୱୟ, ସହାବସ୍ଥାନ, ସହଯୋଗିତା ଓ ସହଭାଗିତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ଯାହା ପାକିସ୍ତାନ ଦୀର୍ଘ ୬୫ ବର୍ଷର ଅବଧିରେ ଦର୍ଶାଇବାର ଦୃଷ୍ଟାନ୍ତମୂଳକ ବାତାବରଣ ସୃଷ୍ଟି କରିପାରି ନାହିଁ।

**ଶକ୍ତିନଗର, କଟକ**
**ମୋ: ୯୪୩୮୫୩୨୪୫୭**

# ମଣିଷତ୍ୱର ଆବିଷ୍କାର



ରଶ୍ମିରଞ୍ଜନ ରାଉତ

ବିଶ୍ୱ ନିୟନ୍ତା ଏ ବ୍ରହ୍ମାଣ୍ଡରେ ଯେମିତି ନଦୀ, ପାହାଡ଼, ପର୍ବତ, ବଣ, ଜଙ୍ଗଲ, ପଶୁ, ପକ୍ଷୀ ଆଦି ନୈସର୍ଗିକ ଆଧାରଗୁଡ଼ିକ ବିଦ୍ୟମାନ କରିଥିଲେ ସେଗୁଡ଼ିକ ହଜାର ହଜାର ବର୍ଷ ପରେ ବି ସେମାନଙ୍କ ମୌଳିକ ଧର୍ମ ଓ ଗୁଣବତ୍ତାକୁ ଭୁଲିନାହାନ୍ତି। ଆଜି ବି ସେମିତି ନଦୀ କୁଳୁକୁଳୁ ବହୁଛି, ପକ୍ଷୀ କିଚିରିମିଚିରି କରୁଛି। ହେଲେ ମଣିଷ ବୁଦ୍ଧି, ବିବେକ ଓ ଦିବ୍ୟଜ୍ଞାନର ଅଧିକାରୀ ହୋଇ ମଧ୍ୟ ଆଗ ନିଜର ଗୁଣ, କର୍ମରୁ ବିଚ୍ୟୁତ ହୋଇଛି। ନିଜର ଅହଂକାରରେ ଜୀବନସାରା ନିଜେ ଜଳିବା ସହ ତା' ଆଖପାଖର ପରିବେଶକୁ ଜାଳିଚାଲିଛି। ପାର୍ଥିବ ଶରୀରକୁ ସୁଖ ସ୍ୱାଚ୍ଛନ୍ଦ୍ୟର ଖୋରାକ ଯୋଗାଇ ନିଜକୁ ନିଃଶେଷ କରିଦେଉଛି। ଭ୍ରମରେ ପଡ଼ି ଜୀବନର ଅସଲ ସାର୍ଥକତାକୁ ପାସୋରି ଦେଉଛି। ତା'ର ଜନ୍ମ କ'ଣ ପାଇଁ, ପରମାତ୍ମା କାହିଁକି ମଣିଷ କରି ଜନ୍ମଦେଲେ ତାହା ବୁଝିବାକୁ ଆତ୍ମଚିନ୍ତନ କରୁନାହିଁ।

ନଦୀ ଧାରଣ କରିଥିବା ଜଳକୁ ନିଜେ ବ୍ୟବହାର କରେ ନାହିଁ। ଝରଣା ନିଜ ପାଣି ନିଜେ ପିଏ ନାହିଁ, ଗଛ ନିଜ ଫଳ ନିଜେ ଖାଏ ନାହିଁ, ଗାଈ ନିଜର ଦୁଗ୍ଧ ନିଜେ ସବୁ ପିଏ ନାହିଁ। ଅର୍ଥାତ୍ ସମସ୍ତେ ନିଜ ନିଜ ଢଙ୍ଗରେ ନିଜର ଧର୍ମ ପାଳନ ସହ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ମାତ୍ର ମଣିଷ ପାଖରେ ହିଁ ଦୃଶ୍ୟମାନ ସବୁ ପ୍ରକାର ବିଲକ୍ଷଣ। ମଣିଷର ଧର୍ମ ତା' ହୃଦୟରେ ଦୟା, କରୁଣା, କ୍ଷମା, ଜୀବେଦୟା, କୃତଜ୍ଞ ଭାବ ଓ ସଂଯମୀ ହେବା। ମାତ୍ର ମଣିଷ ଏହି ମାନବୀୟ ଧର୍ମ ପାଳନ କରିବାକୁ କାଳେକାଳେ କୁଣ୍ଠକୁଣ୍ଠ। ଯେମିତି ସମୁଦ୍ରରେ ଥିବା ସବୁ ଶାମୁକା ଭିତରେ ମୋତି ନ ଥାଏ। ସ୍ୱାତୀ ନକ୍ଷତ୍ରର ବର୍ଷା ବିନ୍ଦୁ ଯେଉଁ ଶାମୁକା ଗର୍ଭରେ ପଡ଼େ ସେଇ ଶାମୁକା ହିଁ ମୋତିଯୁକ୍ତ ହୋଇଥାଏ। ସେମିତି ଆମ ସମାଜରେ ଅନେକଙ୍କ ପାଖରେ ମଣିଷତ୍ୱ ନିଷ୍ପ୍ରଭ। ମଣିଷ ରୂପନେଇ ଜନ୍ମ ହୋଇଥିଲେ ହେଁ ମାତ୍ର ତା' କ୍ଷେତ୍ରରେ ଏହି ମାନବୀୟ ଧର୍ମ ଦେଖା ନ ଯିବାରୁ ସେମାନେ ଆଜି ଅମଣିଷରେ ଗଣା। କଥା କଥାରେ କାହାର ନା କାହାର ପାଟିରୁ ବାହାରି ଆସୁଥିବ 'ହେ... ସେଟା ଅମଣିଷଟା'। ଯେଉଁ କେତେଜଣ ନିଜର ଆଚରଣ, ଉଚ୍ଚାରଣ କର୍ତ୍ତବ୍ୟପରାୟଣତା, ମାନବିକତାକୁ ପାଥେୟକରି ବଞ୍ଚନ୍ତି ସେମାନେ ହିଁ ହେଉଛନ୍ତି ଅସଲ ମଣିଷ ପଦବାଚ୍ୟ ଓ ପ୍ରଶଂସନୀୟ।

ମଣିଷର ମନ ଏକ ଅମାନିଆ ଘୋଡ଼ା! ବିବେକର ଲଗାମ ଧରି ଆରୋହଣ କଲେ ସେ ଠିକ୍ ଆମ ଆୟତ୍ତରେ ରହିପାରିବ। ମନ ଲଗାମଛଡ଼ା ହୋଇଗଲେ ଅବାଟରେ ଯିବା ଥୟ। ମାୟାରେ ଭ୍ରମୁଥିବା ମନ କେବେ ବୁଝେନାହିଁ, କେଉଁ ପଥ ତା' ପାଇଁ ସୁଗମ। ସବୁବେଳେ ମନ ଚାହେଁ ଦୁନିଆର ସବୁରୋଚକ ଓ ଆକର୍ଷଣୀୟ ଜିନିଷ ତା'ର ଅଧୀନ କରିବାକୁ, ତାହା ସତ ହେଉ କି ଅସତ। ଏଣୁ କଳେବଳେ କୌଶଳେ ତାକୁ ହାସଲ କରିବାକୁ ଲାଗିପଡ଼େ। ପରିଶେଷରେ ବଳେବଳେ ସେ ନିଜେ ହିଁ ସେହି ମାୟାରେ ଛନ୍ଦି ହୋଇଯାଏ। ମଣିଷର ଲକ୍ଷଣ ଓ ଆଚରଣ ଆଧାରରେ ହିଁ ସମାଜରେ ମଣିଷ ଓ ରାକ୍ଷସର ଆଖ୍ୟା ପାଏ। ଲଙ୍କାର ରାଜା ରାବଣ



ଜାତିରେ ବ୍ରାହ୍ମଣ ଓ ବେଦଙ୍କ ମହାଜ୍ଞାନୀ ବିଶ୍ରବା ଋଷିଙ୍କ ପୁତ୍ର ଥିଲା। ମହାଦେବଙ୍କ ପରମଭକ୍ତ ହୋଇ ବି ରାବଣ ନିଜର ଆଚରଣ ପାଇଁ ରାକ୍ଷସ ହୋଇଗଲା। ପ୍ରଭୁ ଶଙ୍କରଙ୍କୁ କୈଳାସରେ ଖୋଲାଜୀବନ ବିତାଉଥିବା ଦେଖି ଅନୁରୋଧ କଲା ସ୍ୱର୍ଣ୍ଣମୟୀ ଲଙ୍କାକୁ ନେଇଯିବା ପାଇଁ। ଏଥିରେ ମହାଦେବ ଅନିଚ୍ଛା ପ୍ରକାଶ କରିବାରୁ ଉଦ୍ଭଟ ଓ ଅହଂକାରୀ ରାବଣ ଶଙ୍କରଙ୍କୁ କୈଳାସରୁ ଲଙ୍କାକୁ ନେବାକୁ ବାରମ୍ବାର ପ୍ରୟାସ କରି ବିଫଳ ହେଲା। ଶେଷରେ ରାବଣର ଔଦ୍ଧତ୍ୟ ଏତେ ବଢ଼ି ଚାଲିଲା ଯେ ଷଡ଼ରିପୁର ବଶବର୍ତ୍ତୀ ହୋଇ ବ୍ରାହ୍ମଣରୁ ରାକ୍ଷସ ହୋଇଗଲା। ମାତ୍ର ରାକ୍ଷସ କୁଳରେ ଜନ୍ମ ହୋଇ ବି ଭକ୍ତ ପ୍ରହଲ୍ଲାଦ ନିଜର ଆଚରଣ ପାଇଁ ଦେବତ୍ୱ ଲାଭ କଲା। ଦୈତ୍ୟ ହିରଣ୍ୟକଶିପୁ ପୁତ୍ର ପ୍ରହଲ୍ଲାଦର ତୁଣ୍ଡରେ ଭଗବାନ ବିଷ୍ଣୁଙ୍କ ନା ଶୁଣି ରକ୍ତଚାଉଳ ଚୋବାଇଲା। ନୃଶଂସ ପିତା ପୁତ୍ର ପ୍ରହଲ୍ଲାଦକୁ ହତ୍ୟା କରିବାକୁ ଅନେକ ଷଡ଼ଯନ୍ତ୍ର କରି ବି ବିଫଳ ହେଲା। ଶେଷରେ ଭଗବାନ ବିଷ୍ଣୁ ନୃସିଂହ ଅବତାରରେ ଖମ୍ବରୁ ବାହାରି ହିରଣ୍ୟକଶିପୁକୁ ବଧ କରି ଭକ୍ତ ପ୍ରହଲ୍ଲାଦକୁ କୋଳେଇ ନେଲେ। ଅତଏବ ନିଜର କର୍ମ ଓ ଆଚରଣ ଫଳରେ ଜଣେ ମଣିଷରୁ ଅମଣିଷ ଓ ଜଣେ ଅମଣିଷରୁ ମଣିଷ ହୋଇପାରିବ।

ମଣିଷ ଅନ୍ୟର ଦୋଷ ଦୁର୍ବଳତା ବିଷୟରେ ଜାଣିବାରେ ଯେତିକି ସମୟ ଅପଚୟ କରେ ତା'ର କାଣିଚାଏ ସମୟ ବି ନିଜର ଦୋଷ ଦୁର୍ବଳତାକୁ ଖୋଜେନି। ପ୍ରତ୍ୟେକ ମଣିଷଙ୍କ ଭିତରେ ସୁଗୁଣ ସ୍ୱରୂପ ଅସଲ ମଣିଷତ୍ୱର ମହକ ରହିଛି। ହେଲେ ସେସବୁର ସନ୍ଧାନ କରି ସେ ସୁବିନିଯୋଗ କରିପାରୁନି। ଅନେକାଂଶରେ କସ୍ତୁରୀମୃଗ ପରି ନିଜ ଭିତରର ମହାର୍ଘ ମଣିଷତ୍ୱକୁ ସେ ଏଣେତେଣେ ଖୋଜିବୁଲୁଛି। ନିଜ ଭିତରର ମଣିଷତ୍ୱକୁ ଆବିଷ୍କାର କରିବାରେ ଅନେକ ବିଳମ୍ବ କରିଦେଉଛି। ଅନେକ ସମୟରେ ମଣିଷ ବିଭିନ୍ନ ଭ୍ରମରେ ପଡ଼ି, ଏ ମୂଲ୍ୟବାନ ଜୀବନକୁ କାଣିଚାଏ ଭଲ କାମରେ ଲଗାଇ ପାରୁନାହିଁ। ଜୀବନ ସାରା ଭ୍ରମିଭ୍ରମି ନିଜକୁ ଏମିତି ଭାବରେ ଖର୍ଚ୍ଚ କରିଦେଇଥାଏ ଯେ, ଶେଷରେ ଭାଗଫଳ ବିଯୁକ୍ତ ହୋଇ ରହିଯାଏ। ଜୀବନର ଶେଷ ସମୟକୁ ଲୋକେ କହିବେ, ଜୀବନସାରା ମୋର ମୋର ହୋଇ ସବୁ ଆବୋରୁ ଥିଲା। ଅର୍ଥସର୍ବସ୍ୱ ହୋଇ ନିଜ ଭିତରେ ବଞ୍ଚିବାକୁ ବିକଳ ହେଉଥିଲା ଦାନ, ଧର୍ମ, ଦୟାକୁ ନାକ ଟେକୁଥିଲା। ସିଏ ହୀନସ୍ତା ହେବନି କିଏ ହେବ ? ଯେମିତି କୋଟି କୋଟି ଲୋକ ମରି ପଚିଶଢ଼ିଯାଇ ମାଟିରେ ମିଶିଯାଇଛନ୍ତି, ସେମିତି ଇଏ ବି ମାଟିରେ ମିଶିଯିବ।

ଦିନକୁ ଦିନ ଅବଲୁପ୍ତ ହେବାରେ ଲାଗିଛି ମଣିଷର ଅନ୍ତର୍ନିହିତ ମଣିଷତ୍ୱ। ମଣିଷତ୍ୱର ଉନ୍ମେଷ ପାଇଁ ଗୋଟିଏ ମୁହୂର୍ତ୍ତ ବ୍ୟୟ କରିବାକୁ ସମୟ ନାହିଁ କାହା ପାଖରେ। ଜୀବ ମଧ୍ୟରେ ଶ୍ରେଷ୍ଠ, ବୁଦ୍ଧିମତ୍ତାରେ ଉଚ୍ଚତମ, ସଫଳତାରେ ଶୂନ୍ୟଜୟୀ, ସେହି ମଣିଷ ଆଜି ନିଜର ବିଚାରଧାରା, ଆତ୍ମଚିନ୍ତନକୁ ପ୍ରାୟ ମଣିଷ ସତକର୍ମରେ ବ୍ୟବହାର କରିପାରୁ ନାହିଁ। ଯେପର୍ଯ୍ୟନ୍ତ ମଣିଷ ନିଜକୁ ନିଜର ଭୌତିକ ଲାଳସାଠାରୁ ମୁକ୍ତ କରିପାରିନି, ସେପର୍ଯ୍ୟନ୍ତ ସିଏ କେମିତି ବା ମାୟାବନ୍ଧନରୁ ମୁକ୍ତ ହୋଇପାରିବ। ବରଂ ସେମିତି ମାୟା ବା ସ୍ୱାର୍ଥଜଡ଼ିତ ହୋଇ ଦୁଃଖଯାତନାରେ ଘାଣ୍ଟି ଗୋଳେଇ ହେଉଥିବ ସିନା ଅସଲ ମଣିଷତ୍ୱର ଆବିଷ୍କାର କରିପାରିବ ନାହିଁ।

**୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ**
**ମୋ: ୭୮୦୯୦୩୭୬୦୮**

## ଏଇ ଭାରତରେ

ପରୀକ୍ଷାରେ ପିଲାମାନଙ୍କର କମ୍ ନମ୍ବର ଦେଖିଲେ ପ୍ରାୟତଃ ଅଭିଭାବକ ଗାଳି କରନ୍ତି। ହେଲେ କମ୍ ମାର୍କ ରଖିଥିବା ପିଲାଙ୍କୁ ପ୍ରଶଂସା କରିବା ବିରଳ। ଏହା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ଆଲିଗଡର ଜଣେ ଶିକ୍ଷା ଅଧିକାରୀ ରାକେଶ ସିଂହଙ୍କ କ୍ଷେତ୍ରରେ। ସିବିଏସ୍‌ଇ ପରୀକ୍ଷାରେ ତାଙ୍କ ପୁଅ ମାତ୍ର ୬୦ ପ୍ରତିଶତ ମାର୍କ ରଖିଥିଲେ। ଏହା ଜାଣିବା ପରେ ସେ ଭାଙ୍ଗି ନ ପଡ଼ି ବରଂ ପୁଅର ପ୍ରଶଂସା କରିଛନ୍ତି। ସେ ପୁଅର ମାର୍କ ଲିଷ୍ଟ ସହ ଏକ ଲେଖା ପୋଷ୍ଟ କରି ପୁଅକୁ ପ୍ରଶଂସା ସହ ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ ଲେଖିଛନ୍ତି ନିଜେ ସରକାରୀ ଚାକିରି ପାଇବା ଦିନ ଯେତିକି ଖୁସି ହୋଇଥିଲେ ପୁଅର ରେଜଲ୍ଟ ଆସିବା ପରେ ସମାନଭାବରେ ଖୁସି ହୋଇ ପାରିଛନ୍ତି। ଏହା ସହିତ କହିଛନ୍ତି କି ଯେକୌଣସି ମୁହୂର୍ତ୍ତରେ ଜୀବନକୁ ଆରମ୍ଭ କରାଯାଇପାରେ। ତେଣୁ ପିଲାଙ୍କୁ ସବୁବେଳେ ଉତ୍ସାହିତ କରିବା ଦରକାର। ଅନ୍ୟ ଅଭିଭାବକମାନେ ମଧ୍ୟ ସେମାନଙ୍କ ପିଲାଙ୍କୁ ଏଭଳି ଉତ୍ସାହିତ କରିବା ଦରକାର ବୋଲି ସେ ତାଙ୍କ ପୋଷ୍ଟରେ ଜଣାଇଛନ୍ତି। କାରଣ ନିରାଶ ହେଲେ କୌଣସି ସମସ୍ୟାର ସମାଧାନ ହୋଇ ନ ଥାଏ। ବରଂ ଜୀବନକୁ ଯେକୌଣସି ମୁହୂର୍ତ୍ତରେ ପୁଣି ଥରେ ନୂଆ କରି ଆରମ୍ଭ କରିହେବ। ତାଙ୍କର ଏଭଳି ଏକ ହୃଦୟସ୍ପର୍ଶୀ ଲେଖାକୁ ନେଇ ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚା ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ
୧୯ ମେ ୧୯୭୬

- ଦଳ ବିରୋଧୀ କାର୍ଯ୍ୟ ଓ ଶୃଙ୍ଖଳାଭଙ୍ଗ ଅଭିଯୋଗ ଯୋଗୁ ବିଧାୟକ ବାଙ୍କବିହାରୀ ଦାସ କଂଗ୍ରେସରୁ ବହିଷ୍କୃତ।
- ୬ଟି ରାଜ୍ୟର ୧୨ଟି ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ ପରିକଳ୍ପନା ପାଇଁ ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ କର୍ପୋରେଶନ ପକ୍ଷରୁ ୩ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର।

## ଚିରନ୍ତନୀ

ନ ଲଭି ସାନ୍ତ୍ୱନା କାହିଁ
ଭଗ୍ନପ୍ରାଣ ମାନବ ସନ୍ତାନ
କାଷ୍ଠ ପାଷାଣର ଦେହେ
କରଇ ସେ ଦେବତା ନିର୍ମାଣ।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାମରିକ ବାହିନୀକୁ ସୁଦୃଢ଼ କରାଯାଉ

ମହାଶୟ,

ଶତ୍ରୁ ଯେତେ ଛୋଟ ହେଲେ ମଧ୍ୟ ତା'ର କ୍ଷମତା ଦକ୍ଷତାକୁ ହୀନ ମଣିବା ଅନୁଚିତ। ଯେଉଁ ଦେଶର ସାମରିକ ବାହିନୀକୁ ଆଧୁନିକ ବିନାଶାତ୍ମକ ଅସ୍ତ୍ରଶସ୍ତ୍ରରେ ସଶକ୍ତ, ସୁଦୃଢ଼ ଓ ସୁସଜ୍ଜିତ, ସେଇ ଦେଶ ସେତେ ସୁରକ୍ଷିତ। ନିଜ ଦେଶର ପ୍ରତିରକ୍ଷାକୁ ଆଧୁନିକ ବିନାଶକାରୀ ଘାତକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରି ରଖିବା ଓ ସାମରିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା କେତେ ଯେ ଜରୁରୀ ତାହା ଭାରତକୁ ସଚେତନ କରାଇଛି। ପହେଲଗାମ୍ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଆତଙ୍କବାଦ ବିଲୋପ ଅଭିଯାନ ସମ୍ପୂର୍ଣ୍ଣ କରାଯିବା ଦରକାର। ବିଶ୍ୱର କେଉଁ ଦେଶ ଭାରତକୁ ସମର୍ଥନ କରି ବନ୍ଧୁତ୍ୱର ଦେଶ ରୂପେ ପରିଚୟ ଦେଇଛି ତା'ର ପ୍ରକୃତ ସମୀକ୍ଷା କରିବାର ସୁଯୋଗ ମିଳିଛି। ପାକିସ୍ତାନର ଆତଙ୍କବାଦକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମର୍ଥନ କରୁଥିବା ଦେଶମାନଙ୍କ ସହ କୂଟନୈତିକ ସମ୍ପର୍କ ଛିନ୍ନ ଏବଂ ବାଣିଜ୍ୟ କାରବାରକୁ ବନ୍ଦ କରିବା ଉପରେ ଭାରତ ପଦକ୍ଷେପ ନେବା ଆବଶ୍ୟକ ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଉଠାବ୍ୟବସାୟୀଙ୍କ ଆବଶ୍ୟକତା ଅନୁଯାୟୀ ନାହିଁ ମାର୍କେଟ କମ୍ପ୍ଲେକ୍ସ

■ ବାଲିମେଳା ଏନ୍‌ଏସି
■ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବ୍ୟବସାୟ, ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ

କୋରୁକୋଣ୍ଡା,୧୮।୫(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିରେ ଥିବା ଉଠା ବ୍ୟବସାୟୀଙ୍କ ନିମନ୍ତେ ସହରର ଦୈନିକ ବଜାର ସମେତ କାଳୀଛକରେ କେତେ ଗୁଡ଼ିଏ ଭେଣ୍ଡିଂ ଜୋନ୍ ତିଆରି କରାଯାଇଛି। କିନ୍ତୁ ପ୍ରତିଦିନ ବାଲିମେଳା ସହରରେ ଥିବା ଉଠା ବ୍ୟବସାୟୀଙ୍କ ସମେତ ଆଖପାଖ ବିଭିନ୍ନ ଗ୍ରାମରୁ ପନିପରିବା ସମେତ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ ପାଇଁ ସହରକୁ ଆସୁଥିବା ବ୍ୟବସାୟୀଙ୍କ ସଂଖ୍ୟାଠାରୁ ବହୁତ କମ ଭେଣ୍ଡିଂ ଜୋନ୍ ରହିଛି। ଫଳରେ ଉଠା ବ୍ୟବସାୟୀ ଓ ଚାଷୀମାନେ ନିରୁପାୟ ହୋଇ ସହରର ବିଭିନ୍ନ ଅଞ୍ଚଳରେ ଥିବା ମୁଖ୍ୟ ରାସ୍ତା କଡରେ ବସି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏଥିଯୋଗୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ମୁଖ୍ୟତଃ ଯେତିକି ଭେଣ୍ଡିଂଜୋନ୍ ରହିଛି ସେଗୁଡିକୁ ଏଏନ୍‌ଏସି କର୍ତ୍ତୃପକ୍ଷଙ୍କ ତରଫରୁ ସହରର କେତେକ ଉଠା ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯାଇଥିଲା। କେତେକ ବ୍ୟବସୟୀ କିଛିଦିନ ସେଠାରେ ଦୋକାନ ଖୋଲି ବ୍ୟବସାୟ କରିଥିଲେ। ହେଲେ ବାହାର ଅଞ୍ଚଳରୁ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ କରିବା ପାଇଁ ଆସୁଥିବା ଚାଷୀ ଓ ବ୍ୟବସାୟୀ ଏବଂ ସ୍ଥାନୀୟ କିଛି ବ୍ୟବସାୟୀଙ୍କ ଆବଶ୍ୟକତା ଅନୁଯାୟୀ ଭେଣ୍ଡିଂ ଜୋନ୍ କିମ୍ବା ମାର୍କେଟ କମ୍ପ୍ଲେକ୍ସ ନ ଥିବାରୁ ସେମାନେ ରାସ୍ତା କଡରେ ବସି ବ୍ୟବସାୟ କଲେ। ଫଳରେ ଭେଣ୍ଡିଂ ଜୋନ୍ ନେଇଥିବା ବ୍ୟବସାୟୀଙ୍କର ବେପାର ହ୍ରାସ ପାଇଲା। ସେଥିପାଇଁ ବେପାରୀ ମାନେ ଭେଣ୍ଡିଂ ଜୋନ୍ ଛାଡି ରାସ୍ତା କଡରେ ବ୍ୟବସାୟ କରୁଛନ୍ତି। ୧୯୮୪ ରୁ ସେମାନେ ଏଏନ୍‌ଏସିକୁ ଦୈନିକ ମହାସୁଲ ଦେଇ ଆସୁଛନ୍ତି। ତେବେ ଉଠା ବ୍ୟବସାୟୀଙ୍କ କହିବାନୁସାରେ ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ ସହରର ଏକ ନୂତନ ସ୍ଥାନ ଚିହ୍ନଟ କରି ସେଠାରେ ସହରକୁ ଆସୁଥିବା ସମସ୍ତ ଉଠା ବ୍ୟବସାୟୀଙ୍କ ନିମନ୍ତେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ଏବଂ ଭେଣ୍ଡିଂ ଜୋନ୍ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ଗ୍ରହଣ କରି ଏହାର ସ୍ଥାୟୀ ସମାଧାନ ଦିଗରେ ତୁରନ୍ତ ପଦକ୍ଷପ ନେବାକୁ ଉଠା ବ୍ୟବସାୟୀଙ୍କ ସମେତ ସହରବାସୀ ଦାବୀ କରିଛନ୍ତି।

ଏ ସମ୍ପର୍କରେ ଏନଏସିର ନିର୍ବାହୀ ଅଧିକାରୀ ମୁନା ତୁର୍କଙ୍କୁ ପଚାରିବାରୁ ନୂତନ ମାର୍କେଟ କମ୍ପ୍ଲେକ୍ସ ଏବଂ ଭେଣ୍ଡିଂ ଜୋନ୍‌ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନଙ୍କ ସହ ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଏହାକୁ ନିର୍ମାଣ କରିବା ପାଇଁ ବହୁ ଶୀଘ୍ର ପ୍ରସ୍ତାବ ପଠାଯିବ ବୋଲି ସେ କହିଥିଲେ।


ମୁଖ୍ୟ ରାସ୍ତାକଡରେ ବସିଥିବା ହାଟ ।

# ଜିଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ଡେ ପାଳିତ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ମାଲକାନଗିରି,୧୮।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଆଓମା ଗୁରୁକୁଳ ପରିସରରେ ଜିଲାସ୍ତରୀୟ ଆର୍ଟ ଅଫ ଗିଭିଂ ଡେ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଅତିଥି ବାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକକର୍ମୀ ରତ୍ନାକର ଦାସ, ଶିକ୍ଷାବିତ୍ ମନୋଜ ସାହୁ, ଗୋପୀକୃଷ୍ଣ ପଟ୍ଟନାୟକ ଓ ଦେବବ୍ରତ ସାନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆର୍ଟ ଅଫ ଗିଭିଂ ଡେର ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ କିସ୍ କିଟ୍ ଜିଲା ବରିଷ୍ଠ ସଂଯୋଜକ ରମ୍ୟରଞ୍ଜନ ପରିଡା, ଉପସଂଯୋଜକ ଉତ୍ତମ ସାହା, ସୁଶାନ୍ତ ସାମଲ, ମୁନା ତ୍ରିପାଠୀ, ବିନାଶ ମିଶ୍ର ଓ ପ୍ରସାଦ ନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ଶ୍ୟାମ ନାୟକ ଏହାକୁ ପରିଚାଳନା କରିଥିଲେ।

# ନୂତନ ନଳକୂପ ଖନନର ଶୁଭାରମ୍ଭ


ନଳକୂପ ଖନନ କାର୍ଯ୍ୟ ଆରମ୍ଭ ।

ମାଥିଲି, ୧୮।୫(ସୁବାଷ ଚନ୍ଦ୍ର ଖୁଣ୍ଟିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ମେଙ୍ଗା ପଞ୍ଚାୟତ ତାଳଗୁଡା ଗ୍ରାମବାସୀ ପାନୀୟ ଜଳସମସ୍ୟାକୁ ନେଇ ସରପଞ୍ଚ ରଞ୍ଜିତା ପୂଜାରୀଙ୍କ ନିକଟରେ ନୂତନ ନଳକୂପ ବସାଇବାକୁ ଦାବୀ କରିଥିଲେ। ଲୋକଙ୍କ କଥା ବୁଝି ସରପଞ୍ଚ ଏବଂ ମାଥିଲି ବ୍ଲକ ବିଜୁ ଜନତା ଦଳ ସଭାପତି ସଦାଶିବ ପୂଜାରୀ ନୂତନ ନଳକୂପ ଖନନର ଶୁଭାରମ୍ଭ କରିଛନ୍ତି। ଫଳରେ ମେଙ୍ଗା ପଞ୍ଚାୟତ ଶିରାଗୁଡା, ରଙ୍ଗିଣୀଗୁଡା, କାଳିଆଗୁଡା, ରାଣୀଗୁଡା ଓ ଦୁର୍ଗାଗୁଡା ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇଛି। ଏହାକୁ ନେଇ ଗ୍ରାମବାସୀ ଉଭୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମହିଳା ସ୍ୱାସ୍ଥ୍ୟକର୍ମୀ ଗ୍ରେଡେସନ ତାଲିକାରେ ଅନିୟମିତତା ଅଭିଯୋଗ

## ତଦନ୍ତ ଦାବି

କୋରାପୁଟ,୧୮।୫
(ଅମିତାଭ ବେହେରା)

କୋରାପୁଟ ଜିଲାରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଗ୍ରେଡେସନ ତାଲିକା ପ୍ରସ୍ତୁତି ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକର୍ମୀଙ୍କ ଅସନ୍ତୋଷ ପ୍ରକାଶ କରିବା ସହ ଏ ନେଇ ତଦନ୍ତ କରିବାକୁ ଦାବି କରିଛନ୍ତି। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୪୫୦ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ୨୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେବ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କୁ ଅଦ୍ୟାବଧି ପଦୋନ୍ନତି ଦିଆଯାଇନଥିଲା। ପଦୋନ୍ନତି ନ ହେବାରୁ ସେମାନେ ସେହି ପଦବୀରେ ହିଁ କାର୍ଯ୍ୟ କରୁଛନ୍ତି। କିନ୍ତୁ ଚଳିତମାସ ୧୬ରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପତ୍ର ସଂଖ୍ୟା ୨୯୨୭ରେ ସେମାନଙ୍କ ମଧ୍ୟରୁ ୧୮୫ଜଣଙ୍କୁ ଏଲ୍‌ଏଚ୍‌ବିକୁ ପଦୋନ୍ନତି ଦିଆଯାଇଛି। କିନ୍ତୁ ପ୍ରାୟ ୨୧ବର୍ଷ ଧରି କାର୍ଯ୍ୟ କରୁଥିବା ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପଦୋନ୍ନତି ଦିଆଯାଇନାହିଁ। ୯ବର୍ଷ ଧରି କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି ଦିଆଯାଇଛି। ଏ ନେଇ କର୍ମୀମାନଙ୍କ ମାଧରେ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ୩ ଥର ପ୍ରସ୍ତୁତ କରାଯାଇଥିବା ପଦୋନ୍ନତି ତାଲିକାରେ ନାଁ ଥିବା କର୍ମୀଙ୍କର ଏହି ତାଲିକାରେ ନାଁ ନ ଥିବା ନେଇ ଚର୍ଚ୍ଚା ହେଉଛି। ଜାନୁଆରୀରେ ପ୍ରକାଶ ପାଇଥିବା ତାଲିକା ସଂଖ୍ୟା ୫୩୯, ଜାନୁଆରୀ ୨୮ ଓ ମାର୍ଚ୍ଚ ୧୦ରେ ପ୍ରକାଶିତ ତାଲିକା ସଂଖ୍ୟା ୧୪୪୫ ଆଦି ୩ ଥର ପ୍ରସ୍ତୁତ ତାଲିକାରେ ଥିବା ନାଁ ବର୍ତ୍ତମାନ ନ ଥିବାରୁ ତାଲିକା ପ୍ରକାଶର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ତଦନ୍ତ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସେ ଫୋନ ଗ୍ରହଣ କରିନଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 11/ET/SBP/ENGG/2025-26, ତା.13.05.2025ରିଖ

(1) ଇ-ଟେଣ୍ଡର ସଂ. 18-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ଼-ସରଲା-ସମ୍ବଲପୁର ସିଟି-ଯୁଯୁମୁରା (IN), ସମ୍ବଲପୁର (EX)-ସମ୍ବଲପୁର ସିଟି ଏବଂ ସରଲା-ସମ୍ବଲପୁର (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,95,34,527.39, ବିଡ୍ ସିକ୍ୟୁରିଟି : ₹ 2,47,700/-

(2) ଇ-ଟେଣ୍ଡର ସଂ. 19-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ଯୁଯୁମୁରା (EX) ଏବଂ କେରେଜାଙ୍ଗ (EX) ସେକ୍ସନ ମଧ୍ୟରେ 30.06.2026 ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,61,93,144.34, ବିଡ୍ ସିକ୍ୟୁରିଟି : ₹ 2,31,000/-

(3) ଇ-ଟେଣ୍ଡର ସଂ. 20-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ଼-ସରଲା-ସମ୍ବଲପୁର ସିଟି-ଯୁଯୁମୁରା (IN), ସମ୍ବଲପୁର (EX)-ସମ୍ବଲପୁର ସିଟି ଏବଂ ସରଲା-ସମ୍ବଲପୁର (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 76,06,314.56, ବିଡ୍ ସିକ୍ୟୁରିଟି : ₹ 1,52,200/-

(4) ଇ-ଟେଣ୍ଡର ସଂ. 21-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ଯୁଯୁମୁରା (EX) ଏବଂ କେରେଜାଙ୍ଗ (EX) ସେକ୍ସନ ମଧ୍ୟରେ 30.06.2026 ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ) ଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 91,56,658.42, ବିଡ୍ ସିକ୍ୟୁରିଟି : ₹ 1,83,200/-

କାର୍ଯ୍ୟ ଶେଷ ହେବା ଅବଧି : 30.06.2026 (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 05.06.2025, 1500 ଘଟିକା (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-136/Q/25-26



## TPWODL

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/MK/O/SER/2500000959 Date. 19.05.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Meter Installation and Associated Services for 2 years.**

Interested bidders are to submit Tender Participation Fee and Authorization Letter through email on or before 28th May 2025, **18:00Hrs**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com**. All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Head-Contracts & Procurement**



## OFFICE OF THE MUNICIPAL COUNCIL, KHORDHA

H & UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.: 06755-220674
No. 1623 Date: 16.05.25

**QUOTATION CALL NOTICE**

No. C-347: Sealed quotations are invited in Double Cover (Form A: Technical Bid, Form B: Financial Bid) from reputed registered Transport Agency/Goods Carrier Business Holders/Private Agency & Individual for **"Providing 10 Nos. Light Commercial Vehicle (LCV) including Driver for Collection of Dry Waste & Wet Waste separately in special Bins from Door to Door of 22 Nos. Ward of Khordha Municipality"** for the Sanitation work i.e. lifting of garbages in separately method i.e. dry & wet wastage in special bins on monthly rent basis. All quotation should be accompanied with PAN and GST Registration Certificate etc. Tender paper can be obtained from Cashier section of Khordha Municipality in payment of Rs.2000.00 (Rupees two thousand only) (Non-refundable). Bidder should be submitted EMD of Rs.5000/- (Rupees five thousand only) (Refundable) in shape of BD/BC in favour of Executive Officer, Khordha Municipality payable at Khordha. The application form of quotation/tender containing general bid information and other terms & condition will be available in **www.khordha.nic.in** (District Portal) and **www.khordhamunicipality.in** (Office Portal). The quotationer should quote their rate of the price both in figure and words. All quotations will be recieved in specific quotation box kept in the Office of the undersigned from Date: 19.05.25 at 10.30 A.M. upto Date: 06.06.25 at 10.30 A.M. except Sunday & Holidays and will be opened on Date: 10.06.25 at 11.00 A.M. in presence of quotationer or their authorized representatives in the Chamber of Executive Officer, Khordha Municipality. No conditional or incomplete quotation will be accepted. The financial bid will be opened only technical bid qualifier evaluated by Tender Committee.
Supply order will be given to the successful quotationer with an agreement of undersigned.
The authority shall have the right to accept or reject all the quotations without assigning any reason thereof.

**Sd./- Executive Officer, Khordha Municipality**
OIPR-13082/11/0017/2526



## DISTRICT PROJECT OFFICE
## SAMAGRA SHIKSHA, SUNDARGARH, ODISHA

In front of B.S. High School, At/P.O./Dist.: Sundargarh, PIN - 770001
E-mail: dpcsndgssa.opepa@nic.in, Phone: 06622273718
No. 1543/Pdg. Date: 17.05.2025

**TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)**

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT Clearance along with registration of firm etc. for supply of Teaching Learning Materials. The TLM **consist of Slate, Pencil Box, Chalk, Pencil, Eraser, Sharpener & Crayons for Shishu Vatika and Pencil Box, Ruler, Pencil, Eraser, Sharpener and Crayons for Grade I, II & III.** The tender paper (bid documents) containing detailed specification with terms & conditions, application for technical and financial bid can be downloaded from district website i.e. **www.sundergarh.nic.in** and OSEPA website i.e. **www.osepa.odisha.gov.in**. The bidders are required to submit Demand Draft of Rs.2000/- (Rupees two thousand) only drawn in favour of District Project Coordinator, SS, Sundargarh payable at Sundargarh towards cost of tender documents which is non refundable. **The last date and time for receiving of tender paper is 30th May 2025 by 05.00 P.M. and will be opened on 31.05.2025 at 10.00 A.M. in the Office of the Collector, Sundargarh** in the presence of bidders or their authorized representative. Corrigendum/addendum if required will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/modify or cancel part or whole tender without assigning any reason thereof.

By Order of
Collector-cum-Chairperson, SS, Sundargarh,
**Sd./- DEO & DPC, SS, Sundargarh**



## TATA

**TATA STEEL LIMITED**

**Registered Office:** Bombay House, 24, Homi Mody Street, Fort, Mumbai 400 001, India
**Corporate Identification Number:** L27100MH1907PLC000260
**Tel No:** +91 22 6665 8282 **E-mail:** cosec@tatasteel.com **Website:** www.tatasteel.com

ବିଜ୍ଞପ୍ତି

**ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି (IEPF) କର୍ତ୍ତୃପକ୍ଷଙ୍କ ସପକ୍ଷରେ ଟାଟା ଷ୍ଟିଲ୍ ଲିମିଟେଡର ଇକ୍ୱିଟି ଅଂଶ ହସ୍ତାନ୍ତର (ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଟାଟା ଷ୍ଟିଲ୍ ଲିମିଟେଡରେ ଏବଂ ସହିତ ସମ୍ମିଶ୍ରଣ ହେତୁ ଉତ୍ପନ୍ନ ହୋଇଛି)।**

ଏହି ବିଜ୍ଞପ୍ତି କମ୍ପାନୀ ଆଇନ୍, ୨୦୧୩ ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ପ୍ରକାଶିତ ହୋଇଛି, ଯାହା ସଂଶୋଧିତ, ('ଆଇନ') ଏବଂ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ (ଆକାଉଣ୍ଟିଂ, ଅଡିଟ୍, ସ୍ଥାନାନ୍ତର ଏବଂ ଫେରସ୍ତ) ନିୟମ, ୨୦୧୬ ସହିତ ସଂଶୋଧିତ ('ନିୟମ') ଭାବରେ ପଢ଼ାଯାଇଛି। ଏହି ଆଇନ ଏବଂ ନିୟମଗୁଡ଼ିକ ସହିତ, ଦାବି ନକରିଥିବା ଲାଭାଂଶ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତର ଏବଂ ଅଂଶ, ଉଭୟ ଭୌତିକ ରୂପରେ ଏବଂ ଇଲେକ୍ଟ୍ରୋନିକ୍ ରୂପରେ ଧାରଣ କରାଯାଇଥିବା, ଯାହାର ଲାଭାଂଶ ଅଂଶୀଦାର (ମାନଙ୍କ) ଦ୍ୱାରା ଲଗାତାର ସାତ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଦାବି କରାଯାଇ ନାହିଁ, ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା ରହିଛି।

ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ('TSLP') ଏବଂ ଟାଟା ଷ୍ଟିଲ୍ ଲିମିଟେଡ୍ ('କମ୍ପାନୀ') ଏବଂ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରମାନଙ୍କ ମଧ୍ୟରେ ଅନୁମୋଦିତ ସମ୍ମିଶ୍ରଣ ଯୋଜନା ଅନୁଯାୟୀ, ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ ନଭେମ୍ବର ୧୫, ୨୦୨୩ ('ସମ୍ମିଶ୍ରଣ') ଠାରୁ କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ ହୋଇଛି। ଫଳସ୍ୱରୂପ, ୧୭ ନଭେମ୍ବର, ୨୦୨୩ ର ରେକର୍ଡ ତାରିଖ ଅନୁଯାୟୀ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ସମସ୍ତ ସାର୍ବଜନୀନ ଅଂଶୀଦାରମାନଙ୍କୁ ୬୭:୧୦ ର ଅଂଶୀଦାର ବିନିମୟ ଅନୁପାତରେ ପ୍ରତ୍ୟେକ ୧/- ଟଙ୍କା ମୂଲ୍ୟର କମ୍ପାନୀର ଇକ୍ୱିଟି ଅଂଶ ଆବଣ୍ଟିତ କରାଯାଇଛି।

ନିୟମ ସହିତ ପଠିତ ଆଇନ୍ ର ପାଳନ କରି, କମ୍ପାନୀ ସମ୍ପୃକ୍ତ ଅଂଶୀଦାର(ମାନଙ୍କୁ) (ଯେଉଁମାନେ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ରେ ଅଂଶୀଦାର ଥିଲେ ଏବଂ ସମ୍ମିଶ୍ରଣ ପରେ କମ୍ପାନୀର ଅଂଶୀଦାର ହୋଇଥିଲେ)ଙ୍କୁ ସେମାନଙ୍କର ପଞ୍ଜିକୃତ ଡାକ ଠିକଣାରେ ବ୍ୟକ୍ତିଗତ ଯୋଗାଯୋଗ ପଠାଇଛି, ସେମାନଙ୍କୁ ସେମାନଙ୍କର ଅତୀତରେ ଦାବି ନ କରାଯାଇଥିବା ଲାଭାଂଶ ଦାବି କରିବାକୁ ଅନୁରୋଧ କରିଛି। ଏହି ଯୋଗାଯୋଗ ସେହି ଅଂଶୀଦାରମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କର ପୂର୍ବ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ (୨୦୨୪ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ) ୨୦୧୭-୧୮ ଆର୍ଥିକ ବର୍ଷ ରୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏବଂ ୨୦୨୩-୨୦୨୪ ଆର୍ଥିକ ବର୍ଷ ପାଇଁ କମ୍ପାନୀରୁ ଅତୀତର ଲାଭାଂଶ ଦାବି କରାଯାଇ ନାହିଁ ଏବଂ ଫଳସ୍ୱରୂପ ଯେଉଁମାନଙ୍କର କମ୍ପାନୀରେ ଥିବା ଅଂଶ (ସମ୍ମିଶ୍ରଣ ଅନୁଯାୟୀ ଆବଣ୍ଟିତ) ନିୟମ ସହିତ ପଠିତ ପ୍ରକ୍ରିୟା ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (MCA) ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ପ୍ରଯୁଜ୍ୟ ବିଜ୍ଞପ୍ତି ଅନୁଯାୟୀ ଅଗଷ୍ଟ ୨୧, ୨୦୨୫ ରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହେବାକୁ ବାଧ୍ୟ। ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଯୋଗ୍ୟ ଅଂଶୀଦାର(ମାନଙ୍କୁ) ଅଗଷ୍ଟ ୨୦, ୨୦୨୫ ସୁଦ୍ଧା କମ୍ପାନୀ ଠାରୁ ଏପରି ଦାବି କରାଯାଇନଥିବା ଲାଭାଂଶ(ଗୁଡ଼ିକୁ) ଦାବି କରିବାକୁ ପରାମର୍ଶ ଦିଆଯାଇଛି।

କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କୁ ସ୍ଥାନାନ୍ତର ପାଇଁ ଦାୟୀ ଯୋଗ୍ୟ ଅଂଶୀଦାର (ମାନଙ୍କ)ଙ୍କ ପ୍ରାସଙ୍ଗିକ ବିବରଣୀ ଏହାର ୱେବସାଇଟ୍ www.tatasteel.com ରେ ଉପଲବ୍ଧ କରିଛି। ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ସେମାନଙ୍କର ଦାବି ନକରିଥିବା ଲାଭାଂଶ(ଗୁଡ଼ିକ) ଏବଂ ସେମାନଙ୍କର ଅଂଶର ବିବରଣୀ ଯାଞ୍ଚ କରିବା ପାଇଁ https://www.tatasteel.com/investors/investor-information/unclaimed-dividend/ ଦେଖନ୍ତୁ।

**ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଉଛି ଯେ ଯଦି ୨୦ ଅଗଷ୍ଟ, ୨୦୨୫ ସୁଦ୍ଧା ଦାବି କରାଯାଇନଥିବା ଲାଭାଂଶ ଦାବି କରାଯାଏ ନାହିଁ, ତେବେ ୨୦୧୭-୧୮ ଆର୍ଥିକ ବର୍ଷ (୨୦୧୮-୧୯ ଆର୍ଥିକ ବର୍ଷରେ ପରିଶୋଧ କରାଯାଇଥିବା) ପାଇଁ ପୂର୍ବ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଦାବି କରାଯାଇନଥିବା ଲାଭାଂଶ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କୁ ସ୍ଥାନାନ୍ତରିତ ହେବ। ଏହା ବ୍ୟତୀତ, ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡରେ ଯୋଗ୍ୟ ଅଂଶୀଦାରମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ଇକ୍ୱିଟି ଅଂଶ (ଯାହା କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ ହୋଇଥିଲା) ବିରୁଦ୍ଧରେ ମିଶ୍ରଣ ଫଳରେ ଅଂଶୀଦାର ମାନଙ୍କୁ ଆବଣ୍ଟିତ କମ୍ପାନୀର ଇକ୍ୱିଟି ଅଂଶ, ଯାହା ସମ୍ପର୍କରେ ଲଗାତାର ୭ ବର୍ଷ ପାଇଁ ଦାବି କରାଯାଇ ନାହିଁ, ଅଂଶୀଦାର ମାନଙ୍କୁ ନିମ୍ନଲିଖିତ ଉପାୟରେ କୌଣସି ସୂଚନା ବିନା ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହେବ:**

ଯଦି ଇକ୍ୱିଟି ଅଂଶ ଧାରଣ କରାଯାଏ:
- **ଭୌତିକ ରୂପରେ** - ଆବଶ୍ୟକୀୟ ଔପଚାରିକତା ସମାପ୍ତ ହେବା ପରେ ନୂତନ ଅଂଶୀଦାର ପ୍ରମାଣପତ୍ର (ଗୁଡ଼ିକ) ଜାରି କରାଯିବ ଏବଂ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ କରାଯିବ। ତେଣୁ, ଅଂଶୀଦାର(ମାନଙ୍କ) ନାମରେ ଜାରି କରାଯାଇଥିବା ମୂଳ ଅଂଶୀଦାର ପ୍ରମାଣପତ୍ର (ଗୁଡ଼ିକ) / ନିଶ୍ଚିତକରଣ ପତ୍ର (ଗୁଡ଼ିକ) ବାତିଲ ଏବଂ ଅବିଚାରଯୋଗ୍ୟ ବୋଲି ବିବେଚନା କରାଯିବ।
- **ଡିମାଟେରିଆଲାଇଜଡ୍ ରୂପରେ** - କମ୍ପାନୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଅଂଶୀଦାରମାନଙ୍କ ଡିମାଟ୍ ଆକାଉଣ୍ଟରେ ପଡ଼ିଥିବା ଇକ୍ୱିଟି ସେୟାର ସ୍ଥାନାନ୍ତର ପାଇଁ କର୍ପୋରେଟ୍ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଜମାକାରୀଙ୍କୁ ସୂଚିତ କରିବ।

ସମ୍ପୃକ୍ତ ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତରିତ ଏପରି ଇକ୍ୱିଟି ଅଂଶ ଉପରେ ସୃଷ୍ଟି ହେଉଥିବା ସମସ୍ତ ଭବିଷ୍ୟତ ଲାଭ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଜାରି/ସ୍ଥାନାନ୍ତରିତ କରାଯିବ।

ଅଂଶୀଦାରମାନେ ଧ୍ୟାନ ଦେଇପାରିବେ ଯେ ଦାବି କରାଯାଇନଥିବା ଲାଭାଂଶ ଏବଂ/ଅଥବା ଇକ୍ୱିଟି ଅଂଶ(ଗୁଡ଼ିକ) ଉଭୟ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହୋଇସାରିଛି, ଯାହା ପାଇଁ ଅଂଶୀଦାରମାନେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ୱେବସାଇଟ୍ www.mca.gov.in କୁ ଯାଇ ଏବଂ ୱେବ୍ ଫର୍ମ IEPF 5 ଦାଖଲ କରିବା ଏବଂ ଅଧିକାର ପତ୍ର (EL) ପାଇବା ପାଇଁ ଆବଶ୍ୟକ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ କମ୍ପାନୀକୁ ଦାଖଲ କରି ଦାବି କରିପାରିବେ। EL ଜାରି ହେବା ପରେ, ଆପଣଙ୍କୁ EL ସହିତ ଅନଲାଇନରେ ୱେବ୍ ଫର୍ମ IEPF 5 ଫାଇଲ୍ କରିବାକୁ ଅନୁରୋଧ କରାଯାଉଛି ଏବଂ ଏହାର ଭୌତିକ କପି, ଯଥାସମ୍ଭବ ସ୍ୱାକ୍ଷରିତ, ଟାଟା ଷ୍ଟିଲ୍ ଲିମିଟେଡ୍ ର ନୋଡାଲ୍ ଅଧିକାରୀ/ଡେପୁଟି ନୋଡାଲ୍ ଅଧିକାରୀଙ୍କ ଦୃଷ୍ଟିକୁ ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା (ବମ୍ବେ ହାଉସ୍, ୨୪, ହୋମି ମୋଦୀ ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦୦୦୧/Bombay House, 24, Homi Mody Street, Fort, Mumbai 400001) ରେ ପଠାଇବାକୁ ଅନୁରୋଧ କରାଯାଉଛି, ଯଦି କମ୍ପାନୀ/ରେଜିଷ୍ଟ୍ରାର ଏବଂ ସ୍ଥାନାନ୍ତର ଏଜେଣ୍ଟ କୁ ପୂର୍ବରୁ ପଠାଯାଇ ନାହିଁ, ତେବେ IEPF-5 ୱେବ୍ ଫର୍ମରେ ତାଲିକାଭୁକ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ।

ଅଂଶୀଦାରମାନେ ଆହୁରି ମଧ୍ୟ ଧ୍ୟାନ ଦେଇପାରିବେ ଯେ କମ୍ପାନୀ ଦ୍ୱାରା ଏହାର ୱେବସାଇଟ୍ ରେ ଅପଲୋଡ୍ କରାଯାଇଥିବା ସମ୍ପୃକ୍ତ ଅଂଶୀଦାରଙ୍କ ଦାବି କରାଯାଇନଥିବା ଲାଭାଂଶ ଏବଂ/କିମ୍ବା ଅଂଶର ବିବରଣୀକୁ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ନିୟମ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ବିଜ୍ଞପ୍ତି ସହିତ ପଠିତ ଆଇନ ଅନୁଯାୟୀ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଅଂଶ ସ୍ଥାନାନ୍ତର ଉଦ୍ଦେଶ୍ୟରେ କମ୍ପାନୀ ଦ୍ୱାରା ନୂତନ ଅଂଶୀଦାର ପ୍ରମାଣପତ୍ର ଜାରି କରିବା ସମ୍ପର୍କରେ ପର୍ଯ୍ୟାପ୍ତ ସୂଚନା ଭାବରେ ବିବେଚନା କରାଯିବ।

**ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆଇନଗତ ସମୟସୀମା ମଧ୍ୟରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତରିତ ହେବାକୁ ଥିବା ଦାବି କରାଯାଇନଥିବା ଲାଭାଂଶ ଏବଂ ଇକ୍ୱିଟି ସେୟାର ସମ୍ପର୍କରେ କମ୍ପାନୀ ବିରୁଦ୍ଧରେ କୌଣସି ଦାବି କରାଯିବ ନାହିଁ।**

ଉପରୋକ୍ତ ବିଷୟରେ ଯେକୌଣସି ପ୍ରଶ୍ନ ପାଇଁ, କମ୍ପାନୀର ଅଂଶୀଦାର ମାନଙ୍କୁ ନିମ୍ନଲିଖିତ ମଧ୍ୟରୁ ଯେକୌଣସି ଗୋଟିଏ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି:

| କମ୍ପାନୀର ଯୋଗାଯୋଗ ବିବରଣୀ | ରେଜିଷ୍ଟ୍ରାର ଏବଂ ସ୍ଥାନାନ୍ତର ଏଜେଣ୍ଟ (RTA) |
|---|---|
| ଶ୍ରୀ ପାର୍ବଥୀସମ୍ କାଞ୍ଚିନାଧାମ୍<br>କମ୍ପାନୀ ସଚୀବ ଏବଂ ମୁଖ୍ୟ ଆଇନ୍ ଅଧିକାରୀ (ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ଉଦ୍ଦେଶ୍ୟରେ ନୋଡାଲ୍ ଅଧିକାରୀ)<br>ବମ୍ବେ ହାଉସ୍, ୨୪, ହୋମି ମୋଦୀ ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦୦୦୧<br>ଟେଲିଫୋନ୍ ନଂ: +୯୧ ୨୨ ୬୬୬୫୭୨୭୯<br>ଇ-ମେଲ୍: cosec@tatasteel.com | ଏମ୍.ୟୁ.ଏଫ୍.ଜି ଇନଟାଇମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍<br>(ପୂର୍ବରୁ ଲିଙ୍କ୍ ଇନଟାଇମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍)<br>ସି-୧୦୧, ପ୍ରଥମ ମହଲା, ୨୪୭ ପାର୍କ,<br>ଲାଲ ବାହାଦୁର ଶାସ୍ତ୍ରୀ ମାର୍ଗ, ଭିକ୍ରୋଲି (ପଶ୍ଚିମ), ମୁମ୍ବାଇ ୪୦୦୦୮୩<br>ଟେଲିଫୋନ୍ ନଂ: +୯୧ ୮୧୦ ୮୧୧ ୮୪୮୪<br>ପ୍ରଶ୍ନ ପଚାରିବା ନିମନ୍ତେ, ଦୟାକରି ୱେବସାଇଟକୁ ଯାଆନ୍ତୁ: www.in.mpms.mufg.com |

ଟାଟା ଷ୍ଟିଲ୍ ଲିମିଟେଡ୍
Sd/-
ଶ୍ରୀ ପାର୍ବଥୀସମ୍ କାଞ୍ଚିନାଧାମ୍
କମ୍ପାନୀ ସଚୀବ ଏବଂ ମୁଖ୍ୟ ଆଇନ୍ ଅଧିକାରୀ
ସଦସ୍ୟତା ନଂ ଏସିଏସ: ୧୫୯୨୧

ମଇ ୧୮, ୨୦୨୫
ମୁମ୍ବାଇ

TATA STEEL

# କାମରେ ଆସୁନି ମିନିପାର୍କ, ଶିଶୁ କ୍ରୀଡ଼ା ଉଦ୍ୟାନ




ରକ୍ଷଣାବେକ୍ଷଣ ଅଭାବରୁ ମିନିପାର୍କରେ ଥିବା ସରଞ୍ଜାମ ଅବହେଳିତ ଅବସ୍ଥାରେ ପଡ଼ିରହିଛି।

**ଉମରକୋଟ, ୧୮।୫(ସନ୍ତୋଷ ଶତପଥୀ)**

ପୂର୍ବ ସରକାର ମୁଖ୍ୟମନ୍ତ୍ରୀ କର୍ମତତ୍ପର (ମୁକ୍ତା) ଯୋଜନା ଅଧୀନରେ ସହରାଞ୍ଚଳର ବିକାଶ ପାଇଁ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳରେ ମିନି ପାର୍କ, ଶିଶୁ କ୍ରୀଡ଼ା ଉଦ୍ୟାନ ଏବଂ ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ପ୍ରକଳ୍ପ ଏବେ ବିପର୍ଯ୍ୟସ୍ତ ହୋଇପଡ଼ିବା ସହ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ଉମରକୋଟ ପୌରାଞ୍ଚଳର ୨, ୬, ୧୧, ୧୩ ନମ୍ବର ୱାର୍ଡରେ ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ପୌର ପରିଷଦ ପକ୍ଷରୁ ମିନି ପାର୍କ ନିର୍ମାଣ କରାଯାଇଥିଲା। ପୌର ପ୍ରଶାସନର ଅବହେଳା ଯୋଗୁ ପାର୍କ ଭିତରେ ଥିବା ସରଞ୍ଜାମ ଭାଙ୍ଗିରୁଜି ଗଲାଣି। ସେହିଭଳି ପୌରାଞ୍ଚଳ ଅଧୀନ ୨ ନମ୍ବର ୱାର୍ଡରେ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇଥିବା ମିନି ପାର୍କ ଏବେ ଛୋଟ ଜଙ୍ଗଲରେ ପରିଣତ ହୋଇଛି। ଫଳରେ ଏସବୁ ସ୍ଥାନକୁ ଯିବାକୁ ଲୋକେ ଭୟ କରୁଛନ୍ତି। ମିନି ପାର୍କରେ ଆଲୋକୀକରଣ ପାଇଁ ବ୍ୟବସ୍ଥା ରହିଥିଲେ ସୁଦ୍ଧା ସେହିକାର୍ଯ୍ୟ ଆଜିଯାଏ ହୋଇ ନ ଥିବା ଅଭିଯୋଗ ହୋଇଛି। କିନ୍ତୁ ପ୍ରତ୍ୟେକ ପାର୍କରେ ଆଲୋକୀକରଣ ପାଇଁ ବ୍ୟୟବରାଦ ହୋଇଥିବା ଟଙ୍କା କୁଆଡ଼େ ଗଲା, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସ୍ଥାନରେ ପର୍ଯ୍ୟାୟକ୍ରମେ ଟଙ୍କା ଖର୍ଚ୍ଚ କରାଯିବା ସହ ଉଦ୍ଘାଟନ ମଧ୍ୟ କରାଗଲା, ହେଲେ ଲୋକଙ୍କ କାମରେ ଆସିପାରିଲାନି ବୋଲି ଆଲୋଚନା ହେଉଛି। ତେଣୁ ପ୍ରତ୍ୟେକ ମିନି ପାର୍କର ରକ୍ଷଣାବେକ୍ଷଣ ପାଇଁ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ନିୟୋଜିତ କରିବା ସହ ନିୟମିତ ଏହାର ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦିଆଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସେହିଭଳି ପ୍ରାୟ ୨କୋଟି ୫୦ ଲକ୍ଷ ବ୍ୟୟରେ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୧୦ଟି ଶିଶୁ କ୍ରୀଡ଼ା ଉଦ୍ୟାନ ଏବଂ ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଉକ୍ତ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ବାରିହୋଇପଡୁଥିବାରୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ଏହାର ତଦନ୍ତ କରିବା ସହ ନଷ୍ଟ ହୋଇଯାଇଥିବା ପାର୍କଗୁଡିକର ପୁନରୁଦ୍ଧାର କରାଯାଉ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି । ଘଟଣାକୁ ନେଇ ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କୁ ପଚାରିବାରୁ ମିନି ପାର୍କଗୁଡିକୁ ଯାଇ ନିରୀକ୍ଷଣ କରିବେ ଓ ଅଧା ରହିଥିବା କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବେ। ସେସବୁ କିପରି ଲୋକଙ୍କ କାମରେ ଆସିବ ସେ ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

**ପୌରାଞ୍ଚଳରେ ମୁକ୍ତା ଯୋଜନା ଦିଗହରା**

# ଟିକାକରଣ ପରେ ଜ୍ୱର ହୋଇ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

**ଝରିଗାଁ, ୧୮।୫(କିଶୋର ଚନ୍ଦ୍ର ମଣ୍ଡଳ)**

ଦେଢ଼ମାସର ଶିଶୁପୁତ୍ରକୁ ଟିକା ଦେବା ପରେ ଜ୍ୱର ହେବା ସହ ଗୁରୁତର ହେବାରୁ ଶିଶୁର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଅନ୍ତର୍ଗତ କୁରୁଙ୍ଗାବେଡ଼ା ଗ୍ରାମରୁ ଏଭଳି ଅଭିଯୋଗ ଆସିଛି। କୁରୁଙ୍ଗାବେଡ଼ା ଗ୍ରାମର କିୟାବତୀ ଭତ୍ରାଙ୍କ କହିବା ଅନୁଯାୟୀ, ତାଙ୍କ ଦେଢ଼ମାସର ପୁଅ ସୁସେନଙ୍କୁ ଗତ ବୁଧବାର ଟିକାକରଣ ପାଇଁ ରାମ୍ପା ଅଙ୍ଗନୱାଡ଼ି କେନ୍ଦ୍ରକୁ ନେଇଥିଲେ। ତେବେ ସୁସେନଙ୍କୁ ମଙ୍ଗଳବାର ରାତିରୁ ଜ୍ୱର ହୋଇଥିବା ମା' କିୟାବତୀ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ କହିଥିଲେ। ଏହାପରେ ସ୍ୱାସ୍ଥ୍ୟକର୍ମୀ ସୁସେନଙ୍କୁ ୩ଟି ଟିକା ଦେଇଥିଲେ। ତେବେ ଶନିବାର ପୁଅର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ରାତିରେ ମେଡିକାଲ ନେବା ପାଇଁ ପ୍ରସ୍ତୁତ ହେବା ବେଳେ ରାତି ପ୍ରାୟ ୯ ଟାରେ ଘରେ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ପରିବାର ଲୋକ କହିଛନ୍ତି। ଟିକାକରଣ ଯୋଗୁ ଶିଶୁପୁତ୍ର ଗୁରୁତର ହେବାରୁ ତା'ର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ହେଲେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ିନାହିଁ। ଏ ନେଇ ବଡ଼ନି ମହିଳା ସ୍ୱାସ୍ଥ୍ୟକର୍ମୀ କବିତା ନାୟକଙ୍କୁ ଯୋଗାଯୋଗ କରିବାରୁ, ଉକ୍ତ ଦିନ ସବ୍‌ସେଣ୍ଟରରେ ୨୧ ଜଣ ଶିଶୁଙ୍କୁ ଟିକା ପ୍ରଦାନ କରାଯାଇଛି। ଟିକାକରଣ ପରେ ସୁସେନଙ୍କୁ ଜ୍ୱର ହୋଇଥିବା ନେଇ ଆଶାକର୍ମୀ କି ପରିବାର ଲୋକ ମୋତେ ଜଣାଇ ନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

# ଯୁବକଙ୍କୁ ହତ୍ୟା ମାମଲାରେ ୨ ଅଟକ

**ଦଶମନ୍ତପୁର, ୧୮।୫(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଚଣାବାଡ଼ ପଞ୍ଚାୟତ ସଦର ମହକୁମାର ଧନପତି ଜାନୀଙ୍କୁ ଗ୍ରାମର କେତେକ ଲୋକେ କୌଣସି ଘଟଣାକୁ ନେଇ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ହତ୍ୟା ପରେ ଆତ୍ମହତ୍ୟା ରୂପ ଦେଇଥିବା ନେଇ ମୃତ ଧନପତିଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ରବିବାର ଧନପତିଙ୍କ ମା' ଏ ନେଇ ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନା ଅଧିକାରୀ ସୁକୁମା ହାଁସଦା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ହାଁସଦା କହିଛନ୍ତି। ସୂଚନା ଅନୁଯାୟୀ, ଧନପତି ୭ ତାରିଖ ଦିନ ଖାଇ ସାରି ବଡ଼ ସାହିରେ ଶୋଇବାକୁ ଯାଇ ଥିବା ବେଳେ ଗାଁର ୪ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ଧନପତି ଦୌଡ଼ି ପଳାଇଥିଲେ ଏବଂ ସେମାନେ ତାଙ୍କୁ ପିଛା କରି ଯାଇଥିବା ଗ୍ରାମର ଜଣେ ସମ୍ପର୍କୀୟ ଦେଖିଥିଲେ। ପରଦିନ ଧନପତିଙ୍କ ମୃତଦେହ ନିକଟ ଜଙ୍ଗଲରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିଲା। ତାଙ୍କୁ ନ୍ୟାୟ ଦେବାକୁ ଧନପତିଙ୍କ ମା' ନିବେଦନ କରିଛନ୍ତି।

# ଆହତ ୨୫ ଗୋରୁ ଜୟପୁର ସ୍ଥାନାନ୍ତର

**ଜୟପୁର, ୧୮।୫(ପବନ ପାଣିଗ୍ରାହୀ)**

**ଶୁଙ୍କି ଘାଟିରେ କଣ୍ଟେନର ଦୁର୍ଘଟଣା ମାମଲା**

କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍ ଶୁଙ୍କି ଘାଟିରେ ଶନିବାର ଅପରାହ୍ନରେ ପାହାଡ଼ରେ କଣ୍ଟେନର ପିଟିହୋଇ ୪୮ ଗାଈ ମରିଥିଲେ। ଏଥିରେ ଆହତ ହୋଇଥିବା ୨୫ ଗୋରୁଙ୍କୁ ଜୟପୁର ବ୍ଲକ୍ ପାଲିଗୁଡା ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଶନିବାର ନବରଙ୍ଗପୁର ଜିଲାରୁ ୬୦ରୁ ଊର୍ଦ୍ଧ୍ୱ ଗୋରୁ ବୋଝେଇ ଏକ କଣ୍ଟେନର ଆନ୍ଧ୍ର ଯାଉଥିଲା। ୨୬ ନମ୍ବର ଜାତୀୟ ରାଜପଥର ଶୁଙ୍କି ଘାଟିର ରାଲେଗଡା ନିକଟ ଯୋଡ଼ିମାଦିଲି ନିକଟରେ ଗାଡ଼ିର ବ୍ରେକ୍ ଫେଲ୍ ହୋଇଯିବାରୁ ଭାରସାମ୍ୟ ହରାଇ ପାହାଡ଼ରେ ପିଟି ହୋଇଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨୫ ଆହତ ଗୋରୁଙ୍କୁ ଉଦ୍ଧାର କରିଥିଲା। ପଟାଙ୍ଗି ଥାନା ଅଧିକରୀ ଚତୁର୍ଭୁଜ ନାୟକ ପ୍ରଥମେ ଆଉଁଳିକୁ ଗୋରୁଙ୍କୁ ନେବା ପରେ ସେଠାରେ ଜାଗା ଅଭାବରୁ ପାଲିଗୁଡା ଗୋଶାଳାକୁ ଆଣିଥିଲେ। ହିନ୍ଦୁ ସମାଜର କର୍ମକର୍ତ୍ତାମାନେ ପୋଲିସ ଉପସ୍ଥିତିରେ ୨୫ ଗାଈକୁ ଗୋଶାଳାରେ ରଖି ସେବା କରୁଛନ୍ତି। ନିୟମିତ ଭାବେ ଓଡ଼ିଶାରୁ ଆନ୍ଧ୍ରକୁ ଗୋଚାଲାଣ ହେଉଥିବାରୁ ଏହା ରୋକିବାକୁ ହିନ୍ଦୁ ସମାଜ ପକ୍ଷରୁ ଦାବି କରାଯାଇଛି।

## ସଂକ୍ଷେପରେ

### ପଟାଙ୍ଗି ବ୍ଲକ୍‌ରେ ମୋବାଇଲ୍ ନେଟୱର୍କ ଠପ୍ ଜରୁରୀ କାର୍ଯ୍ୟ ବାଧାପ୍ରାପ୍ତ

**ପଟାଙ୍ଗି, ୧୮।୫(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟାଙ୍ଗି ବ୍ଲକରେ ମୋବାଇଲ ନେଟୱର୍କ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକରେ ମୋବାଇଲ୍ ନେଟୱର୍କ ଉପଭୋକ୍ତା ଅତିଷ୍ଠ ହୋଇ ପଡ଼ିଛନ୍ତି। ସୂଚନା ଅନୁଯାୟୀ, ବ୍ଲକରେ ବିଏସ୍ଏନ୍ଏଲ୍, ଜିଓ ଏବଂ ଏୟାରଟେଲ୍ ୩ ମୋବାଇଲ୍ ନେଟୱର୍କ ଥିବା ବେଳେ ୮ ଦିନ ହେବ ଏହା ବାଧାପ୍ରାପ୍ତ ହୋଇଛି। ଏଥିରେ ବିଭିନ୍ନ ଅଫିସିଆଲ୍ କାର୍ଯ୍ୟରେ ବାଧା ଉପୁଜିଛି। ବିଭାଗ ଏଥିରେ କୌଣସି ହସ୍ତକ୍ଷେପ କରୁନଥିବାରୁ ମୋବାଇଲ ଉପଭୋକ୍ତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ସରକାରୀ କାର୍ଯ୍ୟ ଉକ୍ତ ନେଟୱାର୍କ ଉପରେ ନିର୍ଭର ଥିବା ବେଳେ ନେଟୱାର୍କ ନ ଥିବାରୁ ତାହା ଠପ୍ ହୋଇଯାଇଛି। କୌଣସି ଅଫିସିଆଲ କାର୍ଯ୍ୟ କିମ୍ବା ମେଲ୍ ପଠାଇବାକୁ ହେଲେ ଲୋକଙ୍କୁ ପାହାଡ଼ ଉପର କିମ୍ବା ଗଛ ଉପରେ ଚଢ଼ିବାକୁ ପଡୁଛି। ୮୦ ପ୍ରତିଶତ ଉପଭୋକ୍ତା ଜିଓ ସିମ୍ ବ୍ୟବହାର କରୁଥିବା ବେଳେ ଏକ ମାସ ହେଲା ନେଟୱାର୍କ ରହୁ ନ ଥିବାରୁ କୌଣସି ଅନ୍‌ଲାଇନ୍ କାର୍ଯ୍ୟ ହୋଇପାରୁନାହିଁ। ପ୍ୟାକେଜ୍ ଅନୁସାରେ ଲୋକେ ନେଟ୍ ବ୍ୟବହାର ପାଇଁ ମୋବାଇଲ୍ ରିଚାର୍ଜ କରୁଛନ୍ତି। କିନ୍ତୁ ନେଟ୍‌ୱର୍କ ନ ଥିବାରୁ ତାହା ବୃଥା ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ବିଏସ୍ଏନ୍ଏଲ୍, ଜିଓ ଭଳି ଏୟାରଟେଲ୍ ନେଟୱର୍କର ସମାନ ଅବସ୍ଥା। ନେଟୱାର୍କ ସେବା ଠପ୍ ହେବାରୁ ଉପଭୋକ୍ତା ସମସ୍ୟାର ସମ୍ମୁଖୀନ ହେବା ସହ କୌଣସି ଯୋଗାଯୋଗ କରିପାରୁ ନ ଥିବା କହିଛନ୍ତି। ଏହିପରି ସମସ୍ୟା ଲାଗି ରହିଲେ ବ୍ଲକ ସମସ୍ତ କ୍ଷେତ୍ରରେ ଯୋଗାଯୋଗରେ ବିଚ୍ଛିନ୍ନ ହୋଇପଡିବ ବୋଲି ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି।

### ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୫ ଆହତ

**ହିଞ୍ଜିଳିକାଟୁ, ୧୮।୫(ଦ୍ୱିତୀକୃଷ୍ଣ ପଣ୍ଡା)**

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ତହଁର ଗ୍ରାମରେ ରବିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। କାତି, ଠେଙ୍ଗା ଓ କୋଡିରେ ଆକ୍ରମଣ, ପ୍ରତିଆକ୍ରମଣରେ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନେ ହେଲେ ଗୀତା ସେଠୀ, ତାଙ୍କ ଝିଅ ସୁଚିତ୍ରା ସେଠୀ, ଭାଇ ସୁଦର୍ଶନ ସେଠୀ ଓ ଅପର ପକ୍ଷର ଅର୍ଜ୍ଜୁନ ନାୟକ ଏବଂ ତାଙ୍କ ସ୍ତ୍ରୀ ମୋହିନି ନାୟକ। ସୁଦର୍ଶନଙ୍କ ଅବସ୍ଥା ଗୁରୁତର ରହିଛି । ଘଟଣା ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ପୋଲିସ ପୃଥକ ୨ଟି ମାମଲା (ନଂ.୪୦୮ ଓ ୪୦୯/୨୫) ରୁଜୁ କରି ତଦନ୍ତ କରୁଛି।

# ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲକୁ ୧୯ ପଦକ



ପଦକ ହାସଲ କରିଥିବା ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲର ଛାତ୍ରୀଛାତ୍ର।

**ସେମିଳିଗୁଡା, ୧୮।୫(ବାସୁଦେବ ବରାଡ)**

**ରାଜ୍ୟ କରାଟେ ଚାମ୍ପିୟନଶିପ**

ମେ ୯ରୁ ୧୧ଯାଏ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଚାଲିଥିବା ରାଜ୍ୟ କାରାଟେ ଚାମ୍ପିୟନଶିପ୍‌ରେ ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲକୁ ୧୯ ପଦକ ମିଳିଛି। ଉତ୍କଳ କାରାଟେ ସ୍କୁଲ ୫ ସୁନା, ୯ରୂପା ଓ ୫ କାଂସ୍ୟ ହାସଲ କରିଛି। ସ୍କୁଲର ରୁଦ୍ରାଂଶ କୁମାର ସାମଲ କାଟା ଓ ଫାଇଟ୍ରେ ସୁନା ପଦକ, ଆକାଂଖ୍ୟା ମହାନ୍ତି ସୁନା, ଦୀପ୍ତି ନାମଦେଓ ଏବଂ ତପସ୍ୱିନୀ ନାୟକ ଫାଇଟ୍ରେ ସୁନା ଜିତିଥିଲେ। ଏଞ୍ଜେଲ୍ ଅଭିସିକ୍ତା ମିନିଆକା, ଶିବପ୍ରିତ ଚନ୍ଦନ ସ୍ୱାଇଁ, ନନ୍ଦିନୀ ନାୟର, ତୃପ୍ତି ରାଣୀ ମହାନ୍ତି, ଶୁଭମ ନାୟକ ଓ ଟିମ୍ କାଟାରେ ତପସ୍ୱିନୀ, ଶ୍ରୁତି ଶିଖା ସାହୁ ଓ ତୃପ୍ତି ସମ୍ପୂର୍ଣ୍ଣା ଦାଶ ରୌପ୍ୟ ହାସଲ କରିଥିଲେ। ସେହିପରି ଅଙ୍କିତ ଖାରା, ଶ୍ରୁତି, ବିଦ୍ୟାଶ୍ରୀ ନିବେଦିତା ମଲ୍ଲିକ, ଆକାଂକ୍ଷ୍ୟା ପଟି ଓ ସମ୍ପୂର୍ଣ୍ଣା କାଂସ୍ୟ ପଦକ ଜିତିଥିଲେ। କୋରାପୁଟ ଜିଲା କାରାଟେ ଅସୋସିଏସନ୍‌ର ସଚିବ ସେନ ସାଇ ଦୁର୍ଗା ପ୍ରସାଦ ରଥ, ଉତ୍କଳ କାରାଟେ ସ୍କୁଲ(ସେମିଳିଗୁଡା ଓ ସୁନାବେଡା)ର ଅଧକ୍ଷ ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି।

### ୱାର୍କର୍ସ କ୍ଲବ ବୈଠକ

**କୋରାପୁଟ, ୧୮।୫(ଅମିତାଭ ବେହେରା)**

କୋରାପୁଟ ମେଘରାଜ କମ୍ପ୍ଲେକ୍ସରେ ରାଜଶ୍ରୀ ବିକ୍ରମ ୱାର୍କର୍ସ କ୍ଲବ୍ ଓ ଲେଡିସ ୱାର୍କର୍ସ କ୍ଲବ୍ ଓ ଗୌଡଗୁଡା ୱାର୍କର୍ସ କ୍ଲବ୍ ମିଳିତ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଗୋପିନାଥ ପଟ୍ଟନାୟକ, ସତ୍ୟନାରାୟଣ ଓ ଆଲ୍ଲାଦୀନି ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ସ୍ୱାସ୍ଥ୍ୟ ସମ୍ପର୍କୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ସଭାନେତ୍ରୀ ଆରତୀ ସେଠୀ, ପଦ୍ମା ଶାସ୍ତ୍ରୀ ଓ କ୍ଲବ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ସଭାପତି ଅଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପଥଚାରୀ ଜଗନମୋହନ ସାହୁ,ସରୋଜ ରଥ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସଭାପତି ଗୁପ୍ତ ଗୌଡ, ତ୍ରିଲୋଚନ ଗୌଡ଼ ଓ ସମସ୍ତ ସଭ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ୱାର୍କର୍ସ କ୍ଲବ ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ ପରିଚାଳନା କରିଥିଲେ।

### କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ଛତ୍ରପୁର, ୧୮।୫ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)**

ଛତ୍ରପୁର ବ୍ଲକ ଅନ୍ତର୍ଗତ କଣମଣା ଗ୍ରାମରେ କଲ୍ୟାଣ ମଣ୍ଡପ ଉଦଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଛତ୍ରପୁର ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ମୁନା ଦାସ, କଣମଣା ସରପଞ୍ଚ ବି. ଦମୟନ୍ତୀ, ପୂର୍ବତନ ସରପଞ୍ଚ ଏସ. ଚକ୍ରପାଣି ରେଡ୍ଡୀ, ନାଏବ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ମହିଳା ନେତ୍ରୀ ନୀଳାଦ୍ରି ପ୍ରଧାନ, କଣମଣା ଗ୍ରାମ୍ୟ କମିଟି ସଭାପତି ଅନନ୍ତ ସାହୁ, ସମ୍ପାଦକ ଦେବରାଜ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

# ଶୌଣ୍ଡିକ ସମାଜର ବ୍ଲକ କମିଟି ଗଠିତ

**ନନ୍ଦାହାଣ୍ଡି, ୧୮।୫(ପ୍ରତୀପ କୁମାର ଦାଶ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସମ୍ମିଳନୀ ଗୃହରେ ବ୍ଲକର ସମସ୍ତ ଗ୍ରାମର ଶୌଣ୍ଡିକ ପରିବାରକୁ ନେଇ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶୌଣ୍ଡିକ ସମାଜର ଜିଲା ସଭାପତି ବାଙ୍କବିହାରୀ ବିଷୋୟୀ, ପରମେଶ୍ୱର ବିଷୋୟୀ, ଜିଲା କୋଷାଧ୍ୟକ୍ଷ ଜାନକୀ କାନ୍ତ ବିଷୋୟୀ, ଜିଲା ଯୁବ ସଭାପତି ପଙ୍କଜ କୁମାର ବିଷୋୟୀ, ଦୟାନିଧି ବିଷୋୟୀ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ଆଜୀବନ ସଦସ୍ୟ ଏବଂ ଜିଲା ସମ୍ମିଳନୀ ପାଇଁ ଆଲୋଚନା କରାଯିବା ସହ ନୂତନ ବ୍ଲକ କମିଟି ଗଠନ କରାଯାଇଥିଲା। ନନ୍ଦାହାଣ୍ଡି ବ୍ଲକର ସଭାପତି ଭାବେ ଉମେଶ ବିଷୋୟୀ, ଉପସଭାପତି ହଳଧର ବିଷୋୟୀ, ଭଗବାନ୍ ବିଷୋୟୀ, ସମ୍ପାଦକ ତ୍ରିପତି ବିଷୋୟୀ, ସହସମ୍ପାଦକ ସତ୍ୟ ବିଷୋୟୀ, କୋଷାଧ୍ୟକ୍ଷ ରାମଚନ୍ଦ୍ର ବିଷୋୟୀ, ଯୁବ ସଭାପତି ଅଶୋକ ବିଷୋୟୀ, ଉପସଭାପତି ରାମଲାଲ ବିଷୋୟୀ, ଖଗପତି ବିଷୋୟୀ, ସମ୍ପାଦକ ଭାବେ ରାଜେନ୍ଦ୍ର ବିଷୋୟୀ, ସହସମ୍ପାଦକ ଭାବେ ତୁଳାରାମ ବିଷୋୟୀ ଏବଂ କୋଷାଧ୍ୟକ୍ଷ ଭାବେ ଗଣେଶ ବିଷୋୟୀଙ୍କୁ ଚୟନ କରାଯାଇଥିଲା। ବୈଠକରେ ନବରଙ୍ଗପୁରଠାରେ ଶୌଣ୍ଡିକ ଭବନ ଓ ରାଜ୍ୟରେ ଶୌଣ୍ଡିକ ଭବନ ତିଆରି ପାଇଁ ସାହାଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା । ନବରଙ୍ଗପୁର ଜିଲାରେ ଶୌଣ୍ଡିକ ସମାଜକୁ କିଭଳି ଆଗକୁ ନିଆଯିବ ସେଥିପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ସମାଜର ଗରିବ ପରିବାରକୁ ସାମୂହିକ ସହାୟତାର ହାତ ବଢ଼ାଇ ସମାଜକୁ ଆଗକୁ ନେବା ପାଇଁ ମତବ୍ୟକ୍ତ କରାଯାଇଥିଲା। ଏଥିରେ ନନ୍ଦାହାଣ୍ଡି ବ୍ଲକର ପ୍ରାୟ ୨୦ଟି ଗାଁରୁ ୬୦ ଜଣ ସଦସ୍ୟ ଉପସ୍ଥିତ ଥିଲେ ।



ବୈଠକରେ ଆଲୋଚନା କରାଯାଉଛି।

**SUMMONS TO APPEAR IN PERSON**
(Order 5, Rule 20 of the C.P.C.)
**IN THE HON'BLE COURT OF THE DISTRICT JUDGE-CUM-MOTOR ACCIDENT CLAIMS TRIBUNAL, NABARANGPUR**
M.A.C. No. 12/2024
Ulasha Bagh and other... ...Petitioners
Versus
Chhapan Gaenta & others... ...Opp. Parties
To,
Shanti Deo, aged about 70 years,
Wife of Late Sunadhar Bagh
At Village/P.O.: Saradhapur, P.S.: Chandhandi
District: Nabarangpur, PIN - 764077 (Odisha)
WHEREAS, Ulasha Bagh and others, the petitioners have instituted an application for grant of compensation as per the provisions of Motor Vehicles Act, 1988 before the District Judge-cum-Motor Accident Claims Tribunal, Nabarangpur in MAC Case No. 12/2024 against you and others. You are hereby summoned to appear in this Court in person on the 19th day of June, 2025 at 12.30 O'Clock in the forenoon, to answer the claim, and you are directed to produce on that day all the documents upon which you intend to rely in support of your defence.
Take notice that, in default of your appearance on the day before mentioned, the case will be heard and determined in your absence.
Given under my hand and seal of the Court, this the 17th day of May, 2025.
Sd./- District Judge-MACT, Nabarangpur

**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**
**OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI**
Ph. No.: 06815-222052, e-Mail: parala.mply@gmail.com
Letter No. 1509 Dated: 17.05.2025
**ବିଜ୍ଞାପନ**
No. C-342: ଏତଦ୍ୱାରା ପରିଷଦ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚଳିତ ବର୍ଷ ଅର୍ଥାତ୍ ୨୦୨୫ ମସିହା ରଥଯାତ୍ରା ଉପଲକ୍ଷେ ପରିଷଦ ଅଞ୍ଚଳରେ ତଥା ଜଗନ୍ନାଥ ମନ୍ଦିରଠାରୁ କଲେଜ ଛକ ପର୍ଯ୍ୟନ୍ତ ଏବଂ କଲେଜ ଛକଠାରୁ ପୌର ପରିଷଦର ଦୁଇ ଏବଂ ଚାରି ଚକିଆ ପାର୍କିଂର ଉଭୟ ପାର୍ଶ୍ୱରେ (ଗୁଣ୍ଡିଚାବାଡ଼ି ବ୍ୟତୀତ) ଦୋକାନ ବଜାର ଇତ୍ୟାଦି ପକାଇ ବ୍ୟବସାୟ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କଠାରୁ ମହାସୁଲ ଆଦାୟ କରିବା ନିମନ୍ତେ ନିର୍ଦ୍ଧାରିତ ହୋଇଅଛି। ରାସ୍ତାର ମଧ୍ୟଭାଗରେ କୌଣସି ଦୋକାନ ବଜାର ବସାଇପାରିବେ ନାହିଁ। ଏଣୁ ଯେଉଁ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ତା୧୯।୦୫।୨୦୨୫ଠାରୁ ୩୦।୦୫।୨୦୨୫ ଅପରାହ୍ନ ଘ୧୨.୩୦ଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରୁ କ୍ରୟକରି ପାରିବେ ଏବଂ ତା୩୧।୦୫।୨୦୨୫ ପୂର୍ବାହ୍ନ ୧୧.୦୦ ଘଣ୍ଟା ସୁଦ୍ଧା (Speed Post/Register Post) ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରୀ ଅଟେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ ଏବଂ ସେହି ଦିନ ଅର୍ଥାତ୍ ତା୩୧।୦୫।୨୦୨୫ ଅପରାହ୍ନ ୧୨.୩୦ ଘଣ୍ଟା ସମୟରେ ଟେଣ୍ଡରରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ। ଇଚ୍ଛୁକ ଥିବା ବ୍ୟକ୍ତି ତାଙ୍କ ନାମରେ ଅମାନତ ରାଶି ଟ.୧,୦୦,୦୦୦/-ଙ୍କାର ବ୍ୟାଙ୍କ ଡ୍ରାଫ୍ଟ, ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡିଙ୍କ ନାମରେ ଟେଣ୍ଡର ପେପର ସହ ଦାଖଲ କରିବେ ନଚେତ୍ ଉକ୍ତ ଟେଣ୍ଡର ବିଚାରକୁ ନିଆଯିବ ନାହିଁ। ଅସଫଳ ନିଲାମଧାରୀ ଜମା କରିଥିବା ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ। ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତି ତତ୍କାଳ ବକେୟା ଅର୍ଥ ନଗଦ ଆକାରରେ ପୈଠ କରିବାକୁ ବାଧ୍ୟ। ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିପାରିବେ ନାହିଁ ତେବେ ତାଙ୍କର ଟେଣ୍ଡର ପେପର ସହିତ ଅମାନତ ରାଶି ହରାଇବେ ଏବଂ ପରବର୍ତ୍ତୀ ଟେଣ୍ଡରଧାରୀଙ୍କ ଟେଣ୍ଡର ବିଚାରକୁ ନିଆଯିବ। ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତିଙ୍କୁ ତା୨୭।୦୬।୨୦୨୫ଠାରୁ ୧୦।୦୭।୨୦୨୫ରିଖ ପର୍ଯ୍ୟନ୍ତ ମହାସୁଲ ଆଦାୟ କରିବା ପାଇଁ ଆଦେଶ ଦିଆଯିବ। ଟେଣ୍ଡର ସିଦ୍ଧ କରିବା ପୌରପରିଷଦ କର୍ତ୍ତୃପକ୍ଷଙ୍କ ଅନ୍ତର୍ଭୁକ୍ତ ଅଟେ। କୌଣସି କାରଣ ନଥାଇ ଯେଉଁ ସମୟରେ ମଧ ତାଙ୍କର ଟେଣ୍ଡର କର୍ତ୍ତୃପକ୍ଷ ରଦ୍ଦ କରିପାରିବେ। ଏହାକୁ ପ୍ରତିବାଦକରି କୌଣସି ବ୍ୟକ୍ତି କୌଣସି ନ୍ୟାୟାଳୟରେ ଆଶ୍ରୟ ନେଇପାରିବେ ନାହିଁ। ପ୍ରକାଶ ଥାଉକି ରାଜଦାଣ୍ଡ ରାସ୍ତାରେ କୌଣସି ଉଠାଦୋକାନୀ ରାସ୍ତାକୁ ଗାତ ଖୋଳି କୌଣସି କ୍ଷତି କରିବେ ନାହିଁ। ଏହା ଅମାନ୍ୟ କଲେ ପୌରପରିଷଦ ତରଫରୁ ସମ୍ପୃକ୍ତ ଉଠାଦୋକାନୀକୁ ହଟାଇ ଦିଆଯିବ ଏବଂ ଏହି ସମ୍ପର୍କିତ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଦୋକାନ ବଜାର ବସାଇବାର ନକ୍ସା ଏବଂ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ତଥ୍ୟ ପୌରପରିଷଦର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ପାଇପାରିବେ।

| | | |
|---|---|---|
| ସରକାରୀ ଟେଣ୍ଡର ଡାକ | - | ଟଙ୍କା ୧୬,୬୭,୦୫୦/- |
| ରଥଯାତ୍ରାରେ ମହାସୁଲ ଆଦାୟ ଫର୍ମର ମୂଲ୍ୟ | - | ଟଙ୍କା ୧,୦୦୦/- |
| ଅମାନତ ରାଶି | - | ଟଙ୍କା ୧,୦୦,୦୦୦/- |

**ମହାସୁଲ ସଂଗ୍ରହ ଚାର୍ଟ**

୧. ନଡ଼ିଆ, କଦଳୀ, ଫୁଲ, ବେଲୁନ ଇତ୍ୟାଦି ଦିନକୁ - ୨୫/-।
୨. ଚଣା, ଖଜରା, ମିଠା ଇତ୍ୟାଦି ଦିନକୁ - ୫୦/-।
୩. ପ୍ଲେଟ, କପ, ଘର ବ୍ୟବହାର ହେଉଥିବା ଜିନିଷ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ଼ ଦୋକାନ ପାଇଁ - ୨୦୦/-।
୪. ଖାଦ୍ୟ ଜିନିଷ ତଥା - ଚାଟ, ଆଇସ୍କ୍ରିମ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ଼ ଦୋକାନ ପାଇଁ - ୨୦୦/-।

OIPR-13145/11/0018/2526 ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡି

# ତାଲା ବନ୍ଦ ଘରକୁ ଟାର୍ଗେଟ୍ କରି ଚୋରି

■ ଘରେ କେହି ନ ଥିବା ସୁଯୋଗ ନେଇ କଳାକନା ବୁଲାଉଛନ୍ତି ଦୁର୍ବୃତ୍ତ
■ ରାଣୀଗୁଡ଼ା ଫାର୍ମରେ ୬୦ ହଜାର, ରୁପା ଅଳଙ୍କାର ଚୋରି
■ ପୋଲିସ ପାଟ୍ରୋଲିଂ ବାଇକ୍ ବ୍ୟବସ୍ଥାକୁ ନେଇ ପ୍ରଶ୍ନ

ରାୟଗଡ଼ା,୧୮।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ୨୪ ଘଣ୍ଟା ଘୁରିବୁଲୁଛି ପୋଲିସ ବିଭାଗର ୧୧୨ ଗାଡ଼ି। ତତ୍‌ସହିତ ପାଟ୍ରୋଲିଂ ବାଇକ୍ ମଧ୍ୟ ଘୁରିବୁଲୁଛି। ତଥାପି ଘରେ କେହି ନ ଥିବା ସୂଚନା ପାଇ ନିର୍ଭୟରେ କଳାକନା ବୁଲାଉଛନ୍ତି ଦୁର୍ବୃତ୍ତ। ଦୁର୍ବୃତ୍ତମାନେ ବିଶେଷକରି ତାଲାବନ୍ଦ ଘରକୁ ଟାର୍ଗେଟ କରୁଛନ୍ତି। ରାତି ହେଲେ ତାଲା ଭାଙ୍ଗି ଘରେ ପଶି କଳାକନା ବୁଲାଉଥିବା ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ ରାୟଗଡ଼ା ସହରର ରାଣୀଗୁଡ଼ା ଫାର୍ମ ଦ୍ୱିତୀୟ ଲେନ୍‌ରେ ଏକ ବନ୍ଦ ଘରର ତାଲା ଭାଙ୍ଗି ଘରେ ପଶି ୬୦ ହଜାର ଟଙ୍କା ଓ ରୁପା ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ରାଣୀଗୁଡ଼ା ଫାର୍ମ ଦ୍ୱିତୀୟ ଲେନ୍‌ରେ ଭଡ଼ାଘରେ ରହୁଥିବା ବସନ୍ତ କୁମାର ସ୍ୱାଇଁ କୌଣସି କାମରେ ଗତ ମଙ୍ଗଳବାରଠାରୁ ପରିବାର ସହ କଟକ ଯାଇଛନ୍ତି। ଏହାର


ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି।

ସୁଯୋଗ ନେଇ ଦୁର୍ବୃତ୍ତମାନେ ଶନିବାର ବିଳମ୍ବିତ ରାତିରେ ବସନ୍ତଙ୍କ ଘରର ତାଲା କାଟି ଘର ଭିତରେ ପଶି ଚୋରି କରିଛନ୍ତି। ତେବେ ରବିବାର ସକାଳୁ ଉକ୍ତ କୋଠା ମାଲିକ ଗୌରୀଶଙ୍କର ପ୍ରସାଦ ପାତ୍ର ବସନ୍ତଙ୍କ ଘର ତାଲା ଭଙ୍ଗାଯାଇଥିବା ଦେଖି ଥାନାରେ ଏତଲା ଦେଇଥିଲେ। ପରେ ପୋଲିସ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଥିଲା। ବସନ୍ତଙ୍କ କହିବାନୁସାରେ, ତାଙ୍କ ଘରେ ଥିବା ୧୨ଯୋଡ଼ି ପାଉଁଜି ଓ ପ୍ରାୟ ୬୦ ହଜାର ନଗଦ ଟଙ୍କା ଚୋରି ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି।

ସେହିପରି ରାୟଗଡା କସ୍ତୁରୀ ନଗର ଅଞ୍ଚଳରେ ଜଣେ ଡାକ୍ତର ତାଙ୍କ ପରିବାର ସହ ବିଦେଶ ଗସ୍ତରେ ଯାଇଥିବାବେଳେ ଚଳିତ ମାସ ୨ ତାରିଖ ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ତାଙ୍କ ଘରେ ପଶି ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଗତ ଏପ୍ରିଲ ୧୫ ତାରିଖରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଚୋରି କରିବା ପାଇଁ ଉଦ୍ୟମ କରିଥିଲେ। ସେମାନେ ବାହାର ଗେଟ୍ ତାଲା ଏବଂ ଘରର ପ୍ରବେଶ ଦ୍ୱାର ଚାବି ଭାଙ୍ଗିଥିବା ସତ୍ତ୍ୱେ ଚୋରି କରିପାରି ନ ଥିଲେ। କିନ୍ତୁ ଗତ ଜାନୁଆରୀରେ ମଧ୍ୟ ଏହି ବାସଗୃହରୁ କେହି ନ ଥିବା ବେଳେ ଗୋଟିଏ ଏସି ଏବଂ ୩ଟି ଫ୍ୟାନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଏପ୍ରିଲ ୨୭ ତାରିଖ ରାତିରେ ରାୟଗଡ଼ା ଟାଉନ ଥାନା ପଛ ପଟ କରଣ ସାହିରେ ଏକ ଘରୁ ଦୁର୍ବୃତ୍ତ ୨ଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ତେବେ ଏତେବଡ଼ ସହରରେ କେଉଁ ଘର ଲୋକ ବାହାରକୁ ଯାଉଛନ୍ତି ଏବଂ ଘରେ ତାଲା ପଡୁଛି ତାହାର ସୂଚନା ଦୁର୍ବୃତ୍ତମାନେ କିଭଳି ପାଉଛନ୍ତି ସେନେଇ ପ୍ରଶ୍ନ ଉଠିଛି। ଯଦିଓ ପୋଲିସ ବିଭାଗର ୧୧୨ ଗାଡ଼ି ଓ ପାଟ୍ରୋଲିଂ ବାଇକ୍ ୨୪ ଘଣ୍ଟା କାର୍ଯ୍ୟରତ ଏବଂ ସହରର ପ୍ରମୁଖ ଛକରେ ସିସି କ୍ୟାମେରା ଲାଗିଥିବା ସତ୍ତ୍ୱେ ଚୋରି କିଭଳି ଘଟୁଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତେଣୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି।

## ଆଇନ ସଚେତନତା ଶିବିର



ଆଇନଜୀବୀ ଉମା ଚରଣ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଗୁଣପୁର,୧୮।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ବ୍ଲକ୍ ଅଫିସ ସଭା ଗୃହରେ ରବିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନସେବା ସଂସ୍ଥା ର ଅଧକ୍ଷ ତଥା ଏଡିଜେ ଦେବଦତ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ଡିଜେଏମ୍ ବିଜୟ ଲକ୍ଷ୍ମୀ ମହାପାତ୍ର, ବରିଷ୍ଠ ଓକିଲ ଉମା ଚରଣ ପଟ୍ଟନାୟକ, ଆଇଆଇସି ଉତ୍ତମ ସାହୁ, ଓକିଲ ସଂଘର ଉପ ସଭାପତି ରମେଶ ଚନ୍ଦ୍ର ଲିମା ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାୟୀ ଲୋକ ଅଦାଲତରେ ବିଦ୍ୟୁତ, ଟେଲିଫୋନ ଏବଂ ପରିବହନ ବିଭାଗର ବିଭିନ୍ନ ମାମଲା ଗୁଡ଼ିକର ସ୍ଥାୟୀ ସମାଧାନ କିପରି ହୋଇପାରିବ ସେ ବିଷୟରେ ସୂଚନା ଦିଆଯାଇଥିଲା। ଏଥିସହ ଆଇନର ବିଭିନ୍ନ ଦିଗକୁ ନେଇ ମଧ୍ୟ ଆଲୋଚନା କରଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡ଼ିପିଓ ସୁଷମା ପ୍ରସାଦ, ଭାରପ୍ରାପ୍ତ ଜିପିଇଓ ଦିବାକର ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ। ଅଙ୍ଗନୱାଡ଼ି କର୍ମୀ ଓ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇ ବିଭିନ୍ନ ଆଇନ ଉପରେ ସଚେତନ ହୋଇଥିଲେ।

## ଜଙ୍ଗଲ ଜମି ଜବରଦଖଲ ଉଚ୍ଛେଦ ନୋଟିସ୍‌କୁ ବିରୋଧ


ଏସ୍‌ପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ଏସ୍‌ପି, ଡିଏଫ୍‌ଓଙ୍କୁ ଭେଟି ଦାବିପତ୍ର ଦେଲେ ଅଞ୍ଚଳବାସୀ**

ରାୟଗଡ଼ା,୧୮।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପଦ୍ମପୁର ତହସିଲ ଜାତିଲି ପଞ୍ଚାୟତ ଅର୍ନ୍ତଗତ ସର୍ଗିଗୁଡ଼ା ମୌଜାର ଖାତା ନଂ ୩୯ର ପ୍ଲଟ ନଂ ୧୮୧ର ୭.୯୦ ଏକର ପତ୍ରା ଜଙ୍ଗଲ ଜମି ଉଚ୍ଛେଦ ପାଇଁ ପଦ୍ମପୁର ତହସିଲଦାର ନୋଟିସ୍ ଜାରି କରିଛନ୍ତି। ଉକ୍ତ ନୋଟିସ୍‌କୁ ବିରୋଧ କରି ଅଞ୍ଚଳବାସୀ ଗତ ଶୁକ୍ରବାର ରାୟଗଡ଼ା ଏସ୍‌ପି ଏସ୍ ସ୍ୱାଥୀ କୁମାର ଓ ଡିଏଫଓ ସଚିନ୍ ଆନ୍ନା ସାହେବ ଓହେଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୧୪ରେ ତତ୍କାଳୀନ ଜିଲାପାଳ, ବନ ବିଭାଗ ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ମିଳିତ ସ୍ୱାକ୍ଷରରେ ଉକ୍ତ ପତ୍ରା ଜଙ୍ଗଲ ଜମି ସର୍ଗିଗୁଡ଼ା ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମବାସୀ ମିଳିତ ଭାବେ ସେଠାରେ ଗୋ-ଶାଳା, ପାନୀୟ ଜଳ ବ୍ୟବସ୍ଥା ସହିତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରି ଜନସେବା ଜାରି ରଖିଛନ୍ତି। ତେବେ ବର୍ତମାନ ତହସିଲ ପକ୍ଷରୁ ଚନ୍ଦ୍ରଶେଖର ଦୋରା ଉକ୍ତ ଜମିକୁ ଜବରଦଖଲ କରିଥିବା ଦର୍ଶାଇ ଏହି ଜବରଦଖଲକୁ ଉଚ୍ଛେଦ କରିବାକୁ ନୋଟିସ୍ ଜାରି କରିଛି। ଯାହାକୁ ସର୍ଗିଗୁଡ଼ା ଗ୍ରାମବାସୀ ବିରୋଧ କରିବା ସହିତ ଏହାର ସାମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଏସପି, ଡିଏଫଓ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ କୋର୍ଟ ଆଫିଡେଭିଟ କରି ସତ୍ୟପାଠ ଦାଖଲ କରିଛନ୍ତି। ଏ ସମ୍ପର୍କରେ ପଦ୍ମପୁର ତହସିଲର ଅତିରିକ୍ତ ଦାୟିତ୍ୱରେ ଥିବା ଗୁଡ଼ାରି ତହସିଲଦାର ଏ.ସ୍ନେହଲତାଙ୍କୁ ପଚାରିବାରୁ ପୂର୍ବରୁ ଜବରଦଖଲ ନେଇ ପୂର୍ବତନ ତହସିଲଦାର ନୋଟିସେ ଜାରି କରିଥିଲେ। ତେଣୁ ପୁର୍ନବାର ନୋଟିସେ ଜାରି କରାଯାଇଛି ଏବଂ ଜବରଦଖଲ ଶୀଘ୍ର ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ଗାଁ ସଭାପତି ଦାଶରଥି ଶବର, ଗ୍ରାମବାସୀ ମଲିକେଶ୍ୱର ଶବର, ରତ୍ନାକର ଶବର, ମନୋରଞ୍ଜନ ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ଜୋରଦାରରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ

ରାୟଗଡ଼ା,୧୮।୫(ଆଶିଷ ରଞ୍ଜନ ପଣ୍ଡା)

ଆଗକୁ ରଥଯାତ୍ରା। ତେଣୁ ରାୟଗଡ଼ାସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଦେବୋତ୍ତର ବିଭାଗ ମୁଖ୍ୟ ତଥା ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୋରଦାରରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟାରେ ରଥ କାଠ ଅନୁକୂଳ ହୋଇ ନୃସିଂହ ଚର୍ତୁଦଶୀ ଦିନ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଅକ୍ଷୟ ତୃତୀୟା ଅବସରରେ ରୀତିନୀତିରେ ପୂଜାର୍ଚ୍ଚନା କରି ରଥ କାଠ ଅନୁକୂଳ ଶୁଭ ଦେଇଥିଲେ ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାସ। ଏଥିରେ ସହଯୋଗ କରିଥିଲେ ମନ୍ଦିର ପୂଜକ, ପରିଚାଳନା କମିଟି ଓ ଦେବୋତ୍ତର ବିଭାଗ। ରଥ ନିର୍ମାଣ କାର୍ଯ୍ୟ ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ତନ୍ମୟ ମହାରଣା ଓ ବଳରାମ ବଗର୍ତ୍ତି ଦାୟିତ୍ୱ ନେଇଛନ୍ତି। ରଥ ନିର୍ମାଣ କାର୍ଯ୍ୟରେ ତନ୍ମୟ ମହାରଣାଙ୍କୁ ସହଯୋଗ କରିବା ପାଇଁ ସ୍ଥାନୀୟ ବାରିଖୋଲା ଅଞ୍ଚଳର ୧୦ ଜଣ ଯୁବକ ସହଯୋଗ କରୁଛନ୍ତି। ଜୁନ୍ ୨୭ ତାରିଖରେ ମହାଆଡ଼ମ୍ବରରେ ରଥଯାତ୍ରା ସଫଳ ଭାବେ ପାଳନ ହେବ ବୋଲି ତହସିଲଦାର ସ୍ୱାଇଁ କହିଛନ୍ତି।


ରଥ ଛକ ନିକଟସ୍ଥ ଖଳାରେ ରଥ ଚକ ନିର୍ମାଣରେ ବ୍ୟସ୍ତ କାରିଗର।

## ଓକିଲ ସଂଘ ପକ୍ଷରୁ ସବ୍‌ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଗୁଣପୁର,୧୮।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘ ପକ୍ଷରୁ ରବିବାର ସବ୍‌ଜଜ୍ ସନ୍ତୋଷ କୁମାର ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଓକିଲ ସଂଘ ସଭାପତି ଗୌରୀ ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏଡିଜେ ଦେବଦତ୍ତ ପଟ୍ଟନାୟକ, ଏସ୍‌ଡିଜେଏମ୍ ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ସାହୁ, ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଏସ୍. ଗଣପତି ରାଓ, ଫଣୀ ଭୂଷଣ ପଟ୍ଟନାୟକ, ଅକ୍ଷୟ ଶତପଥୀ, ଭାଗୀରଥି ବାଙ୍ଗରି ପ୍ରମୁଖ ନିଜ ନିଜର ଅନୁଭୂତି କହିବା ସହ ସବ୍‌ଜଜ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ଉପସଭାପତି ରମେଶ ଚନ୍ଦ୍ର ଲିମା ଧନ୍ୟବାଦ ପ୍ରଦାନ କରିଥିଲେ। ଓକିଲ ସଂଘ ପକ୍ଷରୁ ସବ୍‌ଜଜ୍ ମହାପାତ୍ରଙ୍କୁ ମାନପତ୍ର, ଉପଢୌକନ ସହ ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଏବଂ କନିଷ୍ଠ ଓକିଲମାନେ ଉପସ୍ଥିତ ଥିଲେ।



ସବ୍‌ଜଜ୍ ସନ୍ତୋଷ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଦହିଖାଲ, ପି.କୁଟୁଣିପଦର ବିଜୟୀ


ଅତିଥିଙ୍କ ସହ ଖେଳାଳିମାନେ।

**ଜିଲାସ୍ତରୀୟ ମର୍ନିଂ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଅମ୍ବାଦଳା,୧୮।୫(ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅମ୍ବାଦଳା ହାଇସ୍କୁଲ ଖେଳପଡ଼ିଆରେ ରବିବାରଠୁ ଆରମ୍ଭ ହୋଇଛି ଜିଲାସ୍ତରୀୟ ଅମ୍ବାଦଳା ମର୍ନିଂ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୁରୁବାରି ଭୋଇ ଓ ସମ୍ମାନିତ ଅତିଥି ଭାବେ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ଖେଳାଳି ସତ୍ୟବାନ ଛତର, ଏ.ଜଗନ୍ନାଥ ପ୍ରସାଦ, ବୃନ୍ଦାବନ ମହାନ୍ତି, ପରମେଶ୍ୱର ରାଓ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମର୍ନିଂ ଇଲେଭେନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଆସନ୍ତା ୨୭ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ଟିମ୍ ପକ୍ଷରୁ ସୂଚନା ମିଳିଛି। ଉଦ୍‌ଘାଟନୀ ମ୍ୟାଚ ଦହିଖାଲ ଓ ଶରଧାପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଶରଧାପୁର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୦ ଓଭର ଖେଳି ୭ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଦହିଖାଲ ଦଳ ୯ ଓଭର ୪ଟି ବଲ ଖେଳି ୪ ଉଇକେଟ ହରାଇ ୯୦ ରନ୍ ସଂଗ୍ରହକରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାରେ ରାୟଗଡ଼ା ଜିଲା ପି.କୁଟୁଣିପଦର ଓ କଳାହାଣ୍ଡି ଜିଲା ଛତ୍ରପୁର ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ପି. କୁଟୁଣିପଦର ଟିମ୍ ଛତ୍ରପୁରକୁ ପରାସ୍ତ କରି ବିଜୟୀ ହୋଇଛି। ଏହି ଟୁର୍ନାମେଣ୍ଟରେ ଆୟୋଜକ ଦଳର କୁନା ସାହୁ, ରଞ୍ଜିତ ପାଢ଼ୀ, ଲୋକନାଥ ରଣା, ଜୟନ୍ତ ନାୟକ, ପୁରୁଷୋତ୍ତମ ବଞ୍ଚର, ସୁଧୀର ନାୟକ, ଭୋଳେଶ୍ୱର ଦଳେଇ, କାହ୍ନା ପାତ୍ର, କିଶୋର କୁମାର ସାହୁ ପ୍ରମୁଖଙ୍କ ସମେତ ମର୍ନିଂ ଇଲେଭେନ ଟିମ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଯବାନଙ୍କ ସଙ୍କଟ ଦୂର, ବିଜୟ ପାଇଁ ହନୁମାନ ଚାଳିଶା ପାଠ

ଗୁଣପୁର,୧୮।୫(ପ୍ରଦୀପ କୁମାର ପାଢ଼ୀ)

ପାକିସ୍ତାନ ଓ ଆତଙ୍କବାଦୀଙ୍କ ବିରୋଧରେ ଚାଲିଥିବା ଅପରେଶନ ସିନ୍ଦୂର-୨ରେ କାର୍ଯ୍ୟରତ ସମସ୍ତ ସାମରିକ ଓ ଅର୍ଦ୍ଧସାମରିକ ବାହିନୀର ଯବାନଙ୍କୁ ବଳ, ବୁଦ୍ଧି, ଜ୍ଞାନ ଓ ପରାକ୍ରମରେ ଆଶୀର୍ବାଦ କରି ସେମାନଙ୍କ ସଙ୍କଟ ଦୂର ଓ ବିଜୟ ନିମନ୍ତେ ଗୁଣପୁରବାସୀଙ୍କ ପକ୍ଷରୁ ହନୁମାନ ଚାଳିଶା ପାଠ କରାଯାଇଛି। ସ୍ଥାନୀୟ ଶେଫାଳୀ ପାହାଡ଼ସ୍ଥିତ ହନୁମାନ ମନ୍ଦିରଠାରେ ରବିବାର ସକାଳେ ଏକ ସାମୂହିକ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଲୋକ ଭାଗ ନେଇ ହନୁମାନ ଚାଳିଶା ପାଠ କରିବା ସହ ଦେଶମାତୃକାର ସୁରକ୍ଷା ପାଇଁ ଠାକୁରଙ୍କ ନିକଟରେ କାମନା କରିଥିଲେ। ଗୁଣପୁର ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ନଳିନୀ ମହାନ୍ତି, ପ୍ରଭାତ ମହାପାତ୍ର, ବସନ୍ତ ମିଶ୍ର, ଶ୍ରୀନିବାସ ସ୍ୱାଇଁ, ନୁନୁ ପାଢୀ, ଗୋପାଳ କୃଷ୍ଣ ଦେଓ ପାତ୍ର, ଉମା ଶଙ୍କର ଦାସ, ରମେଶ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପାଢ଼ୀ, ପ୍ରଶାନ୍ତ କୁମାର ସାହୁକାର, ଡ. ପ୍ରଶାନ୍ତ ହୋତା, ସଞ୍ଜୀବ ପଟ୍ଟନାୟକ, ସତ୍ୟ କର, ପ୍ରଦୀପ ପାଢ଼ୀ, ସାରଙ୍ଗ ନାଗବଂଶ ଏବଂ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।


ହନୁମାନ ଚାଳିଶା ପାଠ ଚାଲିଛି।

## ବୋହୂଙ୍କୁ ମରଣାନ୍ତକ ଆକ୍ରମଣ, ଶ୍ୱଶୁର ଗଲେ ଜେଲ

ଦିଗପହଣ୍ଡି,୧୮।୫(ଅଶେଷ ନାଥ ମିଶ୍ର)

ବୋହୂଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ପୋଲିସ ରବିବାର ଶ୍ୱଶୂର କୁକୁଡ଼ାଖଣ୍ଡି ବ୍ଲକ ଅନନ୍ତେଇ ଗ୍ରାମର ଆନନ୍ଦ ଗୌଡ଼ଙ୍କୁ ଗିରଫ କରିଛି। ତାଙ୍କୁ ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ସକାଳ ପ୍ରାୟ ୯ ଟାରେ ଆନନ୍ଦ ତାଙ୍କ ବଡପୁଅ ଶଙ୍କର ଗୌଡ଼ ରହୁଥିବା ଘରକୁ ଯାଇ ସେଠାରୁ ଏକ କବାଟ, ଶାବଳ ଏବଂ ହାତୁଡ଼ି ଜବରଦସ୍ତ ନେଇଗଲେ। ବୋହୂ ପଙ୍କଜିନୀ ପ୍ରତିବାଦ କରିବାରୁ ଶ୍ୱଶୁର ତାଙ୍କ କଥା ଶୁଣିନଥିଲେ। ପଙ୍କଜିନୀ ଶ୍ୱଶୁର ଘର ସମ୍ମୁଖରେ ରଖାଯାଇଥିବା କିଛି ଇଟା ନେଇ ଆସିବାରୁ ଶ୍ୱଶୁର ଉତ୍ତେଜିତ ହୋଇ ଏକ ପଥର ଖଣ୍ଡରେ ତାଙ୍କ ମୁଣ୍ଡକୁ ପିଟି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ପରେ ପଥର ଛେଚି ମାରିବାକୁ ଉଦ୍ୟମ କରିଥିଲେ। ଆହତ ପଙ୍କଜିନୀଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସା ପରେ ସେଠାରୁ ଫେରି ସେ ଥାନାରେ ଏତଲା ଦେଇଥିଲେ। ଅନ୍ୟପକ୍ଷରେ ଶଙ୍କର ତାଙ୍କ ବାପା ଆନନ୍ଦ ଏବଂ ମା ବଙ୍ଗିଙ୍କୁ ଶନିବାର ସକାଳେ ଛଡ଼ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମା ବଙ୍ଗି ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ପୋଲିସ ଶଙ୍କରଙ୍କୁ ରବିବାର ଗିରଫ କରିଛି। ପରେ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି।

## 'ଦେବାରେ ଯେଉଁ ଆନନ୍ଦ ଥାଏ, ନେବାରେ ନ ଥାଏ'

**ଶିଶୁଯତ୍ନ ଅନୁଷ୍ଠାନରେ ଆର୍ଟ ଅଫ୍ ଗିଭିଂ ଡେ ପାଳିତ**

ଗୁଣୁପୁର,୧୮।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବାଳ ନିକେତନ ଶିଶୁଯତ୍ନ ଅନୁଷ୍ଠାନ ପରିସରରେ ଶନିବାର ଆର୍ଟ ଅଫ୍ ଗିଭିଂ ଡେ ବା ଦେବାର କଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପରାମର୍ଶଦାତା ଅଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ବଂଶଧାରା ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ମହାକୁଡ଼, ଶିକ୍ଷାବିତ୍ ଅଶୋକ କୁମାର କର ଓ ଖବରଦାତା ରାଜେଶ କୁମାର ପାଢୀ ଯୋଗଦେଇ ଦେବାର ବିଭିନ୍ନ କଳା ଓ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ବାସ୍ତବିକ ଦେବାରେ ଯେଉଁ ଆନନ୍ଦ ଥାଏ, ସ୍ୱର୍ଗୀୟ ସମ୍ପଦ ତା ଆଗରେ ତୁଚ୍ଛ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଖିଳ ମହାନ୍ତି, କୈଳାସ ଶବର, ବଳରାମ ପଣ୍ଡା, ଶୁଭ୍ରଜିତ ମହାନ୍ତି, ସାଇରାମ ପଣ୍ଡା ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପିଲାଙ୍କୁ ଶିକ୍ଷଣୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଖବରଦାତା ସତୀଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସେବା ସମାଜରେ ମଧ୍ୟ ଆର୍ଟ ଅଫ ଗିଭିଂ ଡେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଂଶଧାରା କଲେଜର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାକୁଡ, ସେବା ସମାଜ ସମ୍ପାଦିକା ରାଜେଶ୍ୱରି ଦଳେଇ ଯୋଗଦେଇ ଅନୁଷ୍ଠାନର ଛାତ୍ରୀମାନଙ୍କୁ ଏହି ଦିବସ ଉପରେ ଆଲୋକପାତ କରିଥିଲେ।



ଅତିଥିଙ୍କ ସହ ଶିଶୁଯତ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର।

## ଆଦିବାସୀ ମହିଳାଙ୍କୁ ରୋଜଗାର ଦେଉଛି ବରଡ଼ା ଶାଗ

ପଦ୍ମପୁର,୧୮।୫(ପ୍ରଶାନ୍ତ କୁମାର କର)

ଖରାଦିନେ ସାଧାରଣତଃ ପଖାଳ ସାଙ୍ଗକୁ ଶାଗଭଜା ପ୍ରାୟ ସମସ୍ତଙ୍କ ପସନ୍ଦ। ତେଣୁ ବଜାରରେ ପନିପରିବା ଅପେକ୍ଷା ବିଭିନ୍ନ ପ୍ରକାର ଶାଗର ଚାହିଦା ବୃଦ୍ଧି ପାଇଥାଏ। ତେବେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅଞ୍ଚଳରେ ଆଦିବାସୀ ମହିଳାଙ୍କୁ ରୋଜଗାର ଦେଉଛି ବରଡ଼ା ଶାଗ। ବ୍ଲକ୍‌ର ନୂଆଗଡ, ନାରାୟଣପୁର, କାଣ୍ଡାକୁଟି, ମାଣ୍ଡିମେରା, ରେଲା, କେନ୍ଦୁଗୁଡା ଅଞ୍ଚଳର ଆଦିବାସୀ ମହିଳାମାନେ ଜଙ୍ଗଲକୁ ଯାଇ ବରଡ଼ା ଗଛରେ ଚଢ଼ି ତା'ର କଅଁଳିଆ ପତ୍ରସବୁ ସଂଗ୍ରହକରି ଆଣି ଗାଁ କିମ୍ବା ହାଟରେ ବିକ୍ରି କରି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି। ଏହି ଶାଗର ଚାହିଦା ଥିବାରୁ ପ୍ରତିଦିନ ୨୦୦ରୁ ୩୦୦ ଟଙ୍କା ରୋଜଗାର କରୁଥିବା ଲକ୍ଷ୍ମୀ ଶବର, ଦମୟନ୍ତୀ କ୍ରାସ୍କା କହିଛନ୍ତି। ସେମାନେ ଭୋର ୪ଟାରୁ ଉଠି ପ୍ରତି ଗାଁ ଗାଁ ବୁଲି ଶାଗ ସଂଗ୍ରହ କରି ବଜାରରେ ବିକ୍ରି କରନ୍ତି। ଶାଗ କିଲୋ ୧୩୦ ଟଙ୍କା ଥିବାବେଳେ ପାଏକୁ ୩୦ ଟଙ୍କାରେ ବିକ୍ରି କରୁଥିବା ସେମାନେ କହିଛନ୍ତି। ବରଡା ଶାଗ ଦେଖିବାକୁ ଯେତିକି ସୁନ୍ଦର ସେତିକି ସ୍ୱାଦିଷ୍ଟ ମଧ୍ୟ ଏବଂ ଶାଗରେ ଭିଟାମିନ ମଧ୍ୟ ଭରି ରହିଛି। ତେଣୁ ଅନ୍ୟ ଶାଗ ଅପେକ୍ଷା ବରିଡା ଶାଗର ସ୍ୱାଦ ନିଆରା ବୋଲି ଗ୍ରାହକ କହିଛନ୍ତି। କେବଳ ଖରାଦିନେ ହିଁ ଏହି ଶାଗ ମିଳୁଥିବାରୁ ଆମେ ବଜାରକୁ ଯାଇ ଏହି ଶାଗ ସଂଗ୍ରହ କରି ଆଣୁ ବୋଲି ସେମାନେ କହିଛନ୍ତି। ତେବେ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଯାଉଥିବାରୁ ଏହି ଶାଗଗଛ ଲୋପ ପାଇବାକୁ ବସିଲାଣି ବୋଲି ଆଦିବାସୀ ମହିଳା ଚମ୍ପା ଶବର, କାଲୁଣି ଶବର, ରାଜେନ୍ଦ୍ର ଶବର ପ୍ରମୁଖ କହିଛନ୍ତି।



ଜଣେ ଆଦିବାସୀ ମହିଳା ବରଡ଼ା ଶାଗ ବିକ୍ରି କରୁଛନ୍ତି।

# ଜିଲାରେ ମହିଳା, ଶିଶୁଙ୍କ ସମସ୍ୟା ନେଇ ସମୀକ୍ଷା

## ବିଧାନସଭା ମହିଳା ଓ ଶିଶୁ ବିକାଶ ଗୃହ କମିଟି ସଦସ୍ୟଙ୍କ କୋରାପୁଟ ଗସ୍ତ

ଜୟପୁର/କୋରାପୁଟ,୧୮।୫
(ପବନ ପାଣିଗ୍ରାହୀ/ଅମିତାଭ ବେହେରା)

ବିଧାନସଭାର ମହିଳା ଓ ଶିଶୁ ବିକାଶ ଗୃହ କମିଟି ସଦସ୍ୟମାନେ ରବିବାର କୋରାପୁଟ ଜିଲା ଗସ୍ତ କରିଛନ୍ତି। ଜୟପୁର ବିମାନବନ୍ଦରରେ ପହଞ୍ଚିବା ପରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ, ଏସ୍‌ପି ରୋହିତ ବର୍ମା, କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ସେମାନଙ୍କୁ ସ୍ୱାଗତ କରିଥିଲେ। ବିଧାୟିକା ତଥା ଟିମ୍‌ର ଅଧ୍ୟକ୍ଷ ସୀମାରାଣୀ ନାୟକଙ୍କ ନେତୃତ୍ୱରେ ବିଧାୟିକା ପ୍ରମିଳା ମଲ୍ଲିକ, ବର୍ଷା ସିଂ ବରିହା, ସୁଜାତା ସାହୁ, ସଞ୍ଜାଲି ମୁର୍ମୁ, ଉପାସନା ମହାପାତ୍ର, ସୁବାସିନୀ ଜେନା, ମନୋରମା ମହାନ୍ତି ଓ ସୋଫିଆ ଫିର୍ଦ୍ଦୋସ କମିଟିର ସଦସ୍ୟ ରହିଛନ୍ତି। ଏହି ଟିମ୍ ଜିଲାରେ ୨ ଦିନ ରହି ମହିଳା ଓ ଶିଶୁମାନଙ୍କ ବିଭିନ୍ନ ସମସ୍ୟା ନେଇ ସମୀକ୍ଷା କରିବ। ପ୍ରଥମ ଦିନରେ ଦୁଧାରୀରେ ଥିବା କଫି ବଗିଚା, ବିଟେଲ ପ୍ରୋସେସିଂ ୟୁନିଟ୍ ବୁଲି ଦେଖିବା କାର୍ଯ୍ୟକ୍ରମ ରହିଛି। ମହିଳା, ଶିଶୁଙ୍କ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ନେଇ କୋରାପୁଟ ଓ ମାଲକାନଗିରି ଜିଲାରେ ସମୀକ୍ଷା କରିବ। କମିଟି ସଦସ୍ୟମାନେ ଦେଓମାଳି ବୁଲିବା ସହ ସେଠାରେ ରାତ୍ରିଯାପନ କରିବା କାର୍ଯ୍ୟକ୍ରମ ରହିଛି। ହଷ୍ଟେଲରେ ନିର୍ଯାତନା, ମହିଳାମାନଙ୍କ ସମସ୍ୟା ଉପରେ ଜିଲାପାଳଙ୍କ ସହ ଆଲୋଚନା କରି ସମୀକ୍ଷା କରିବେ। ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବେ। ପର୍ଯ୍ୟଟନସ୍ଥଳ ବୁଲିବା ସହ ସମସ୍ତ ଦିଗ ଉପରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ସୋମବାର ଟିମ୍ ବିଭିନ୍ନ କଫି ଓ ମିଲେଟ୍ ପ୍ରୋସେସିଂ ୟୁନିଟ୍ ଓ ଅଙ୍ଗନୱାଡି କେନ୍ଦ୍ର ବୁଲିବ। କୋରାପୁଟ ଓ ମାଲକାନଗିରି ଜିଲାର ଲୋକପ୍ରତିନିଧିଙ୍କ ସହ ମହିଳା ଓ ଶିଶୁ ନିର୍ଯାତନା ଉପରେ ଆଲୋଚନା କରିବ। ବର୍ତ୍ତମାନ ମହିଳା ଓ ଶିଶୁଙ୍କ ଉପରେ ନିର୍ଯାତନା ବଢୁଥିବାରୁ କମିଟି ସମୀକ୍ଷା ପାଇଁ ଜିଲାରେ ପହଞ୍ଚିଛି।


କୋରାପୁଟ ଗସ୍ତରେ ଯାଇଥିବା ବିଧାନସଭା ମହିଳା ଓ ଶିଶୁ ବିକାଶ ଗୃହ କମିଟିର ସଦସ୍ୟମାନେ ।

# ମା’ ଭଗବତୀଙ୍କ ନିକଟରେ ଲାଗିହେଲା ରୁପା ଅଳଙ୍କାର

ଜୟପୁର,୧୮।୫(ପବନ ପାଣିଗ୍ରାହୀ)

ଜୟପୁରର ଅଧିଷ୍ଠାତ୍ରୀ ମା’ ଭଗବତୀଙ୍କ ନିକଟରେ ରବିବାର ରୁପା ଅଳଙ୍କାର ଲାଗି କରାଯାଇଛି। ଭଗବତୀ ପୂଜା କମିଟି ଓ ସେବା ଟ୍ରଷ୍ଟର ମିଳିତ ଉଦ୍ୟମରେ ମା’ଙ୍କ ପ୍ରଭା, ୨ଟି ରୁପା ପାଦ, ୨ ରୁପା ସିଂହ ଓ ରୁପାରେ ସିଂହାସନ ନିର୍ମାଣ ହୋଇଛି। ମା’ଙ୍କ ନିକଟରେ ୧୯ କେଜି ଓଜନର ରୁପା ଅଳଙ୍କାର ଲାଗି କରାଯାଇଛି। ଏହାପରେ ପୂଜାପାଠ କରାଯିବ ବୋଲି ମୁଖ୍ୟ ପୁରୋହିତ ଧୀରେନ୍ଦ୍ର ରଥ ସୂଚନା ଦେଇଛନ୍ତି।


ମା’ ଭଗବତୀଙ୍କୁ ରୁପା ଅଳଙ୍କାରରେ ସଜ୍ଜିତ କରାଯାଇଛି।

# ତହସିଲ କାର୍ଯ୍ୟାଳୟ ରାସ୍ତାରେ ଖାଲଖମା


ରାସ୍ତାରେ ଖାଲଖମା ହୋଇ ରହିଛି।

## ମରାମତି ପାଇଁ ଦାବି

ସେମିଳିଗୁଡା/ସୁନାବେଡା,୧୮।୫
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ସୁନାବେଡା ପୌର ପରିଷଦ ଅଧୀନ ସେମିଳିଗୁଡା ୨୬ ନଂ ଜାତୀୟ ରାଜପଥରୁ ସେମିଳିଗୁଡା ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଖାଲ ଖମା ହୋଇ ରହିଛି। ରାଜରାସ୍ତାକୁ ସଂଯୋଗ କରୁଥିବା ସ୍ଥାନରୁ ପିଚୁ, ଗୋଡି ଓ ମେଟାଲ ଉଠିଯାଇ ପ୍ରାୟ ୮ ଇଞ୍ଚର ଖାଲ ହୋଇଛି। ଏହା ଡ୍ରେନର ଭ୍ରମ ସୃଷ୍ଟି କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସେହି ରାସ୍ତା ଦେଇ ଦୈନିକ ଶତାଧିକ ଲୋକେ ତହସିଲ କାର୍ଯ୍ୟାଳୟ ଯାତାୟାତ କରନ୍ତି। ଏହି ରାସ୍ତା ଅଗ୍ନିଶମ କେନ୍ଦ୍ରକୁ ମଧ୍ୟ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଅନେକ ସରକାରୀ ଅଧିକାରୀ ମଧ୍ୟ ଯିବା ଆସିବା କରନ୍ତି। କିନ୍ତୁ ଏଥିପ୍ରତି କାହାର ନଜର ପଡୁ ନ ଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳ ପୌର ପ୍ରଶାସନ ଅଧୀନରେ ଥିଲେ ସୁଦ୍ଧା ଏହାର ପୁନରୁଦ୍ଧାର ହୋଇପାରୁନାହିଁ। ବର୍ଷା ଦିନ ଆସୁଥିବାରୁ ଶୀଘ୍ର ମରାମତି ପାଇଁ ଲୋକେ ଦାବି କରିଛନ୍ତି।

# ବାହିରିପଡ଼ା-ଅଁଳାଘାଟି ରାସ୍ତା ମରଣଯନ୍ତା

## ନିର୍ମାଣ ପରେ ହୋଇନି ମରାମତି

ନନ୍ଦପୁର,୧୮।୫(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ସଦର ମହକୁମା ବସ୍‌ଷ୍ଟାଣ୍ଡରୁ ବାହିରିପଡ଼ା, ବଡ଼ପୁଟ ବୁଚାପୁଟ, ଦୋରାପୁଟ ଓ ଅଁଳାଘାଟି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। ୬ କି.ମି. ୪୫୦ ମିଟର ବିଶିଷ୍ଟ ଏହି ରାସ୍ତାର ନିର୍ମାଣ ହୋଇ ୨୦୧୬ରେ ଶେଷ ହୋଇଥିଲା। ୨୦୨୧ ଯାଏ ମରାମତି ଅବଧି ଥିଲେ ସୁଦ୍ଧା ନିର୍ମାଣକାରୀ ସଂସ୍ଥା ବ୍ରିଜ୍ ଆଣ୍ଡ ରୁଫଥ ଓ ନିଯୁକ୍ତ ଠିକାଦାର ଥରେ ମଧ୍ୟ ରାସ୍ତାର ମରାମତି କରି ନ ଥିବା ଗ୍ରାମବାସୀ କହିଛନ୍ତି। ରାସ୍ତାରୁ ପିଚୁ ଉଠି ଏକାଧିକ ଜାଗା କାଦୁଅ ହୋଇ ରହିଛି। ଗୋଡ଼ି ପଥର ଜମା ସହ ଖାଲଖମା ଥିବାରୁ ଏହି ରାସ୍ତାରେ ଯାତାୟାତରେ ଅସୁବିଧା ହେଉଥିବା ୫ ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ତଦାରଖ କରିବାକୁ ଥିବା ସୁନାବେଡ଼ା ଆରଡି ବିଭାଗ ମଧ୍ୟ ନିରବତା ଅବଲମ୍ବନ କରିଥିବାରୁ ଲୋକେ ହଇରାଣ ହେଉଥିବା କହିଛନ୍ତି। ରାସ୍ତାର ଦୁରବସ୍ଥା ପ୍ରତି ଦୃଷ୍ଟି ଦେଇ ବର୍ଷାଦିନ ପୂର୍ବରୁ ମରାମତି କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଆର୍‌ଡି ବିଭାଗର ମରାମତି ଅବଧି ସରିବା ପରେ ବ୍ରିଜ୍ ଆଣ୍ଡ ରୁଫ୍ ପକ୍ଷରୁ ଉକ୍ତ ରାସ୍ତାକୁ ବିଭାଗକୁ ହସ୍ତାନ୍ତର କରାଯିବା କଥା। କିନ୍ତୁ ଏଯାଏ ହୋଇ ନ ଥିବା ସୂଚନା ଦେଇଛନ୍ତି। ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଯନ୍ତ୍ରୀ ଅସୀମ ମିଞ୍ଜ ରାସ୍ତା ତଦାରଖ କରି ରିପୋର୍ଟ ପ୍ରଦାନ କରିଛନ୍ତି। ପୋର୍ଟାଲରେ ଆବଶ୍ୟକ ଯାଞ୍ଚ କରି ସବୁ ଠିକ୍ ଥିଲେ କିଛିଦିନ ମଧ୍ୟରେ ରାସ୍ତାକୁ ବିଭାଗ ନିଜ ଅକ୍ତିଆରକୁ ନେବ। ବିଭାଗୀୟ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରି ମରାମତି ବ୍ୟବସ୍ଥା କରାଯିବ ବୋଲି ଯନ୍ତ୍ରୀ ମିଞ୍ଜ ସୂଚନା ଦେଇଛନ୍ତି।


ରାସ୍ତା କାଦୁଅ ହୋଇ ରହିଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜମି


ତହସିଲଦାର ଓ ଅନ୍ୟ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଜମି ଚିହ୍ନଟ କରୁଛନ୍ତି।

## ୫ ଏକରରୁ ଅର୍ଦ୍ଧାଧିକ ଜମି ଜବରଦଖଲ

ନନ୍ଦପୁର,୧୮।୫(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅର୍ଦ୍ଧାଧିକ ପଟ୍ଟା ଜମି ୨୬ ଜବରଦଖଲକାରୀଙ୍କ କବ୍‌ଜାରେ ଥିବା ଜଣାପଡ଼ିଛି। ଏ ନେଇ ରବିବାର ନନ୍ଦପୁର ତହସିଲଦାର ପ୍ରଭାତୀ ଝୋଡିଆ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଦୁବରାଜ ମୁର୍ମୁ, ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କର୍ମକର୍ତ୍ତା ଓ ଅନ୍ୟ ରାଜସ୍ୱ କର୍ମଚାରୀ ଜମି ମାପଚୁପ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ନାଁରେ ଥିବା ୫ ଏକର ୨୩ ସେଣ୍ଟ ପଟ୍ଟାଜମି ମଧ୍ୟରୁ ପ୍ରାୟ ଅଢେଇ ଏକର ଜମିକୁ ୨୬ ପରିବାର ଜବରଦଖଲ କରି ଗୃହ ଓ ବ୍ୟବସାୟିକ ପ୍ରତିଷ୍ଠାନ କରିଥିବା ଜଣାପଡିଛି। ୧୨ ପଞ୍ଚାୟତବାସୀ ନିର୍ଭର କରୁଥିବା ପାଡୁଆ ସ୍ୱାସ୍ଥ୍ୟକେନ୍ଦ୍ରଟି ଆଗାମୀ ଦିନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେବା ନେଇ ବିଭାଗୀୟ ପ୍ରସ୍ତାବ ରହିଛି। ଜମି ଜବରଦଖଲ ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ କାର୍ଯ୍ୟରେ ବାଧା ରହିଛି। ଜୀବନଜୀବିକା ପ୍ରଭାବିତ ହେବା ନେଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଜବରଦଖଲକାରୀ ଅନୁରୋଧପତ୍ର ପ୍ରଦାନ କରିଥିଲେ। ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ୧୯୮୨ରେ ମୋଟ ୫ ଏକର ୨୩ ସେଣ୍ଟ ଜମି ପ୍ରଦାନ କରାଯାଇଥିଲା। ଏକରରୁ ଉର୍ଦ୍ଧ୍ୱ ଜମିରେ ସ୍ୱାସ୍ଥ୍ୟକେନ୍ଦ୍ର, ଏଏନ୍‌ଏମ୍ କେନ୍ଦ୍ର, ଡାକ୍ତର, ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀଙ୍କ ପାଇଁ ବାସଗୃହ ନିର୍ମାଣ କରାଯାଇଥିଲା। ବଳକା ଜମି ଖାଲିପଡ଼ିଥିବା ବେଳେ ସ୍ଥାନୀୟ କେତେଜଣ ଲୋକ ଜବରଦଖଲ କରି ବ୍ୟବସାୟିକ ପ୍ରତିଷ୍ଠାନ ଓ ପରେ ବାସଗୃହ ନିର୍ମାଣ କରିଥିଲେ, ଯାହା ବର୍ତ୍ତମାନ ୨୬ ପରିବାରଙ୍କ କବ୍‌ଜାରେ ରହିଛି। ସ୍ୱାସ୍ଥ୍ୟ ବିଭାଗର ପଟ୍ଟାଜମିରୁ ଜବରଦଖଲ ହଟାଇବା ବଦଳରେ ଜବରଦଖଲକାରୀଙ୍କ ନାଁରେ ପାଡୁଆ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଜବରଦଖଲ ମାମଲା ରୁଜୁ ହୋଇ ବାର୍ଷିକ ଫାଇନ୍ ଆଦାୟ କରାଯାଇଥିବା ଏହି ୨୬ ପରିବାର କହିଛନ୍ତି। ବ୍ଲକ ଅଞ୍ଚଳରେ ରାଜସ୍ୱ ଜମି ଜବରଦଖଲ, ୨୦୦ ଏକରରୁ ଉର୍ଦ୍ଧ୍ୱ ଦେବୋତ୍ତର ଜମି ବିକ୍ରି, ଏକାଧିକ ସରକାରୀ କାର୍ଯ୍ୟାଳୟଗୁଡ଼ିକର ପଟ୍ଟାଜମି ଜବରଦଖଲ, ନିର୍ମାଣ ବେଳେ ଭୁଲ୍ ସ୍କେଚ୍ ମ୍ୟାପ୍ ଦେଇ ୪୧ ବିଦ୍ୟାଳୟ ଓ ୧୦ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କେନ୍ଦ୍ର ଜମି ବିବାଦଘେରକୁ ଆସିଥିବା ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ଜିଲା ଓ ରାଜ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ରବିବାର ତହସିଲଦାରଙ୍କ ଉପସ୍ଥିତିରେ ବିକଳ୍ପ ଜମି ମଧ୍ୟ ଚିହ୍ନଟ କରାଯାଇଛି। ଏହାକୁ ଜିଲାପାଳ ଓ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ ବିଭ୍ରାଟ ନେଇ ଯନ୍ତ୍ରୀଙ୍କ ସହ ଆଲୋଚନା

ନନ୍ଦପୁର,୧୮।୫(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିବା ବେଳେ ୩ ପଞ୍ଚାୟତବାସୀ ବିଭାଗୀୟ ଯନ୍ତ୍ରୀଙ୍କ ସହ ଶନିବାର ଆଲୋଚନା କରିଛନ୍ତି। ବ୍ଲକ୍‌ର ହାତୀବାରି, କସନ୍ଦି, ରାଇସିଂ, ମାଳି ବେଲଗାଁ, ହିକିମପୁଟ ଓ ପାଡୁଆ ଆଦି ପଞ୍ଚାୟତରେ ବିଦ୍ୟୁତ୍ ବିଭ୍ରାଟ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ହିକିମପୁଟ, ରାଇସିଂ ଓ ହାତିବାରି ପଞ୍ଚାୟତବାସୀ ନନ୍ଦପୁର ଟିପିଏସ୍‌ଓଡିଏଲ୍ ଯନ୍ତ୍ରୀ ପ୍ରଭୁ ମଲ୍ଲିକଙ୍କୁ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି। କାଳବୈଶାଖୀ ପ୍ରଭାବରେ ଗଛ ପଡ଼ି ୮ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଥିବା, ଶର୍ଟ ସର୍କିଟ ହୋଇ ବିଦ୍ୟୁତ୍ ପୋଲ ଇନ୍‌ସୁଲେଟର ଭାଙ୍ଗିଯାଇଥିଲା। ହାତୀବାରି ପଞ୍ଚାୟତର ବେନୀଙ୍ଗୁଡା ଗ୍ରାମ ପାର୍ଶ୍ୱ ଜଙ୍ଗଲରୁ ବାଘ୍ୱା ଶିକାର ପାଇଁ ବିଦ୍ୟୁତ୍ ଚୋରି ଓ ପ୍ରଭାବରେ ବିଦ୍ୟୁତ୍ ଯନ୍ତ୍ରାଂଶ ପୋଡ଼ି ନଷ୍ଟହେବା ସମ୍ପର୍କରେ ଅବଗତ କରିଥିଲେ। ଏହାର ମରାମତି କାର୍ଯ୍ୟ କର୍ମଚାରୀ କରୁଥିବା ଯନ୍ତ୍ରୀ ମଲ୍ଲିକ କହିଛନ୍ତି। ୨୪ ଘଣ୍ଟା ମଧ୍ୟରେ ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ ପ୍ରଭାବ ନ ରହିଲେ ସମସ୍ତ ପଞ୍ଚାୟତରେ ଶନିବାର ସନ୍ଧ୍ୟା କିମ୍ବା ରବିବାର ପୂର୍ବାହ୍ନ ସୁଦ୍ଧା ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବ ବୋଲି କହିଥିଲେ। ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ଚୋରିକରି ଜୀବନକୁ ବିପଦରେ ନ ପକାଇବାକୁ ଗ୍ରାମବାସୀଙ୍କୁ ଲୋକ ପ୍ରତିନିଧିମାନେ ସଚେତନ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଏଥିରେ ହାତୀବାରି ପଞ୍ଚାୟତ ସମିତି ସଭ୍ୟ ଲାଇବଦର ଗେମେଲ, ସନୁ ଖିଲ, ରାଜୁ ଖିଲ, ବାସୁ ଖିଲ, ରମେଶ ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।


ଆଲୋଚନା ପାଇଁ ଆସିଥିବା ପଞ୍ଚାୟତବାସୀ।

# ଜଗନ୍ନାଥ ସାଗର ପୁନଃଉଦ୍ଧାର ନେଇ ବିଧାୟକଙ୍କ ସମୀକ୍ଷା

ଜୟପୁର,୧୮।୫(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଐତିହାସିକ ଜଗନ୍ନାଥ ସାଗର ପୁନଃଉଦ୍ଧାର କାର୍ଯ୍ୟ ଜାରି ଥିବା ବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏ ନେଇ ରବିବାର ସମୀକ୍ଷା କରିଛନ୍ତି। ଏହି ସମୟରେ ଜୟପୁର ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆକାବରମ ଶସ୍ୟା ରେଡ୍ଡୀ, ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ ଓ କନିଷ୍ଠଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ବାହିନୀପତି ଓ ପ୍ରଶାସନିକ ଅଧିକାରୀ ମାଟି, ପଙ୍କ ଉଦ୍ଧାର ପାଇଁ ଠିକା ନେଇଥିବା ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଓ ଉପଜିଲାପାଳ ବାରମ୍ବାର ତଦାରଖ କରୁଛନ୍ତି। ବର୍ଷା ସତ୍ତ୍ୱେ କାର୍ଯ୍ୟ ଜାରି ରହିଥିବା ବିଧାୟକ ବାହିନୀପତି ସୂଚନା ଦେଇଛନ୍ତି। ଦିଲ୍ଲୀରୁ ଏକ ଗାଡ଼ି ଅଣାଯାଇ ପଙ୍କ ଉଦ୍ଧାର କରାଯିବ ବୋଲି ବିଧାୟକ କହିଛନ୍ତି। ରାତି ୯ଟା ଯାଏ ପଙ୍କ ଉଦ୍ଧାର କରାଯାଉଥିବା ବେଳେ ଏହାକୁ ୧୨ଟା ପର୍ଯ୍ୟନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ରାଜ୍ୟର ଏକ ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ ହେବ ବୋଲି ବିଧାୟକ ବାହିନୀପତି ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟର ଦ୍ରବ୍ୟ ଓ ସେବା ଅଟକଳ ମୂଲ୍ୟ ୯ କୋଟି ୪୫ ଲକ୍ଷ ଟଙ୍କା ରହିଥିବା ବେଳେ ସରକାରଙ୍କଠାରୁ ଅନୁମୋଦିତ ହୋଇ ପୌର ପରିଷଦକୁ ପ୍ରେରଣ କରାଯାଇଛି। ଟେଣ୍ଡର ମାଧ୍ୟମରେ କୋକସରାର ଏକ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ଉକ୍ତ ଠିକାସଂସ୍ଥା ଦ୍ରବ ଓ ସେବା କରକୁ ମିଶାଇ ୮ କୋଟି ୪୦ ଲକ୍ଷ ଟଙ୍କାରେ କାର୍ଯ୍ୟ କରିବା ପାଇଁ ଚୁକ୍ତିବଦ୍ଧ ହୋଇଅଛି । ଏହି ସଂସ୍ଥା ୪୫ ଦିନରେ କାର୍ଯ୍ୟ ସମ୍ପନ୍ନ କରିବାକୁ ମୌଖିକ ପ୍ରତିଶ୍ରୁତି ଦେଇଛି। ଏହି କାର୍ଯ୍ୟକୁ ଉପଜିଲାପାଳଙ୍କ ନେତୃତ୍ୱରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଇରିଗେଶନ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ପୌରପାଳିକା ଏହାର ତଦାରଖ କରୁଛନ୍ତି। ପଙ୍କ ଉଦ୍ଧାର ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ। ନୂତନ ଡିପିଆର ପ୍ରସ୍ତୁତ କରି କାର୍ଯ୍ୟ ଜାରି ରହିଛି। ଅତ୍ୟାଧୁନିକ ଭାବେ ସାଗରକୁ ପୁନରୁଦ୍ଧାର କରି ନିର୍ମାଣ କରାଯିବ। ଏହାଦ୍ୱାରା ଜୟପୁରର ବିକାଶ ହେବ ବୋଲି ବିଧାୟକ କହିଛନ୍ତି। ଜଗନ୍ନାଥ ସାଗରର ପୁନରୁଦ୍ଧାର ନେଇ ବିଧାୟକ ବାହିନୀପତି ବାରମ୍ବାର ବିଧାନସଭାରେ ଦାବି କରିଥିଲେ। ଏହାର ପୁନଃ ଉଦ୍ଧାର ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ଦାବି କରାଯାଇଥିଲା। କୋରାପୁଟ ଜିଲାପାଳ ଓ ଜୟପୁର ଉପଜିଲାପାଳ ଏହାର ତଦାରଖ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜଗନ୍ନାଥ ସାଗର ୧୨୦ ଏକର କାର୍ଯ୍ୟ ହେବ। ପରେ ଫିସେରି ଟ୍ୟାଙ୍କରେ କାର୍ଯ୍ୟ ହେବ। ସାଗର ନିକଟରେ ଥିବା ଜବରଦଖଲ ଉଚ୍ଛେଦ କରାଯିବ।


ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀ ପଙ୍କ ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ଗଜା ଶସ୍ୟକୁ ପରସ୍ପର ମଧ୍ୟରେ ବାଣ୍ଟିଲେ ଶ୍ରଦ୍ଧାଳୁ

## କୃଷିଭିତ୍ତିକ ବାଲିଯାତ୍ରା ଉଦ୍‌ଯାପିତ

କୁନ୍ଦୁରା,୧୮।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ରେ ୩ ମାସ ଧରି ବାଲିଘର ଆସ୍ଥାନରେ ଚାଲିଥିବା କୃଷିଭିତ୍ତିକ ପର୍ବ ବାଲିଯାତ୍ରା ଓ ବାସି ବାଲିଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହା ମାଘ ପଞ୍ଚମୀଠାରୁ ଆରମ୍ଭ ହୋଇଥିଲା। ସମସ୍ତ ଦେବୀଦେବଙ୍କୁ ଗୋଟିଏ ଆସ୍ଥାନରେ ଗୁରୁମାଉଣୀଙ୍କ ଦ୍ୱାରା ୩ ମାସ ପୂଜା କରାଯାଏ। ଗ୍ରାମର ବୁଢ଼ୀ ଠାକୁରାଣୀ, ବାରଦାଉନି, ସାତଭଉଣୀ, ଭଣ୍ଡାରୁଣୀ, ମାଉଲି ଦେବୀଙ୍କୁ ଗ୍ରାମବାସୀ ପୂଜା କରିଥାନ୍ତି। କୃଷିକ୍ଷେତ୍ରକୁ ବିଭିନ୍ନ ପ୍ରକାର ରୋଗପୋକରୁ ଉଦ୍ଧାର କରିବା ସହ ଚାଷୀଙ୍କ ପରିବାର ଭଲରେ ରହିବା ଓ ଗ୍ରାମର ଉନ୍ନତି ନେଇ ପୂଜା କରାଯାଇଥାଏ। ଏଥିରେ ଲାଠି ଦେବତା, ବାଲିଘରେ ଥିବା ଦେବୀଦେବଙ୍କ ଆସ୍ଥାନରେ ଥିବା କୁର୍ଶୀ, ବିଭିନ୍ନ ଦେବୀଙ୍କ ଲାଠି ଓ ଗ୍ରାମଦେବୀଙ୍କୁ ସ୍ମରଣ କରାଯାଏ। ଏହି ସମୟରେ ପ୍ରତି ସପ୍ତାହରେ ୨ ଥର ଗ୍ରାମ ତଥା ଆଖପାଖ ଅଞ୍ଚଳର ମହିଳା ଓ ପୁରୁଷ ସ୍ୱତନ୍ତ୍ର ଉପନ ପର୍ବରେ ଏକତ୍ରିତ ହୋଇଥାନ୍ତି। ଏଠାରେ ମହିଳାମାନେ ଦେବୀଦେବଙ୍କ ନିକଟରେ ଶାଳପତ୍ରରେ ନିର୍ମିତ ଚଉକୁନିରେ ଚାଉଳ ଓ ଫୁଲ ମା’ଙ୍କ ପୂଜାରେ ଲାଗିବା ନେଇ ଗୁରୁମାଉଣୀଙ୍କୁ ଦେଇଥାନ୍ତି। ଉପନ ପର୍ବରେ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିଥାଏ। ଗ୍ରାମର ଯୁବକମାନେ ଟାମକ ବାଜା ବଜାଇ ମହିମା ମଣ୍ଡନ କରନ୍ତି। ବାଲିଘରେ ଦେବୀଦେବ ଆଶ୍ରୟ ନେଇଥିବା ବେଳେ ମହିଳା ଓ ପୁରୁଷ କଣ୍ଟାଦୋଳିରେ ଝୁଲନ୍ତି। ବାଲିଯାତ୍ରାର ଦଶଦିନ ପୂର୍ବରୁ ଗ୍ରାମବାସୀ ମିଳିତ ଭାବେ ନଦୀରୁ ବାଲି ସଂଗ୍ରହ କରିଥାନ୍ତି। ଏହି ବାଲି ସଂଗ୍ରହକରି ବାଲିଘରେ ରଖି ବିଭିନ୍ନ ପ୍ରକାର ବିହନ ଧାନ, ମାଣ୍ଡିଆ, ମକା, ବିରି, ମୁଗ, କୋଳଥ, ସୁଆଁ ଓ ବାଜରା ଆଦି ପ୍ରମୁଖ ଶସ୍ୟ ବାଉଁଶ ତିଆରି ଟାଙ୍ଗୁଡ଼ିରେ ଗଜା କରାଯାଏ। ଯାତ୍ରା ଦିନ ଗଜା ଶସ୍ୟକୁ ମହିଳା ପୁରୁଷ ମୁଣ୍ଡରେ ଧରି ବାଲିଭଙ୍ଗାକୁ ପଟୁଆର ସହ ନେଇଥାନ୍ତି। ବାଲିଭଙ୍ଗାରେ ପୂଜା ପାଉଥିବା ଭୀମା ଦେବତାଙ୍କ ଆସ୍ଥାନ ଉପରେ ନିର୍ମିତ କାଠ ମଞ୍ଚା ଉପରେ ଗଜା ଶସ୍ୟ ବାଲି ଟାଙ୍ଗୁଡ଼ି ରଖାଯାଇଥାଏ। ଉଦ୍‌ଯାପନୀ ଦିନ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଭୀମା ଦେବତାଙ୍କ ନିକଟରେ ଗୋଟିଏ ପ୍ରହର ପୂଜାପାଠ କରିବା ପରେ ସେଠାରେ ଥିବା ବାଲି ଟାଙ୍ଗୁଡ଼ିକୁ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ। ଗଜା ହୋଇଥିବା ଏହି ଶସ୍ୟକୁ ମହିଳା ଓ ପୁରୁଷମାନେ କାନରେ ପିନ୍ଧନ୍ତି। ଏହାଦ୍ୱାରା ଅସାଧ୍ୟ ରୋଗ ଭଲ ହେଉଥିବା ବିଶ୍ୱାସ ରହିଛି। ଏହା ପିନ୍ଧିବା ଦ୍ୱାରା ମୈତ୍ରୀ ସ୍ଥାପନ ହେବା ଲୋକେ ବିଶ୍ୱାସ କରନ୍ତି। ଉଦ୍‌ଯାପନୀରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଯୋଗଦେଇଥିଲେ। ବାଲିଯାତ୍ରାକୁ ଗ୍ରାମର ଶ୍ରୀନିବାସ ପଣ୍ଡା, ଦିବାକର ପଟ୍ଟନାୟକ, ଗୌରାଙ୍ଗ ପ୍ରଧାନ, ବୁଦୁରା ପେଣ୍ଠିଆ, ଗୋକୁଳ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଓ ମହେଶ୍ୱର ପ୍ରମୁଖ ପରିଚାଳନା କରିଥିଲେ।


ମହିଳାମାନେ ଗଜା ହୋଇଥିବା ଶସ୍ୟକୁ ନେଉଛନ୍ତି ।


ଭୀମଦେବତାଙ୍କୁ ପୂଜା କରାଯାଉଛି ।




ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚତୁର୍ଥ ତ୍ରୈମାସିକ ଏବଂ ବାର୍ଷିକ ଫଳାଫଳକୁ ବ୍ୟାଙ୍କର ଏମ୍‌ଡି ଏ. ମଣିମେଖଲାଇ ଘୋଷଣା କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୩୭୬ କୋଟି ଟଙ୍କାର ଆର୍ଥିକ ପାଣ୍ଠି ହାସଲ

**ଭୁବନେଶ୍ୱର,୧୮।୫**

ବ୍ଲୁ ପାଇନ୍ ଶକ୍ତି ପ୍ରାଇଭେଟ୍ ଲିମିଟେଡ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ଗୁଜୁରାଟର ବନସକନ୍ଥା ଜିଲ୍ଲାର ଥରାଡ଼ଠାରେ ଥିବା ୧୦୦ ମେଗାୱାଟ୍ ସୌର ଶକ୍ତି ପ୍ରକଳ୍ପ ପାଇଁ ୩୭୬ କୋଟି ଟଙ୍କାର ଆର୍ଥିକ ପାଣ୍ଠି ହାସଲ କରିଛି। କମ୍ପାନୀର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ସୋଲାରକ୍ରାଫ୍ଟ ପାୱାର ଇଣ୍ଡିଆ ୫ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଜିୟୁଭିଏନ୍‌ଏଲ୍ ୨୨ ଟେଣ୍ଡର ଅଧୀନରେ ଏହି ପ୍ରକଳ୍ପ ବିକାଶ କରାଯିବ। ଏଥିପାଇଁ ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ଏକକ ମ୍ୟାନ୍‌ଡେଟେଡ୍ ଲିଡ୍ ଆରେଞ୍ଜର, ସବୁଜ ଋଣ ସଂଯୋଗ,ଋଣ ପ୍ରଦାନକାରୀ ଓ ଆକାଉଂଟ୍ ବ୍ୟାଙ୍କ ଦାୟିତ୍ୱ ତୁଲାଇଥିଲା।

# ଫ୍ୟୁଚର ଜେନେରାଲିର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୮।୫**

ଫ୍ୟୁଚର ଜେନେରାଲିର ନୂତନ ଉତ୍ପାଦ ତଥା ହେଲ୍‌ଥ ଅନ୍‌ଲିମିଟେଡ୍ ପ୍ଲାନ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବର୍ତ୍ତମାନ ଭାରତରେ ବହୁ ଲୋକଙ୍କ ପାଇଁ ଆରୋଗ୍ୟ ବୀମା ଆର୍ଥିକ ସୁରକ୍ଷା ଲାଗି ଏକ ବଡ଼ ସମାଧାନ ପାଲଟିଛି। କିନ୍ତୁ ବୃଦ୍ଧି ପାଉଥିବା ହସ୍ପିଟାଲାଇଜେଶନ ଓ ଚିକିତ୍ସା ଖର୍ଚ୍ଚ ବିଷୟରେ ମଧ୍ୟ ସ୍ୱାସ୍ଥ୍ୟବୀମା ଅନ୍ତର୍ଗତ ବ୍ୟବସ୍ଥା ଉପରେ ଆଶଙ୍କା ଉତ୍ପନ୍ନ କରିଥାଏ। ଏହି ବୃଦ୍ଧି ପାଉଥିବା ଚିନ୍ତା ଏକ ସମ୍ପୂର୍ଣ୍ଣ ହେଲ୍‌ଥକେୟାର ସମାଧାନର ଆବଶ୍ୟକତାକୁ ପୂରଣ କରିଥାଏ। ଏ ସମ୍ପର୍କରେ ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନ୍‌ସୁରାନ୍ସ କମ୍ପାନୀ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଅନୁପ୍ ରାଓ କହିଛନ୍ତି, ଚିକିତ୍ସାର ବଡ଼ ଖର୍ଚ୍ଚ ହେବା ସହ ଅଧିକାଂଶ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଥିଲେ ମଧ୍ୟ ଚିନ୍ତାର ଏକ କାରଣ ଅତୁଟ ରହିଛି, ଗ୍ରାହକଙ୍କ ପାଇଁ ଆମେ ସର୍ବଦା ଚିନ୍ତିତ ଥିଲାବେଳେ ଜୀବନକାଳର ମିତ୍ର ଭାବେ ଆମେ ସେସବୁ ସମସ୍ୟା ନିମନ୍ତେ ବ୍ୟକ୍ତିଗତ ସମାଧାନ ଦେଉଛୁ। ଭାରତୀୟ ଗ୍ରାହକଙ୍କୁ ପର୍ଯ୍ୟାପ୍ତ ଭାବେ ଅଲଙ୍କାରିତ କରିବା ପାଇଁ ଆମର ପ୍ରୟାସ ଜାରି ରହିଛି। ଆମର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବୀମା ଦେୟ ହେଲଥ୍ ଅନ୍‌ଲିମିଟେଡ୍ ମଧ୍ୟ ଏହାକୁ ସୁନିଶ୍ଚିତ କରିବାକୁ ସାହାଯ୍ୟ କରିବ, ଯାହା ମାନେ ବିଲ୍ ବେଳେ ମଧ୍ୟ ଗ୍ରାହକଙ୍କ ଆବଶ୍ୟକତା ଓ ସମ୍ବଳର ଅଭାବ ନ ହେବ। ବୀମାଧାରୀମାନେ ତାଙ୍କ ସ୍ୱାସ୍ଥ୍ୟବୀମା କାମ କରୁଛି କି ନାହିଁ ସେ ବିଷୟରେ ଅସ୍ପଷ୍ଟ ହେବାର ଅନୁଭବ କରୁଛନ୍ତି ବୋଲି ଫ୍ୟୁଚର ଜେନେରାଲି ଭାରତ ବୀମା-ହେଲ୍‌ଥ ଅନଲିମିଟେଡ୍ ଦ୍ୱାରା କରାଯାଇଥିବା ଏକ ବିଶେଷ ସର୍ବେକ୍ଷଣକୁ ଦୂରଦୃଷ୍ଟି ଦିଆଯାଇଛି।

# ଚାନ୍ଦି ଭଣ୍ଡାରର 'ସଙ୍ଗମ୍' କଲେକ୍ସନ

## ଗହଣାର ଗଢ଼ାମଜୁରି ଉପରେ ଫ୍ଲାଟ୍ ୨୦% ରିହାତି

**ଭୁବନେଶ୍ୱର,୧୮।୫**

ଚାନ୍ଦି ଭଣ୍ଡାରର ବହୁ ପ୍ରତୀକ୍ଷିତ କଲେକ୍ସନ 'ସଙ୍ଗମ୍'କୁ ନିକଟରେ ଅନାବରଣ କରାଯାଇଛି। ଏହି ନୂତନ କଲେକ୍ସନ ସହ ଆସନ୍ତା ସାବିତ୍ରୀ ଉପଲକ୍ଷେ ଆକର୍ଷଣୀୟ ରିହାତି ଅଫର୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ଅଫର୍ ଜରିଆରେ ଗ୍ରାହକମାନେ ୨୦୨୫ ମେ' ୨୬ ପର୍ଯ୍ୟନ୍ତ ଗହଣାର ଗଢ଼ାମଜୁରି ଉପରେ ଫ୍ଲାଟ୍ ୨୦% ରିହାତି ପାଇପାରିବେ। ଏହି କଲେକ୍ସନ ଷ୍ଟର୍ଲିଂ ସିଲ୍‌ଭରରେ ଅତି ଯତ୍ନର ସହ ପ୍ରସ୍ତୁତ ପ୍ରତ୍ୟେକ ମଙ୍ଗଳସୂତ୍ର ପରମ୍ପରା ଏବଂ ସମସାମୟିକ ଆକର୍ଷଣର ସୁସଙ୍ଗତ ମିଶ୍ରଣକୁ ଦର୍ଶାଉଛି। ଏପରିକି ଚମତ୍କାର ଜରିକନ୍ ପଥର, ସୂକ୍ଷ୍ମ ମୁକ୍ତା ଏବଂ ଜଟିଳ ଅକ୍ସିଡାଇଜ୍‌ଡ ଡିଟେଲିଂରେ ସୁସଜ୍ଜିତ ଏହି ମଙ୍ଗଳସୂତ୍ରଗୁଡ଼ିକ ବିବାହର ଅନନ୍ତ ପବିତ୍ରତାର ପ୍ରତୀକ ଏବଂ ନାରୀତ୍ୱର ସୁନ୍ଦର ଶକ୍ତିକୁ ପରିପ୍ରକାଶ କରୁଛି।

ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଥିଲେ, ଆମେ ପ୍ରତ୍ୟେକ ମହିଳାଙ୍କ ଭୂମିକାର ଶକ୍ତି, ଅନୁଗ୍ରହ ଏବଂ ଗୁରୁତ୍ୱକୁ ସ୍ୱୀକୃତି ଦେଇ ସାବିତ୍ରୀର ମହତ୍ତ୍ୱକୁ ସମ୍ମାନ ଦେଉଛୁ। ଆମ କଲେକ୍ସନ ମହିଳାଙ୍କୁ ସମ୍ପୂର୍ଣ୍ଣ ଏବଂ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଛି। ଏହା ସେମାନଙ୍କ ଅନନ୍ୟ ପରିଚୟ ଏବଂ କାଳଜୟୀ ଶୋଭାକୁ ପରିପ୍ରକାଶ କରିବ। ଯେପରି ସାବିତ୍ରୀ ସ୍ଥିରତା ଏବଂ ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରନ୍ତି, ଆମ ଗହଣା ମହିଳାଙ୍କ ବହୁମୁଖୀ ଭୂମିକାକୁ ପାଳନ କରିବା ସହିତ ସେମାନଙ୍କୁ ପ୍ରତ୍ୟେକ ଅବସର ଏବଂ ଜୀବନର ପ୍ରତିଟି ଦିଗ ପାଇଁ ଉପଯୁକ୍ତ ଶୋଭା ପ୍ରଦାନ କରୁଛି। ଚଳିତ ସାବିତ୍ରୀ ଅବସରରେ ଗ୍ରାହକଙ୍କ ଖୁସିକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ବର୍ଷ ବର୍ଷ ଧରି ଗ୍ରାହକଙ୍କଠାରୁ ପାଇଥିବା ସମର୍ଥନ ଏବଂ ପ୍ରେମକୁ ସମ୍ମାନ ଜଣାଇ ଆମେ ଏହି ଅଫର୍ ପ୍ରଦାନ କରୁଛୁ। ଚାନ୍ଦି ଭଣ୍ଡାର ସର୍ବୋତ୍ତମ ଗହଣା ସହ ଆହୁରି ଅଧିକ କିଛି ପ୍ରଦାନ କରୁଛି। ପାରମ୍ପରିକ ରୁପା ଆଇଟମ୍ ସହିତ ଆଧୁନିକ ଲାଇଫ୍‌ଷ୍ଟାଇଲ୍ ଉତ୍ପାଦ ମଧ୍ୟ ଏଠାରେ ଉପଲବ୍ଧ। ପରିବାରର ସମସ୍ତ ସଦସ୍ୟଙ୍କ ଆବଶ୍ୟକତାକୁ ଏହା ପୂରଣ କରିଥାଏ। ଚାନ୍ଦି ଭଣ୍ଡାରରେ ହଲ୍‌ମାର୍କ ରୁପା ବାସନକୁସନଠାରୁ ଆରମ୍ଭକରି ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ୍‌ର ରୁପା ଆଇଟମ୍ ଉପଲବ୍ଧ ରହିଛି।

# ହ୍ୟାଣ୍ଡଲୁମ୍ ଜୋନ୍‌ରେ ଗ୍ରାହକଙ୍କ ଭିଡ଼

## ୧୯ ଦିନରେ ଦୁବାଇ ସିଟି କାର୍ନିଭାଲ

**ଭୁବନେଶ୍ୱର,୧୮।୫ (ଅଭୟ ଦାଶ)**



ପ୍ରଥମଥର ପାଇଁ ଓଡ଼ିଶା ବଜାରରେ ଏକ ଭିନ୍ନ ଧରଣର ପ୍ରଦର୍ଶନୀ 'ଦୁବାଇ ସିଟି କାର୍ନିଭାଲ' ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ପଡ଼ିଛି। ଏହି ପ୍ରଦର୍ଶନୀରେ ଥିବା ହ୍ୟାଣ୍ଡଲୁମ୍ ଜୋନ୍‌ରେ ଗ୍ରାହକଙ୍କ ଭିଡ଼ ଜମୁଥିବାବେଳେ କାରବାର ବେଶ୍ ଉତ୍ସାହଜନକ ରହିଛି ବୋଲି ଆୟୋଜକ କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଏହି ଜୋନ୍‌ରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ତେଲଙ୍ଗାନା, ପଶ୍ଚିମବଙ୍ଗ ଭଳି ରାଜ୍ୟର ପ୍ରମୁଖ ହସ୍ତତନ୍ତ୍ର ବସ୍ତ୍ର(ହ୍ୟାଣ୍ଡଲୁମ ପ୍ରଡକ୍ଟସ) ର ସମ୍ଭାର ସାଙ୍ଗକୁ ସମ୍ବଲପୁରୀଠାରୁ ଆରମ୍ଭ କରି ବାରାଣସୀ ଏବଂ ଇକତରୁ ନେଇ କାଞ୍ଜିବରମ ଭଳି ପ୍ରିମିୟମ ହ୍ୟାଣ୍ଡଲୁମ ପ୍ରଡକ୍ଟସ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଛି। ସେହିଭଳି ଏହି ପ୍ରଦର୍ଶନୀରେ ମୋଟ ୧୨୦ଟି ଷ୍ଟଲ ସାଙ୍ଗକୁ ସେଲ୍‌ଫି ଜୋନ୍ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫଲ ଟାୱାର, ଲଣ୍ଡନ ବ୍ରିଜ୍ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଭ୍ରମ ଡିଜାଇନ କରାଯାଇଛି। ଅପରପକ୍ଷରେ ଆକର୍ଷଣୀୟ ଖେଳନାଠାରୁ ଆରମ୍ଭ କରି ପ୍ରିମିୟମ ଗହଣା ରେଞ୍ଜ୍ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ୍‌ଡ୍ୟାନ୍ସ, ଡ୍ରାଗନ ଟ୍ରେନ୍, ଟାୱାର. ନୌକା, ଟୋରା ଟୋରା) ସହିତ ଫନ୍ ଜୋନ୍ ରହିଛି।

ସେହିପରି ହ୍ୟାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ୍ ଏବଂ କଞ୍ଜୁମର ଜୋନ୍ ସବୁବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି। ଏପରିକି ଉଭୟ ଦର୍ଶକ ଓ ଗ୍ରାହକଙ୍କ ପାଇଁ ମାଗଣା ପାର୍କିଂ ସୁବିଧା ପ୍ରଦର୍ଶନୀ ପରିସରରେ ଉପଲବ୍ଧ ଥିଲାବେଳେ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ସାମଗ୍ରୀ ପ୍ରଦର୍ଶନୀର ଆକର୍ଷଣ ପାଲଟିଛି।

ଏହି ପ୍ରଦର୍ଶନୀ ପ୍ରାଥମିକ ପର୍ଯ୍ୟାୟରେ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ୧୭ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ଓ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷକରି ଗ୍ରୀଷ୍ମ ଅବକାଶ ଯୋଗୁ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଛି, ପିଲାମାନଙ୍କ ସହ ସମୟ ଅତିବାହିତ ପାଇଁ ଏହି ପ୍ରଦର୍ଶନୀ ଉଭୟ ରାଜ୍ୟ ଓ ସହରବାସୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ୟୁଏସ୍‌ଏଫ୍‌ବିଏଲ୍‌ର ନୂତନ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର,୧୮।୫**

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍(ୟୁଏସ୍‌ଏଫ୍‌ବିଏଲ୍)ର ନୂତନ ଶାଖା ଗଞ୍ଜାମ ଜିଲାର ବ୍ରହ୍ମପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ମାଧ୍ୟମରେ ବ୍ୟାଙ୍କ ବ୍ରହ୍ମପୁରର ଗ୍ରାହକମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବ। ଏପରିକି ସେଭିଙ୍ଗ୍‌ସ ଆକାଉଣ୍ଟ, କରେଣ୍ଟ ଆକାଉଣ୍ଟ, ଫିକ୍ସଡ ଡିପୋଜିଟ ଓ ରିକରିଙ୍ଗ ଡିପୋଜିଟ୍ ସମେତ ଅନ୍ୟାନ ବ୍ୟାଙ୍କିଙ୍ଗ୍ ଉତ୍ପାଦଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ଉପଲବ୍ଧ କରାଇବ। ଏହି ବ୍ୟାଙ୍କ ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତ୍ତି ଆଧାରରେ ଋଣ ଭଳି ବିଭିନ୍ନ ଋଣ ଉତ୍ପାଦ ସମେତ କ୍ରେଡିଟ୍, ବୀମା ଓ ନିବେଶ ଉତ୍ପାଦ ଆଦି ପ୍ରଦାନ କରୁଛି। ବ୍ୟାଙ୍କର ଭିତ୍ତିଭୂମି, ଡିଜିଟାଲ ବ୍ୟାଙ୍କିଙ୍ଗ କ୍ଷମତା ଓ ଏଟିଏମ୍ ନେଟ୍‌ୱର୍କ ଏକ ସହଜ ଓ ବାଧାମୁକ୍ତ ବ୍ୟାଙ୍କିଙ୍ଗ୍ ଅନୁଭୂତି ସୁନିଶ୍ଚିତ କରୁଛି। ଏ ସମ୍ପର୍କରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡର ଏମ୍‌ଡି ଓ ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ବ୍ରହ୍ମପୁରରେ ଆମେ ଆମର ନୂତନ ଶାଖାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ପ୍ରତି ଏହା ଆମର ନିରନ୍ତର ପ୍ରୟାସକୁ ସୂଚିତ କରୁଛି। ଏକ ମଜଭୁତ ବାଣିଜ୍ୟିକ ଓ ସାଂସ୍କୃତିକ ଆଧାର ସହ ବ୍ରହ୍ମପୁର ହେଉଛି ଗ୍ରାମର ଏକ ବିକଶିତ ସହର, ଯାହା ବର୍ଦ୍ଧିତ ଆର୍ଥିକ ଆକାଂକ୍ଷାଗୁଡ଼ିକ ସହ ଏକ ଜୀବନ୍ତ ସମୁଦାୟର ପ୍ରତିନିଧିତ୍ୱ କରୁଛି। ଆମର ସ୍ୱତନ୍ତ୍ର ଆର୍ଥିକ ସେବାଗୁଡିକ ମାଧ୍ୟମରେ ଆମେ ଲୋକମାନଙ୍କୁ ସଶକ୍ତ କରିବା, ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ଓ ଏହି ଅଞ୍ଚଳର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛୁ। ସେହିଭଳି ଏହି ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍‌ଗୁଡିକ ଆର୍ଥିକ ସେବା ପାଇଁ ସୀମିତ ପହଞ୍ଚଥିବା ଅଣସଂଗଠିତ ଓ କମଆୟ ବର୍ଗର ଲୋକମାନଙ୍କୁ ବ୍ୟବସାୟ ବିକାଶ ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ ଲୋନ୍ ପ୍ରଦାନ କରିବେ। ଗ୍ରାହକମାନେ ବ୍ୟାଙ୍କର ବିଭିନ୍ନ ଚ୍ୟାନେଲ ଯେପରିକି ବ୍ୟାଙ୍କିଙ୍ଗ ଶାଖା, ମାଇକ୍ରୋ ଏଟିଏମ୍(ବ୍ୟାଙ୍କିଙ୍ଗ୍ ଅବଧିରେ), ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ମୋବାଇଲ ବ୍ୟାଙ୍କିଙ୍ଗ, ୟୁପିଆଇ ଓ କଲ୍ ସେଣ୍ଟରଗୁଡିକ ମାଧ୍ୟମରେ ବ୍ୟାଙ୍କିଙ୍ଗ ସେବା ପାଇପାରିବେ।

## ଅପରାଧ

# ମୁଖ୍ୟ ଅଭିଯୁକ୍ତ ଦିଲ୍ଲୀରୁ ଗିରଫ

## ୭୮ ଲକ୍ଷ ଟଙ୍କାର ସାଇବର ଠକେଇ ମାମଲା

- ୧୧.୬୫ ଲକ୍ଷ ଜବତ, ବ୍ୟାଙ୍କ ଆକାଉଣ୍ଟର ୧୧.୩୫ ଲକ୍ଷ ଅଚଳ
- ପୂର୍ବରୁ ବଲାଙ୍ଗୀରରୁ ଗିରଫ ହୋଇଥିଲେ ୬

**କଟକ,୧୮।୫(କାର୍ତ୍ତିକ ସାହୁ)**

କଟକ ସାଇବର ଥାନା ପୋଲିସ ଗତ ଏପ୍ରିଲରେ ହୋଇଥିବା ୭୮ ଲକ୍ଷ ଟଙ୍କାର ଏକ ସାଇବର ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ଦିଲ୍ଲୀରୁ ଗିରଫ କରିଛି। ତାଙ୍କୁ କଟକ ଅଣାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଦିଲ୍ଲୀ ମାଣ୍ଡୱାଲି ଥାନା ଅନ୍ତର୍ଗତ ରେଲୱେ କଲୋନି ଗଳି ନଂ. ୨୦୦ର ବାସିନ୍ଦା ରବି ରାଜ (୨୮)। ପୋଲିସ ତାଙ୍କ ନିକଟରୁ ନଗଦ ୧୧.୬୫ ଲକ୍ଷ ଟଙ୍କା ଜବତ କରିଛି। ଏଥିସହ ଅଭିଯୁକ୍ତଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧୧.୩୫ ଲକ୍ଷ ଟଙ୍କା ଅଚଳ କରିଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ରବି ରାଜ ଓ ତାଙ୍କ ସହଯୋଗୀମାନେ ଟେଲିଗ୍ରାମ୍ ଜରିଆରେ ମେସେଜ ପଠାଇ ନିରୀହ, ଅଜ୍ଞ ଲୋକଙ୍କୁ ଫସାଇବାକୁ ଚେଷ୍ଟା କରନ୍ତି। ସ୍ପ୍ରେଡେକ୍ସ ଗ୍ଲୋବାଲ ଲିମିଟେଡ୍ ନାମକ ନକଲି ଟ୍ରେଡିଂ ଆପ୍‌ରେ ସେହି ଲୋକଙ୍କୁ ଅର୍ଥ ବିନିଯୋଗ କରିବା ନିମନ୍ତେ ପ୍ରବର୍ତ୍ତାଇଥାନ୍ତି। ସେମାନଙ୍କ ଫାଶରେ ପଡ଼ୁଥିବା ଲୋକଙ୍କୁ ବିଭିନ୍ନ ଆକାଉଣ୍ଟରେ ଅର୍ଥ ଜମା କରିବା ଲାଗି କହିଥାନ୍ତି। ତା'ପରେ ଲୋକେ ଉକ୍ତ ଟ୍ରେଡିଂ ଆପ୍‌ର ନକଲି ଡ୍ୟାସ୍‌ବୋର୍ଡରେ ସେମାନଙ୍କ ଆକାଉଣ୍ଟରେ ମୋଟା ଅଙ୍କର ଲାଭ ହୋଇଥିବା ଦେଖନ୍ତି। ମାତ୍ର ତାହାକୁ ସେମାନେ ଉଠାଇ ପାରି ନ ଥାନ୍ତି। ସମାନ ଢଙ୍ଗରେ କଟକ ସାଇବର ଥାନାରେ ରୁଜୁ ମାମଲାରେ ଏତଲାକାରୀଙ୍କଠାରୁ ୭୮ ଲକ୍ଷ ଟଙ୍କା ଅଭିଯୁକ୍ତମାନେ ଠକି ନେଇଥିଲେ।

ଏହି ମାମଲାରେ ସାଇବର ଥାନା ପୋଲିସ ପୂର୍ବରୁ ବଲାଙ୍ଗୀରରୁ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ବେଲପଡା ଥାନା ଅନ୍ତର୍ଗତ ନାଗାଫେନାର ବିଜୟ କୁମାର ମେହେର(୨୮), ପଲେସିରାର ବିଶ୍ୱମ୍ଭର ଖରସେଲ(୨୭), ପାଟଣାଗଡ଼ ଥାନା ଅନ୍ତର୍ଗତ ବଥର୍ଲାର ରାଜେଶ ତାଣ୍ଡି(୨୦), ବଡ଼ପଡ଼ାର ଅନିଲ ନାୟକ(୨୧), ଜେଲ ଲାଇନପଡ଼ାର ଶ୍ରୀତମ୍ ମେହେର(୧୯) ଏବଂ ସୁନାମୁଣ୍ଡିର ଦୀପକ ଧାରୁଆ(୨୪)। ସେମାନଙ୍କ ନିକଟରୁ ନଗଦ ୪.୩ ଲକ୍ଷ ଟଙ୍କା ସହ ୭ଟି ମୋବାଇଲ ଫୋନ, ୧୬ଟି ଏଟିଏମ୍ କାର୍ଡ, ୧୫ଟି ବ୍ୟାଙ୍କ ପାସ୍‌ବୁକ୍, ୭ଟି ବ୍ୟାଙ୍କ୍‌ଚେକ୍, ୩ଟି ସିମ୍‌କାର୍ଡ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କ ୬୬ଟି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯିବା ସହ ସେହି ଆକାଉଣ୍ଟଗୁଡ଼ିକରେ ଥିବା ୭,୩୮,୨୩୭ ଟଙ୍କା ଅଚଳ କରିଦିଆଯାଇଥିଲା।

ଉଲ୍ଲେଖଯୋଗ୍ୟ, ସାଇବର ଠକ ନିଜକୁ ପ୍ରିୟା ବଜାଜ୍ ଭାବେ ପରିଚୟ ଦେଇ ଟେଲିଗ୍ରାମ୍‌ରେ ଏତଲାକାରୀଙ୍କୁ ମେସେଜ ପଠାଇଥିଲେ। ସେ ପୂର୍ବୋକ୍ତ ଟ୍ରେଡିଂ ଆପ୍ ଜରିଆରେ ଷ୍ଟକ ମାର୍କେଟରେ ଅର୍ଥ ଲଗାଣ କଲେ ଅଧିକ ଲାଭ ମିଳିବାର ଲୋଭନୀୟ ପ୍ରତିଶ୍ରୁତି ଏତଲାକାରୀଙ୍କୁ ଦେଇଥିଲେ। ସାଇବର ଠକଙ୍କ କଥାରେ ବିଶ୍ୱାସ କରି ଏତଲାକାରୀ ପ୍ରଥମେ ୧୨ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ସାଇବର ଠକମାନେ ପର୍ଯ୍ୟାୟ କ୍ରମେ ଏତଲାକାରୀଙ୍କଠାରୁ ମୋଟ ୭୮ ଲକ୍ଷ ଟଙ୍କା ଠକି ନେଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଅଭିଯୋଗକାରୀ କଟକ ସାଇବର ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ଏକ କେସ୍ (ନଂ ୩୨/୨୦୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବା ନିମନ୍ତେ ବୈଷୟିକ ଅନୁସନ୍ଧାନ ଆରମ୍ଭ କରିଥିଲା। ହ୍ୱାଟ୍ସ ଆପ୍, ଟେଲିଗ୍ରାମ ନମ୍ବରଗୁଡ଼ିକୁ ଦେଶ ବାହାରୁ ଯାଞ୍ଚ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କର ଏଟିଏମ୍ ଅଥବା ନଗଦ ଉଠାଣ ଉପରେ ମଧ୍ୟ ନଜର ରଖାଯାଇଥିଲା। ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ ଥିବା ମୋବାଇଲ ନମ୍ବରଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ଏସିପି ସତ୍ୟଜିତ ଦାଶ, ଏସିପି ପ୍ରମୋଦ କୁମାର ପଟ୍ଟନାୟକ, ଇନ୍ସପେକ୍ଟର ଆର୍. ଜେନା ପ୍ରମୁଖଙ୍କୁ ନେଇ ଗଠିତ ତଦନ୍ତକାରୀ ଦଳ ଅଭିଯୁକ୍ତଙ୍କ ସଂକ୍ରାନ୍ତରେ ଅଧିକ ସୂଚନା ସଂଗ୍ରହ କରିବା ପରେ ବଲାଙ୍ଗୀର ଯାଇଥିଲେ। ସେଠାରେ ଅଭିଯୁକ୍ତମାନଙ୍କୁ ଠାବ ପରେ ଉପରୋକ୍ତ ୬ ଜଣଙ୍କୁ ଗିରଫ କରି କଟକ ଆଣି ଗତ ୪ ତାରିଖରେ କୋର୍ଟ ଚାଲାଣ କରିଥିଲେ। ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତକାରୀ ଦଳ ଦିଲ୍ଲୀ ଯାଇଥିଲେ।

# ଦୁଇ କମ୍ପାନୀ ନିର୍ଦ୍ଦେଶକଙ୍କ ସମେତ ୩ ଗିରଫ

## ନିବେଶ ଆଳରେ ୧୦ ଲକ୍ଷ ଠକେଇ

**ଭୁବନେଶ୍ୱର,୧୮।୫ (ସତ୍ୟଜିତ ରାଉତ)**



ଗିରଫ ୩ ଅଭିଯୁକ୍ତ।

ନିବେଶ ଆଳରେ ୧୦ଲକ୍ଷ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ୩ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ କୋରାପୁଟ ଜିଲା ଜୟପୁର ଟାଉନ ଥାନା ଅନ୍ତର୍ଗତ ବିଦ୍ୟାଧରପୁରର ସିଦ୍ଧୁ ଓରଫ ସିଦ୍ଧାର୍ଥ ପୂଜାରୀ (୨୫) ଓ ବିବେକ୍‌ସିଂ (୩୫) ଏବଂ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ଦାଶରଥପୁରର ବିକି ଓରଫ ଅବିନାଶ ସାହୁ (୩୭)। ସିଦ୍ଧାର୍ଥ ଜିପିଏନ୍‌ଏସ୍ ବିଜ୍‌ନେସ୍ ପ୍ରାଇଭେଟ୍ ଲିଃ କମ୍ପାନୀର ନିର୍ଦ୍ଦେଶକ ହୋଇଥିବା ବେଳେ ଅବିନାଶ ଏସ୍‌ଏସ୍‌ପେ ଡିଜିଟାଲ ସର୍ଭିସେସ୍ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ଅଛନ୍ତି। ଅଭିଯୁକ୍ତଙ୍କଠାରୁ ୫ଟି ମୋବାଇଲ ଫୋନ୍, ଗୋଟିଏ ଲେଖାଏ ଆଇପାଡ୍ ଓ ଲାପଟପ୍, ୭ଟି ଚେକବୁକ୍, ଏଟିଏମ୍ କାର୍ଡ, ପାନ୍ କାର୍ଡ, କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଠକେଇର ଶିକାର ହୋଇଛନ୍ତି ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସେକ୍ଟର-ଏ ରେ ରହୁଥିବା ସୌମ୍ୟ ରଞ୍ଜନ ପ୍ରଧାନ। ସୌମ୍ୟ ଜାନୁଆରୀ ୪ରେ ଏନେଇ ଏତଲା ଦେବା ପରେ ସାଇବର ଥାନା ପୋଲିସ ମାମଲା (ନଂ.୪/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସାଉଥ୍ ବେଙ୍ଗାଲୁରୁ ମଦିନା ନଗରରେ ଜିପିଏନ୍‌ଏସ୍ ବିଜିନେସ୍ ପ୍ରାଇଭେଟ୍ ଲିଃର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଭୁବନେଶ୍ୱରରେ ଏହାର କୌଣସି ବ୍ରାଞ୍ଚ ଅଫିସ୍ ନ ଥିବାବେଳେ କର୍ମଚାରୀ ଓ ଏଜେଣ୍ଟ ଜରିଆରେ ଲୋକଙ୍କୁ ଫସାଉଥିଲେ। କୌଣସି ନିବେଶ କଲେ କମ୍ପାନୀ ମାସକୁ ୭ ପ୍ରତିଶତ କମିଶନ ଦେବ ବୋଲି କହାଯାଉଥିଲା। ଏଥିରେ ରାଜି ହୋଇ ସୌମ୍ୟ ୩ଟି ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କା ଦେଇଥିଲେ। ୨୦୨୪ ସେପ୍ଟେମ୍ବର ୨୬ରେ ୪.୫ ଲକ୍ଷ, ନଭେମ୍ବର ୧୧ରେ ୩ ଲକ୍ଷ ଏବଂ ଜୁଲାଇ ୨୯ରେ ୨.୫ ଲକ୍ଷ ଟଙ୍କା ସୌମ୍ୟ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କମ୍ପାନୀ ଆକାଉଣ୍ଟକୁ ପଠାଇଥିଲେ। ତଦନ୍ତ ବେଳେ ଓଡ଼ିଶାର ଏସ୍‌ଏସ୍‌ପେ ଡିଜିଟାଲ ସର୍ଭିସେସ୍ କମ୍ପାନୀ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ତେବେ ସିଏମ୍‌ଏସ୍ ପ୍ରକ୍ରିୟାରେ ଠକେଇ ଟଙ୍କାରୁ ୫ ଲକ୍ଷ ୩୦ହଜାର ଟଙ୍କା ଫେରାଇ ଅଣାଯାଇଛି। ଓଡ଼ିଶାରୁ ଏଭଳି ବିଭିନ୍ନ ଲୋକଙ୍କୁ କମ୍ପାନୀ ଦ୍ୱାରା ଠକେଇ କରାଯାଇଥିବା ଅଭିଯୋଗ ହୋଇଛି ବୋଲି ପୋଲିସ ସୂଚନା ଦେଇଛି।

# ଗାଡ଼ି ବିକ୍ରି ପାଇଁ ୧.୮ ଲକ୍ଷ ଠକେଇ, ଜଣେ ଗିରଫ

**କଟକ,୧୮।୫(କାର୍ତ୍ତିକ ସାହୁ)**




ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ

ପୁରୁଣା କାର୍ ବିକ୍ରି ଘଟଣାରେ ୧.୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଜଗତସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ସୁଛଲାର କାହ୍ନା ଓରଫ ପ୍ରିୟବ୍ରତ ଦାସ (୨୫)। ତାଙ୍କ ନିକଟରୁ ଗୋଟିଏ ମୋଟର ସାଇକେଲ, ୫ଟି ମୋବାଇଲ ଫୋନ୍, ନଗଦ ୬୫,୦୦୦ ଟଙ୍କା, ୬ଟି ଏଟିଏମ୍ କାର୍ଡ, ୪ଟି ବ୍ୟାଙ୍କ ପାସ ବୁକ, ୪ଟି ଚେକ୍ ବୁକ୍, ୪ଟି ସିମ୍ କାର୍ଡ, ପାନ କାର୍ଡ ଆଦି ସାମଗ୍ରୀ ଜବତ କରାଯାଇଛି।

ସୂଚନାନୁସାରେ, ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ଅଡ଼ା ଗ୍ରାମର ସୌମ୍ୟ ନିହାର ଦାସ ଅଭିଯୁକ୍ତ ପ୍ରିୟବ୍ରତଙ୍କ ସହ ଏକ ପୁରୁଣା ସୁଇଫ୍ଟ ଡିଜାୟାର କାର୍ କିଣିବା ନିମନ୍ତେ ଚୁକ୍ତିନାମା କରିଥିଲେ। ଚୁକ୍ତିନାମା ଅନୁସାରେ ନୀହାର ୧.୮ ଲକ୍ଷ ଟଙ୍କା ପ୍ରିୟବ୍ରତଙ୍କୁ ଦେଇଥିଲେ। ମାତ୍ର ପଇସା ପାଇବା ପରେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ପ୍ରିୟବ୍ରତ କାରଟିକୁ ହସ୍ତାନ୍ତର କରି ନ ଥିଲେ। ବାରମ୍ବାର ଚେଷ୍ଟା ସତ୍ତ୍ୱେ ବିଫଳ ହେବାରୁ ନିହାର ଠକାମିରେ ପଡ଼ିଥିବା ଜାଣିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ଏପରି ଭାବେ ବହୁ ଲୋକଙ୍କୁ ଠକୁଥିବା ନିହାର ଜାଣିବାକୁ ପାଇଥିଲେ। ତେଣୁ ସେ ଏନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ କରି ତାଙ୍କ ପଇସା ଫେରିପାଇବା ନିମନ୍ତେ ପୋଲିସକୁ ନିବେଦନ କରିଛନ୍ତି।

# ଝିଅ ବାହାଘର ପାଇଁ ଥିବା ୫୦ ଲକ୍ଷର ସୁନା ଅଳଙ୍କାର ଚୋରି

**ବ୍ରହ୍ମପୁର,୧୮।୫( ସୁବାସ ଚନ୍ଦ୍ର ପାଢ଼ୀ)**

ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ ହରେକୃଷ୍ଣ ନଗରରେ ଏକ ତାଲାବନ୍ଦ ଘରେ ଚୋରଦଳ କଳାକାନା ବୁଲାଇଛନ୍ତି। ଗୃହକର୍ତ୍ତା ତଥା ଏଲଆଇସି ଏଜେଣ୍ଟ ଏ. କୃପାକର ଝିଅ ବାହାଘର ପାଇଁ ଘରେ ରଖିଥିବା ୫୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ଟଙ୍କାକୁ ଦୁର୍ବୃତ୍ତ ନେଇଯାଇଛନ୍ତି। କୃପାକର ରବିବାର ଚର୍ଚ୍ଚରୁ ପ୍ରାର୍ଥନା ସାରି ଘରକୁ ଫେରିବାରେ ଆଲମୀରାରୁ ସମସ୍ତ ଅଳଙ୍କାର ଗାୟବ ଥିବା ଦେଖି ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସିସିଟିଭି ଫୁଟେଜ ସଂଗ୍ରହ କରିଛି। ଝିଅ ବାହାଘର ଆସନ୍ତା ୩୦ ତାରିଖରେ ହେବାର ଥିଲା। ତେଣୁ ୫୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର କିଣି ଘରେ ରଖିଥିଲୁ ବୋଲି କୃପାକର କହିଛନ୍ତି। ହରେକୃଷ୍ଣ ନଗରରେକୃପାକର ଓ ତାଙ୍କ ସ୍ତ୍ରୀ ରହୁଛନ୍ତି । ତାଙ୍କର ଏକମାତ୍ର ଝିଅ ଚାକିରୀ କରି ବାହାରେ ରହୁଛନ୍ତି। ଝିଅ ବିବାହ ପାଇଁ ଘରେ ରଙ୍ଗ କାମ ଚାଲୁଥିଲା। ରବିବାର କାମ ବନ୍ଦ ଥିବାରୁ ଦମ୍ପତି ଚର୍ଚ୍ଚକୁ ଯାଇଥିଲେ। ଫେରିବା ପରେ ଘରୁ ଚୋରି ହୋଇଥିବା ଦେଖିଥିଲେ। ଘରେ ଚୂନ ଦେଉଥିବା ଲୋକମାନେ ଚୋରି କରୁଥିବା ସନ୍ଦେହ କରାଯାଉଛି।

# ମୋବାଇଲ ଟ୍ରେଡିଂ ଆପ୍‌ରେ ୭.୬୮ ଲକ୍ଷ ଠକେଇ

## ଚାନ୍ଦବାଲିରୁ ଅଭିଯୁକ୍ତ ଗିରଫ

**କଟକ,୧୮।୫ (କାର୍ତ୍ତିକ ସାହୁ)**

ମୋବାଇଲ ଟ୍ରେଡିଂ ଆପ୍‌ରେ ହୋଇଥିବା ଏକ ସାଇବର ଠକେଇ ମାମଲାରେ କଟକ ସାଇବର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଗୋପାଳପୁର ସଇନ୍ଥା ଗ୍ରାମର ଅମୂଲ୍ୟ କୁମାର ସାହୁ(୪୦)। ତାଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ଚେକ୍ ବୁକ୍, ଏଟିଏମ୍ ଓ କ୍ରେଡିଟ୍ କାର୍ଡ, ଆଧାର କାର୍ଡ ଆଦି ଜବତ କରାଯାଇଛି। ଗତ ଜାନୁଆରୀ ୫ରେ ଏତଲାକାରୀ କଟକ ସାଇବର ଥାନାରେ କରିଥିବା ଅଭିଯୋଗ ଅନୁସାରେ, ସେ ଏକ ଅନ୍‌ଲାଇନ୍ ଷ୍ଟକ ଟ୍ରେଡିଂ ବ୍ରୋକର ଗ୍ରୁପ୍ ସହ ଯୋଡ଼ିହୋଇଥିଲେ। ପରେ ଉକ୍ତ ଗ୍ରୁପ୍ ସୂଚନାରେ ସେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ସେଠାରେ ତାଙ୍କୁ ଭିଆଇପି ଟ୍ରେଡିଂ ଆକାଉଣ୍ଟ ନାମକ ଷ୍ଟକ ଟ୍ରେଡିଂରେ ଆକାଉଣ୍ଟ ଖୋଲିବାକୁ କୁହାଯାଇଥିଲା। ମୋବାଇଲ ଆପ୍ ଜରିଆରେ ପରିଚାଳିତ ଉକ୍ତ ଆକାଉଣ୍ଟରେ ସାଇବର ଠକଙ୍କ ପ୍ରରୋଚନାରେ ସେ ୬ ଥରରେ ୭ ଲକ୍ଷ ୬୮ ହଜାର ୫ ଟଙ୍କା ଜମା କରିଥିଲେ। ପରବର୍ତ୍ତୀ ସମୟରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲରେ ରିପୋର୍ଟ କରିବା ସହ କଟକ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ କଟକ ସାଇବର ଥାନାରେ ମାମଲା ନଂ ୦୨/୨୦୨୫ ରୁଜୁ କରି ପୋଲିସ ଖୋଳତାଡ଼ କରିଥିଲା। ବିଭିନ୍ନ ବ୍ୟାଙ୍କ ଓ ଟେଲିକମ୍ କର୍ତ୍ତୃପକ୍ଷଙ୍କ ସହ ତଥ୍ୟ ବିନିମୟ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ‘ଭୂତ୍ ବଙ୍ଗଲା’: ଅକ୍ଷୟ, ୱାମିକାଙ୍କ ରୋମାନ୍ସ




ମୁମ୍ବାଇ

ଅଭିନେତା ଅକ୍ଷୟ କୁମାର ତାଙ୍କର ଆଗାମୀ ହରର୍ କମେଡି ଫିଲ୍ମ ‘ଭୂତ୍ ବଙ୍ଗଲା’ର ଶୁଟିଂକୁ ଶେଷ କରିଛନ୍ତି। ଫିଲ୍ମରେ ଅକ୍ଷୟଙ୍କ ବିପକ୍ଷରେ ଅଭିନେତ୍ରୀ ୱାମିକା ଗବ୍ଭି ରହିଛନ୍ତି। ଏହାସହ ପ୍ରଥମଥର ପାଇଁ ବଡ଼ ପରଦାରେ ୱାମିକାଙ୍କ ସହ ଅକ୍ଷୟ ରୋମାନ୍ସ କରୁଥିବାର ନଜରକୁ ଆସିବେ। ଅକ୍ଷୟ ଏବଂ ୱାମିକାଙ୍କ ଲଭ୍ କେମେଷ୍ଟ୍ରିକୁ ଦେଖିବା ପାଇଁ ଉଭୟଙ୍କ ପ୍ରଶଂସକ ‘ଭୂତ୍ ବଙ୍ଗଲା’ର ରିଲିଜ୍‌କୁ ଅନାଇ ବସିଛନ୍ତି। ରବିବାର ଅକ୍ଷୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ‘ଭୂତ ବଙ୍ଗଲା’ ଶୁଟିଂ ଶେଟ୍‌ର ଏକ ବିହାଇଣ୍ଡ ଦି ସିନ୍ (ବିଟିଏସ୍) କ୍ଲିପ୍‌କୁ ଶେୟାର କରିଛନ୍ତି। ଏହି କ୍ଲିପ୍‌ରେ ଉଭୟ ଅକ୍ଷୟ ଏବଂ ୱାମିକା ଏକ ଝରଣା ନିକଟରେ କୌଣସି ଗୀତର ଶୁଟିଂ କରୁଥିବାର ଦେଖାଯାଉଛନ୍ତି। ଭିଡିଓରେ ଉଭୟଙ୍କର ରୋମାଣ୍ଟିକ ଅନ୍ଦାଜ ଦେଖିବାକୁ ମିଳିଛି। ଅକ୍ଷୟ ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ‘ଭୂତ୍ ବଙ୍ଗଲା’ର ଶୁଟିଂ ଚାଲିଥିବା ବେଳର ଏକ ବିଟିଏସ୍ କ୍ଲିପ୍। ଏହାସହ ସେ ତାଙ୍କ ‘ଭୂତ୍ ବଙ୍ଗଲା’ ଶୁଟିଂକୁ ପୂରା କରିଛନ୍ତି। ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହ ଏହା ଥିଲା ତାଙ୍କର ସପ୍ତମ ପ୍ରୋଜେକ୍ଟ। ସେହିପରି ୱାମିକାଙ୍କ ସହ ଏହା ତାଙ୍କର ପ୍ରଥମ ଫିଲ୍ମ ଥିଲା। ଆଗକୁ ୱାମିକାଙ୍କ ସହ ସେ ଆହୁରି ଅନେକ ଫିଲ୍ମ କରିବେ ବୋଲି ଅକ୍ଷୟ ଆଶା ପ୍ରକଟ କରିଛନ୍ତି। ୨୦୨୬ ଏପ୍ରିଲ ୨ରେ ରିଲିଜ୍ ହେବାକୁ ଥିବା ‘ଭୂତ୍ ବଙ୍ଗଲା’ ଫିଲ୍ମରେ ଅଭିନେତ୍ରୀ ତବୁ, ଅଭିନେତା ପରେଶ୍ ରାୱଲ ଏବଂ ରାଜ୍‌ପାଲ ଯାଦବ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ୧୪ ନର୍ସ ଏକସଙ୍ଗେ ଗର୍ଭବତୀ



ୱାଶିଂଟନ୍

ଆମେରିକାର ୱିସ୍‌କନ୍‌ସିନ୍ ରାଜ୍ୟ ଗ୍ରୀନ୍ ବେ ସହରର ସେଣ୍ଟ ଭିନ୍‌ସେଣ୍ଟ ହସ୍ପିଟାଲରେ ଏକସଙ୍ଗେ ୧୪ ଜଣ ନର୍ସ ଗର୍ଭବତୀ ହୋଇଥିବାର ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍‌ନାକୁ ଆସିଛି। ହସ୍ପିଟାଲର ସ୍ତ୍ରୀ ଏବଂ ପ୍ରସୂତି ବିଭାଗରେ କାର୍ଯ୍ୟରତ ୧୪ ଜଣ ନର୍ସ ସମ୍ପ୍ରତି ଗର୍ଭବତୀ ଥିବାନେଇ ନିକଟରେ ହସ୍ପିଟାଲ ପକ୍ଷରୁ ଏକ ପ୍ରେସ୍ ରିଲିଜ ଜାରି କରାଯାଇ ସୂଚନା ଦିଆଯାଇଥିଲା। ହସ୍ପିଟାଲର ନିର୍ଦ୍ଦେଶକ କହିଛନ୍ତି, ସମ୍ପ୍ରତି ହସ୍ପିଟାଲର ୧୪ ଜଣ ନର୍ସ ଗର୍ଭବତୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ପ୍ରଥମ ଥର ପାଇଁ ମା’ ହେବାକୁ ଯାଉଛନ୍ତି। ଏହି ସମସ୍ତ ନର୍ସ ନବଜାତ ଶିଶୁର କିପରି ଯତ୍ନ ନିଆଯିବ ତାହା ଭଲ ଭାବେ ଜାଣିଛନ୍ତି। ମାତୃତ୍ୱ ଲାଭ ପରେ ଏହି କ୍ଷେତ୍ରରେ ସେମାନଙ୍କର ଜ୍ଞାନ ଆହୁରି ବୃଦ୍ଧି ପାଇବ। ତେବେ ଗର୍ଭବତୀ ଥିବା ନର୍ସମାନଙ୍କ ପ୍ରସବ ସମୟ ଅଲଗା ଅଲଗା ମାସରେ ସ୍ଥିର ଥିବା ସେ କହିଛନ୍ତି।

---


ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

## OFFICE OF THE PARADEEP MUNICIPALITY, PARADEEP

ସ୍ଥାନ–ପାରାଦ୍ୱୀପ, ଜିଲ୍ଲା–ଜଗତସିଂହପୁର, ୭୫୪୧୪୨
At/Po.-Paradeep, Dist.-Jagatsinghpur (Odisha), Pin-754142

No.C-345 **e-Procurement Notice**

| | | |
|---|---|---|
| Tender Call Notice No. | : | 1980/dt.14.05.2025 |
| Bid Identification No. | : | EO/PDPM/W_01/2025-26 |
| Tender ID | : | 2025_ORULB_113460 |
| Nature of Works | : | Civil Works |
| Number of Works | : | 130 |
| Tender Value | : | ₹ 1.92 lakh to ₹ 16.95 lakh |
| Available Period | : | Dt.19.05.2025 from 10:00 hrs to Dt.31.05.2025 17:00 hrs |
| Tender Opening Date | : | Dt.02.06.2025 at 11:00 A.M. |

Bidders are requested to read the NIT & DTCN at www.tendersodisha.gov.in carefully and participate with their Supplier/ Manufacturer/license with valid Registration Certificate before the closing date.

OIPR-13120/11/0042/2526 Sd./- Executive Officer, Paradeep Municipality



## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No.T–:ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୧୯.୦୫.୨୦୨୫** ରିଖ (ସୋମବାର) ଦିନ ସକାଳ ୮ ଘଟିକାରୁ ୟୁନିଟ–୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିଥିବା ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ୍ କରି ଗୁଗୁଲ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ
ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0121/2526



## GOVERNMENT OF ODISHA
Email ID-ccerwcrayagada@gmail.com

### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA

Letter No.912, / Date:15.05.2025

**1st Corrigendum**

No.O-171:In Continuation to this office bid identification No.NCB-06/RWCRGDA/2025-26 invited vide this office letter No.539 dated 11.04.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 AM to Dt.16.05.2025 upto 5.00 PM | Extended upto 5.00 PM of 06.06.2025 |
| 2 | Date & Time of seeking tender clarification if any | Dt.15.05.2025 Upto 5.00 PM | Dt.05.06.2025 Upto 5.00 PM |
| 3 | Date & Time of opening of tender (Technical Bid) | Dt.17.05.2025 At 11.00 A.M. | Dt.09.06.2025, At 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0013/2526 Sd./- Chief Construction Engineer, Rural Works Circle, Rayagada



## DISTRICT EDUCATION OFFICE, SAMBALPUR
### (DISTRICT PROJECT MANAGEMENT UNIT, PM Poshan)

No. 4112/PM POSHAN (MDM) Dt.16/05/2025

**SHORT TENDER CALL NOTICE**

**No.n-48** : Sealed tenders are invited in the prescribed format from the intending **individual / firm/** Transport Contractor(s) / **Agents** having agent's license for transportation of foodstuff(rice) under PM Poshan feeding programme from OSCSC RRC **godowns i.e. A.Katapali, Nuakhurigaon, Kuchinda & Rairakhol** of the district **to different school points** of Sambalpur District without transit for **3rd & 4th qtr of 2025-26**. The detailed tender papers and documents can be obtained from the District Project Management Unit, PM Poshan (MDM), which is functioning in the Office of the District Education Officer, Sambalpur on payment of **Rs.500/-** (Rupees Five Hundred) only (non-refundable) in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, PM Poshan(MDM), Sambalpur"** payable at Sambalpur. The details of the Tender Call Notice and other documents are also available in Office website **http://sambalpur.odisha.gov.in** of Sambalpur District.

| | | |
|---|---|---|
| Date of commencement of sale of Tender Document | : | Dt.17.05.2025 |
| Last date of sale of Tender Document | : | Dt.31.05.2025 |
| Last date & time of Receipt of Tender Documents | : | Dt.03.06.2025 (1 P.M.) |
| Date & Time of Opening of Tender Docuemnts | : | Intimated Later on |

Notwithstanding anything contained to the contrary in the tender document, the undersigned reserves the right to cancel/modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- District Education Officer, Sambalpur

OIPR-15013/11/0051/2526



## BRAHMAPUR DEVELOPMENT AUTHORITY
Court Road, Courtpeta, Brahmapur, Ganjam, Odisha, PIN-760004
www.bdabrahmapur.in, e-mail: bedaengineers@gmail.com; Phone No.0680 2292797

**NATIONAL COMPETITIVE BIDDING THROUGH e-PROCUREMENT**

No.CAD-442

**Invitation for Bids (IFB)**
**No. 176/BeDA (Engg.), Dt.16.05.2025**

| Sl No. | Name of work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding: From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1 | Infrastructure Development of Waer Sports Complex at Sonapur, Ganjam | EM-BeDA-12/2025-26 | 244.48 | "B" Class or Equivalent | 09 (Nine) Calendar Months | 19.05.2025 10.00 Hours | 09.06.2025 17.30 Hours | Engineer Member, Brahmapur Development Authority, Courtpeta, Brahmapur, 760004 |
| 2 | Infrastructure at Sea Beaches for easy access to the differently abled people at Gopalpur, Ganjam | EM-BeDA-13/2025-26 | 21.18 | "C" Class or Equivalent | 06 (Six) Calendar Months | 19.05.2025 10.00 Hours | 09.06.2025 17.30 Hours | |

- All Corrigendum and addendum shall be published in official website only.
- The Bidder shall have to participate in **ONLINE** bidding only.
- Late date for seeking clarification - **Dt.30.05.2025** upto **17.30 hours**.
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in.
- Tender shall be opened online on **Dt.10.06.2025** at **11 hours**.

OIPR-13086/11/0006/2526 Sd./- ENGINEER MEMBER, Brahmapur Development Authority, Brahmapur



## The Odisha State Co-operative Milk Producers' Federation Limited
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**e-Tender Notice**

**No.CAD-450** : OMFED invites Tender for Design, Development & Implementation of Integrated Dairy Management System (IDMS) along with Annual Operation & Maintenance support for 5 years across various locations of OMFED. Interested bidders may submit their offers latest by 05:00 P.M. dt. 05/06/2025. The cost of tender paper is ₹11,800/- (incl. GST 18%) along with EMD of ₹10,00,000/- (Rupees Ten Lakhs Only) to be submitted online on the e-tender portal of Government of Odisha **(www.tendersodisha.gov.in)** in favor of OMFED payable at Bhubaneswar. For details visit out official website: www.omfed.com.
The corrigendum / amendment to this notice, if required shall be published only in the OMFED website and will not be published again in newspaper.
OMFED reserves the right to accept or reject any or all the tenders or part thereof without assigning any reason.

OIPR-06063/11/0180/2526 Sd./- Managing Director



## GOVERNMENT OF ODISHA
### OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI

E-mail-ruralworksdivisioniimalkangiri@yahoo.in

INVITATION FOR BIDS
**NATIONAL COMPETITIVE BIDDING**

**Bid Identification No: RWDSE_MKG_II_ONLINE_02/2025-26**

No.O-169:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work: Building & Road Work. 2. No. of Works: 03 Nos. 3. Estimated Cost: Rs.58.83 Lakhs to 81.39 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated Cost upto Rs.20.00 Lakhs 'D', Estimated Cost upto Rs.40.00 Lakhs 'C', Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months. 7. **Critical Dates:**

| Procurement Officer | Bid Identification No. | Availability of Tender Online for Bidding: From | To | Last Date & Time of Seeking Tender Clarification | Date of Opening of Tender: Technical Bid | Financial Bid |
|---|---|---|---|---|---|---|
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_02 of 2025-26 | 26.05.2025 at 11.00 A.M. | 10.06.2025 upto 05.30 PM | 09.06.2025 upto 3.00 PM | 11.06.2025 at 11.00 A.M. | To be intimated separately |

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.

OIPR-25079/11/0024/2526 Sd./- Superintending Engineer, Rural Works Division-II, Malkangiri



## GOVERNMENT OF ODISHA
## DEPARTMENT OF WATER RESOURCES
No.A-164

OFFICE OF THE ADDITIONAL CHIEF ENGINEER
EASTERN CIRCLE-I, CANTONMENT ROAD, CUTTACK
Email id : seeccuttack@gmail.com

**'e'-Procurement Notice No.ACE, EC-I/01 of 2025-26**

| | | | |
|---|---|---|---|
| 1 | Name of Work | : | Protection to scoured bank on Kathajodi left embankment of 4 new nos. low level spur at RD 4.650 km, at RD 4.890 km, RD 5.070 km and at RD 5.350 km with launching apron near Birenmitra Park. Bid Identification No.ACE, EC-I MBD 01 of 2025-26 |
| 2 | Total No. of Work | : | 1 (One) No. work |
| 3 | Tender paper Cost (online) (Non-refundable) | : | Rs. 10,000.00 (Ten thousand) |

4. Bid details are as follows :

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (On-line) (in Rs.) | Class of Contractor | Period of Completion | Availability of Tender On-line for bidding: From | To | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| Additional Chief Engineer, Eastern Circle-I, Cuttack | ACE, EC-I MBD 01 of 2025-26 | 827.00 | 8,27,000.00 | 'A' & 'Special' | 12 (Twelve Calendar months) | 20.05.2025 at 10.00 hrs. | 03.06.2025 upto 17.30 hrs. | 04.06.2025 at 11.30 hrs. |

Other terms and conditions can be seen from the Govt. website www.tendersodisha.gov.in
All corrigendum / cancellation of tender if any, will only be uploaded in the above website.

Sd./- Additional Chief Engineer, Eastern Circle-I, Cuttack

OIPR-32370/11/0016/2526



## OFFICE OF THE MUNICIPAL COUNCIL: GUNUPUR
No.C-338

e-procurement Notice
Tender Reference No.GUN-MUN-70/2025-26
No.855, Dt.16.05.2025

| | | | |
|---|---|---|---|
| 01. | Total Nos. of Works | : | 03 Nos. of Civil Works |
| 02. | Approximate Estimated Cost (including GST 18%) | : | Rs.62,65,930/- to Rs.84,27,810/- |
| 03. | Period of Completion | : | Three (03) - Six (06) Months |
| 04. | Date & Time of availability of Bid document in the Portal | : | 10.00 Hrs. of Dt.19.05.2025 to 17.00 Hrs. of Dtd.06.06.2025 for Online Bidding |
| 05. | Last date/Time for receipt of Bids in the Portal | : | 17.00 Hrs. of Dtd.06.06.2025 |
| 06. | Name and address of the Officer Inviting Bid | : | Executive Officer, Gunupur Municipality |
| 07. | Date of Opening of Bids | : | 11.00 Hrs. on Dtd.09.06.2025 |
| 08. | Further details can be seen from the e-Procurement Portal | : | www.tendersodisha.gov.in |
| 09. | Further Addendum/ Corrigendum if any will be hosted in the above website. | | |

Sd./- Executive Officer, Gunupur Municipality

OIPR-13104/11/0014/2526



## ଓଡ଼ିଶା ସରକାର
No.A-186

### ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଖୁଆପଦା ଜଳସେଚନ ବିଭାଜନ

ଇମେଲ–akp.irrigationdivision@gmail.com

**‘e’- Procurement Notice No.03/2025-26**

| | | | |
|---|---|---|---|
| 1. | କାର୍ଯ୍ୟର ନାମ | : | ନଦୀ ବନ୍ଧ ମରାମତି କାର୍ଯ୍ୟ |
| 2. | ମୋଟ କାର୍ଯ୍ୟ ସଂଖ୍ୟା | : | ୦୨ ଗୋଟି କାର୍ଯ୍ୟ |
| 3. | ଅଟକଳ ମୂଲ୍ୟ | : | ୭୫.୫୦ ଲକ୍ଷରୁ ୮୩.୦୭ ଲକ୍ଷ |
| 4. | ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ | : | The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5. | କାର୍ଯ୍ୟ ସମାପ୍ତି ସମୟ | : | ୬ ମାସ |
| 6. | ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | : | |
| I. | Procurement Officer | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| II. | ଅନ୍‌ଲାଇନ Biddingର ସମୟସୀମା | : | ତା.୨୦.୦୫.୨୦୨୫ ଦିବା ୧୦ ଘଟିକାରୁ ତା.୨୯.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ |
| III. | Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୩୦.୦୫.୨୦୨୫ ଦିବା ୧୧.୩୦ |
| IV. | Transparent Lotteryର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୬.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟରେ। |

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

OIPR-32548/11/0002/2526



No.A-187

## GOVERNMENT OF ODISHA
## DEPARTMENT OF WATER RESOURCES
### INVITATION FOR BIDS (IFB)
### "e" Procurement Notice-1/2025-26
### BID IDENTIFICATION NO.SAL-BDK-1-P1 OF 2025-26

| | | | |
|---|---|---|---|
| 1. | Name of Work | : | Maintenance of Canal and Embankment (River & Saline) Works |
| 2. | Class of Contractor | : | Varies from "C" Class to "B" Class |
| 3. | No. of Works | : | 8 Nos. (Details as per NIT available in website) |
| 4. | Value of Work | : | Rs.49.00 Lakhs to 10.27 Lakhs |
| 5. | Time of Completion | : | 4 to 6 Calendar Months |
| 6. | Type of Bid | : | Percentage Bid |
| 7. | Summary for key dates is provided below. | | |

| Procurement Officer | Bid Identification No. | Availability of tender for online bidding: From | To | Date & Time of opening Bid |
|---|---|---|---|---|
| Superintendig Engineer, Salandi Canal Division, Bhadrak | SAL-BDK-1 P1 of 2025-26 | 22.05.2025 at 11.00 AM | 05.06.2025 upto 1.00 PM | 06.06.2025 at 11.00 AM |

Further details can be seen from the website http.//www.tendersodishagov.in/ www.dowrodisha.gov.in.
Any addendum/ Corrigendum/Cancellation to the above notice will be published in this website only.

Sd./- Superintending Engineer, Salandi Canal Division, Bhadrak

OIPR-32005/11/0006/2526



## Government of Odisha
### Office of the Superintending Engineer, Rural Works Division-II, Dhenkanal Kamakhyanagar

No.O-174

E-Mail : rw.kamakhyanagar@yahoo.co.in

**e-procurement Notice No. 01 / Building Work / 2025-26**

| | | | |
|---|---|---|---|
| 1 | Name of the work | : | Building Work |
| 2 | Total No. of Works | : | 02 (Two) Nos. |
| 3 | Tender Cost | : | Rs. 50.42 lakh (approx) |
| 4 | Class of Contractor | : | "B" Class |
| 5 | Period of Completion | : | 6 calendar months |
| 6 | Availability of Tender online for bidding | : | 23.05.2025 at 11.00 A.M. to 31.05.2025 up to 5.00 P.M. |
| 7 | Last Date & Time of seeking tender clarification | : | 30.05.2025 upto 4.00 P.M. |
| 8 | Date & Time of opening of Bid | : | 02.06.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer, R.W. Division-II, Dhenkanal Kamakhyanagar

OIPR-25094/11/0025/2526



## ODISHA PUBLIC SERVICE COMMISSION CUTTACK
### NOTICE

No. 3309/P.S.C., Dt. 17.05.2025
(1R-05-2025/26)(DR-V)

**No.D-62** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Metallurgical & Material Engineering**, pursuant to Advertisement No.31 of 2023-24 shall be held on **28.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 28.05.2025 | 2.30 P.M. | P240312208 & P240293819 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification :-
1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0209/2526 Sd./- Secretary



## ODISHA PUBLIC SERVICE COMMISSION CUTTACK
### NOTICE

No. 3303/P.S.C., Dt. 17.05.2025
(1R-07-2025/26)(DR-V)

**No.D-61** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Production Engineering**, pursuant to Advertisement No.31 of 2023-24 shall be held on **28.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 28.05.2025 | 10.30 A.M. | P240302121 & P240304475 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification :-
1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. **No Objection Certificate** from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0211/2526 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯାଜପୁର, ଝାରସୁଗୁଡ଼ା, ସୋନପୁର ବିଜୟୀ

**ଭୁବନେଶ୍ୱର, ୧୮।୫ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ (ଦିନିକିଆ ଫର୍ମାଟ) ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ପ୍ରିମିୟର ଲିଗ୍ (ଗ୍ରୁପ୍ 'ଏ' ଓ 'ବି')ରେ ଯାଜପୁର, ଝାରସୁଗୁଡ଼ା, ସୋନପୁର, ଭୁବନେଶ୍ୱର 'ବି', ନବରଙ୍ଗପୁର ଓ ନୟାଗଡ଼ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଛନ୍ତି। କଟକସ୍ଥିତ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ ଯାଜପୁର ୮୬ ରନରେ ଭଦ୍ରକକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଯାଜପୁର ସୌଭାଗ୍ୟ ଧଳଙ୍କ ଅର୍ଦ୍ଧଶତକ (୬୮ବଲ୍‌ରୁ ୫୨) ସହାୟତାରେ ୪୮ ଓଭରରେ ୨୧୧ ରନ କରି ଅଲଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ସଫଳ ବୋଲର ଅମିତାଂଶୁ ମଲିକ ୪୦ରନ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ଭଦ୍ରକ ଏହାର ସମସ୍ତ ଉଇକେଟ ହରାଇ ୩୦. ୨ ଓଭରରେ ୧୨୫ ରନ କରିଥିଲା। ବିଜୟୀ ଦଳର ସୟଦ ଆର୍. ହୋସେନ ୭ ଓଭର ବୋଲିଂ କରି ୩୨ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ସମ୍ବଲପୁର ବିପକ୍ଷରେ ଝାରସୁଗୁଡ଼ା ୨୪୮ରନରେ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡ଼ା ପୀୟୂଷ ଯାଦବ (୧୦୦ ବଲ୍‌ରୁ ୧୨୧ରନ)ଙ୍କ ଶତକ ସହାୟତାରେ ୭ଉଇକେଟ ବିନିମୟରେ ୩୨୫ ରନ କରିଥିଲା। ଜବାବରେ ସମ୍ବଲପୁର ୨୩.୪ ଓଭରରେ ୭୭ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ବୋଲର (୫.୪-୨-୧୬-୫) ଓମ୍ ସକୁନିଆ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଅଡ଼ଶପୁର ଗ୍ରାଉଣ୍ଡରେ ସୋନପୁର ୮୩ ରନରେ ରାୟଗଡ଼ାକୁ ହରାଇ ଦେଇଛି। ଏଥିରେ ସୋନପୁର ୪୫ ଓଭରରେ ୯ ଉଇକେଟ ବିନିମୟରେ ୨୨୬ ରନ କରିଥିଲା। କୁଶଲ ବିଷୋଇ ୬୧ରନ କରିଥିଲେ। ରାୟଗଡ଼ା ୩୮ ଓଭରରେ ୧୪୩ ରନ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସୋନପୁରର ଧ୍ରୁବ ଜ୍ୟୋତି ପାହାରି (୪ ଉଇକେଟ ଓ ୩୫ ରନ) ଶ୍ରେଷ୍ଠ ଖେଳାଳି ବିବଚେିତ ହୋଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ ଭୁବନେଶ୍ୱର 'ବି' ୪ ଉଇକେଟରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଏଥିରେ ବିଜୟୀ ଦଳର ବୋଲର ଅବିନାଶ ମହନ୍ତ (୯-୧-୨୦-୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସନ୍‌ସାଇନ୍ ଗ୍ରାଉଣ୍ଡରେ କିଟ୍ ବିପକ୍ଷରେ ନୟାଗଡ଼ ୬ ଉଇକେଟରେ ବିଜୟ ଲାଭ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୩୬.୧ ଓଭରରେ ୧୨୬ ରନ କରି ଅଲଆଉଟ ହୋଇଯାଇଥିଲା।


ପୀୟୂଷ ଯାଦବ


ଦିଲୀପ ବିଷୋୟୀ

**ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ**

ଜବାବରେ ନୟାଗଡ଼ ଦଳ୧୬.୩ ଓଭରରେ ୪ଉଇକେଟ ବିନିମୟରେ ୧୨୮ ରନ କରି ବିଜୟ ଲାଭ କରିଥିଲା। ଦେବଜ୍ୟୋତି ପଟ୍ଟନାୟକ (୮.୧ -୧-୨୮-୪) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ ବୌଦ୍ଧ ବିପକ୍ଷରେ ନବରଙ୍ଗପୁର ୯୭ରନରେ ବିଜୟ ହାସଲ କରିଛି। ନବରଙ୍ଗପୁରରର ଦିଲୀପ ବିଷୋଇ (୭.୫-୦-୩୧-୭) ଓ ୩୯ରନ (୨୮ ବଲ୍) ଅଲରାଉଣ୍ଡ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଷ୍ଟାନୋଙ୍କ ବିଶ୍ୱ ରେକର୍ଡ



ରେସ୍ ଅବସରରେ ମାସିମୋ ଷ୍ଟାନୋ।

**ରୋମ,୧୮।୫**

**୩୫ କି.ମି. ରେସ ୱାକ୍**

ଇଟାଲିର ମାସିମୋ ଷ୍ଟାନୋ ୩୫ କି.ମି. ରେସ ୱାକ୍ ଇଭେଣ୍ଟକୁ ୨ ଘଣ୍ଟା ୨୦ ମିନିଟ ଓ ୪୩ ସେକେଣ୍ଡରେ ଶେଷ କରି ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ପୋଡେବ୍ରାଡିଠାରେ ଚାଲିଥିବା ୟୁରୋପିଆନ ରେସ ୱାକିଂ ଟିମ୍ ଚାମ୍ପିୟନଶିପରେ ରବିବାର ଏହି ସଫଳତା ପାଇଛନ୍ତି। ୨୦ କି.ମି. ରେସ ୱାକ୍‌ରେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଷ୍ଟାନୋ ପ୍ୟାରିସ ଗେମ୍ସରେ ଚତୁର୍ଥ ସ୍ଥାନରେ ରହିଥିଲେ। ସେ ୫୭ ସେକେଣ୍ଡର ବ୍ୟବଧାନରେ ପୁରୁଣା ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ କାନାଡାର ଇଭାନ ଡନଫିଙ୍କ ନାମରେ ଥିଲା। ସେ ଦୁଇ ମାସ ତଳେ ଏହି ରେକର୍ଡ ହାସଲ କରିଥିଲେ।

# ସ୍କୁଲ୍ସ ଓପନ ଚେସ୍: ଆଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୧୮।୫ (ତପନ ସ୍ୱାଇଁ)**

ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ରବିବାର କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ଲେଖାଏ ପାଇ ଆଦିତ୍ୟ ଜେନା ଚାମ୍ପିୟନ ଓ ସତ୍ୟମ୍ ସ୍ୱରୂପ ସାହୁ ରନରଅପ୍ ହୋଇଛନ୍ତି। ଶ୍ରୀକୃଷ୍ଣ ସାମଲ, ଜେ. ସାଇ ସିଦ୍ଧାର୍ଥ ଓ ସୋମନାଥ ପ୍ରଧାନ ୪ ପଏଣ୍ଟ ଲେଖାଏ ସହ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗରେ ୧୦ ଜଣଙ୍କୁ ଏଜ୍ ଗ୍ରୁପ୍ ଏବଂ ୧୪ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଛି। ଡିଏଭି ସ୍କୁଲ ପ୍ରିନ୍ସିପାଲ ବଳରାମ ମହାପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ସ୍କୁଲର ଏକାଡେମିକ ସୁପରଭାଇଜର ଶର୍ମିଳା ଦାଶ, କ୍ରୀଡ଼ା ବିଭାଗ ମୁଖ୍ୟ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ ପ୍ରମୋଦ କୁମାର ନାୟକ, ଏ. ରବି ଶଙ୍କର ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


କୃତି ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଭିଜା ଗ୍ୟାରେଣ୍ଟି ମାଗିଲା ପିଏଚ୍‌ଏଫ୍

**କରାଚୀ, ୧୮।୫ (ପି.ଟି.):** ଭାରତରେ ଏସିଆ କପ୍ ହକି ପ୍ରତିଯୋଗିତା ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍) ଏସିଆ ହକି ମହାସଂଘଠାରୁ ଭିଜା ଗ୍ୟାରେଣ୍ଟି ଚାହୁଁଛି। ଟୁର୍ନାମେଣ୍ଟ ବିହାରର ରାଜଗିରିଠାରେ ହେବ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂ କହିଛନ୍ତି, ଏହି ବ୍ୟାପାରରେ ସେମାନେ ସରକାରଙ୍କ ପରାମର୍ଶ ଲୋଡ଼ିଛନ୍ତି। ଏଣେ ପିଏଚ୍‌ଏଫ୍‌ର ଜଣେ ବରିଷ୍ଠ ଅଫିସିଆଲ କହିଛନ୍ତି, ଏସିଆ କପ୍ ଆସନ୍ତାବର୍ଷ ନେଦରଲାଣ୍ଡ ଓ ବେଲଜିୟମରେ ହେବାକୁଥିବା ପୁରୁଷ ବିଶ୍ୱକପ୍ ଲାଗି ଏକ କ୍ୱାଲିଫାଇଂ ଟୁର୍ନାମେଣ୍ଟ ହୋଇଥିବାରୁ ପାକିସ୍ତାନ ପାଇଁ ଏହି ଟୁର୍ନାମେଣ୍ଟ ଗୁରୁତ୍ୱ ବହନ କରୁଛି। ଆମେ ଏହି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନା। ଏସିଆନ ହକି ମହାସଂଘ (ଏଏଚ୍‌ଏଫ୍) କିମ୍ବା ଭାରତ ଆମ ଦଳକୁ ଭିଜାର ଗ୍ୟାରେଣ୍ଟି ଦେଇପାରିଲେ ସମସ୍ୟାର ସମାଧାନ ହୋଇପାରନ୍ତା। ପିଏଚ୍‌ଏଫ୍ ଅଫିସିଆଲ ଜଣକ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୨୬ ପ୍ରାରମ୍ଭରେ ମଧ୍ୟ ଏକ ବିଶ୍ୱକପ୍ କ୍ୱାଲିଫାଇଂ ଇଭେଣ୍ଟ ଅନୁଷ୍ଠିତ ହେବ, କିନ୍ତୁ ଏସିଆ କପ୍‌ରେ ଯୋଗ୍ୟତା ହାସଲ କରିବା ସେ ତୁଳନାରେ ସହଜ। ସୂଚନାଯୋଗ୍ୟ, ପାକିସ୍ତାନ ୨୦୨୩ରେ ଭାରତରେ ଅନୁଷ୍ଠିତ ଗତ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଏସିଆ କପ୍ ହକି ୧୨ତମ ସଂସ୍କରଣରେ ଆୟୋଜକ ଭାରତ ବ୍ୟତୀତ ପାକିସ୍ତାନ, ଜାପାନ, କୋରିଆ, ଚାଇନା, ମାଲେସିଆ, ଓମାନ ଓ ଚାଇନିଜ ତାଇପେ ଆଦି ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ପାକିସ୍ତାନକୁ ଯଦି ଭାରତ ଆସିବାକୁ ଅନୁମତି ନ ମିଳେ ତେବେ ଏହି ଟୁର୍ନାମେଣ୍ଟ ୭ଟି ଦଳକୁ ନେଇ ହେବ କିମ୍ବା ଖାଲି ପଡ଼ିଥିବା ସ୍ଥାନରେ ଏକ ନୂଆ ଦଳକୁ ସାମିଲ କରାଯିବ। ଏସବୁ ଏସିଆନ ହକି ମହାସଂଘ ଉପରେ ନିର୍ଭର କରେ। ହକି ଇଣ୍ଡିଆ ସୂତ୍ରରୁ ପ୍ରକାଶ ପାକିସ୍ତାନ ହକି ଦଳକୁ ଭାରତ ଗସ୍ତରେ ଆସିବା ଲାଗି ଅନୁମତି ଦିଆଯିବ କି ନା ତାହା ସେ ସମୟ କହିବ। ସୂଚନାଯୋଗ୍ୟ, ଗତଥର ପଠାଣକୋଟ୍ ବିମାନଘାଟି ଆକ୍ରମଣ ଘଟଣାର କିଛି ମାସ ପରେ ୨୦୧୬ରେ ଭାରତରେ ଅନୁଷ୍ଠିତ ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନ ହକି ଟିମ୍ ଭାଗ ନେଇ ନ ଥିଲା। ସେତେବେଳେ ଇଭେଣ୍ଟରେ ପାକିସ୍ତାନ ସ୍ଥାନରେ ମାଲେସିଆ ଅଂଶଗ୍ରହଣ କରିଥିଲା।


# Classified Everyday
**0674-2580101, 9692975378**




**REAL ESTATE**
**SALE**

Plot for sale 345 dec Mouza Naugaon Bhubaneswar propose road 100sqft. side contact 9337469627. D-76457

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

**ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834.** D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265




**Hostel space with 170 bed available for rent behind Trident Engineering College, Infosys, Patia. Contact- 7008181478.** D-579




Newly open health benefits SPA by expert therapist. Contact- 8280961126. D-76913

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Positively health benefits spaexpertfemaletherapist homely atmosphere. 9114559860. D-542

**LOST**

ଦଲିଲ ହଜିଯାଇଛି- ମୁଁ ଶ୍ରୀ ପ୍ରଶାନ୍ତ କୁମାର ଗଡ଼ନାୟକ, ପିତା- ଦୁର୍ଯ୍ୟୋଧନ ଗଡ଼ନାୟକ, ସା/ପୋ- ଖଲାରୀ, ଥାନା/ଜିଲ୍ଲା- ଅନୁଗୋଳ, ଜଣାଉଅଛି ଯେ ମୁଁ ମୋର ଦାଖଲ ଖାରଜ କେସ୍ ନମ୍ବର- ୯୨୮/୯୯ ଏବଂ ତତ୍ ସଂଲଗ୍ନ ଦେୱାନୀ ମାମଲା ସଂଖ୍ୟା ୩୬/୧୯୯୪ର ଚୂଡ଼ାନ୍ତ ଡିକ୍ରି ସମ୍ବନ୍ଧୀୟ ଦଲିଲଟି କେଉଁଠାରେ ହଜାଇ ଦେଇଅଛି। ଯଦି କେହି ସହୃଦୟ ବ୍ୟକ୍ତି ଏହି ଦଲିଲଟିକୁ ପାଇବେ ମୋତେ ଏହି ୯୮୬୧୫୫୩୧୫୭ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୫୯୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before dated 03.05.2025, I, Gouranga Charan Pradhan, Address- Plot No.- 1595 (B), Sasanpadia, Old Town, Bhubaneswar- 751002 declare that I have changed my daughter's name from Subhashree Priyadarshini Pradhan to Subhashree Priyadarsini. Henceforth, she shall be known as Subhashree Priyadarsini for all purposes.
Gouranga Charan Pradhan D-595

By virtue of an affidavit bearing Sl.No.-536, dt 06.05.25 before the Executive Magistrate, Ghatgaon, I, Sh. Puria Nayak, S/o- Birabar Nayak, Permanent Resident of Village- Sanabarabeda, P.O.- Sanamasinabilla, P.S.-Ghatgaon, Dist.- keonjhar,Odisha, PIN- 758029 declare as under. That my daughter Manjari Nayak was born at Ghatgaon C.H.C on dt- 25.12.2008 and as per her Birth Cerificate issued by the competent authorities the name is Manjari Nayak. But inadvertently in her Aadhaar Card the name has been mentioned as Pujarani Nayak. I want that her original name Manjari Nayak, which is as per the Birth Cerrificate should be mentioned in the Aadhaar Card instead of Pujarani Nayak. D-601

By virtue of an affidavit before Executive Magistrate, Nayagarh, dated 14.05.2025, I, Rajendra Pradhan, Vill- Lunisara, P.O.- Sikrida, P.S.- Nuagaon, Dist.- Nayagarh, Odisha, PIN- 752083 declare that I have changed my son's name from R.L. Ronak to RL Ronak Pradhan. Henceforth, he shall be known as RL Ronak Pradhan for all future purposes.
Rajendra Pradhan D-605

By virtue of an affidavit it declares that Sajid Mahammad, S/o- Late Mohammad Ajij and Sajid Mohammad, S/o- Late Mohammad Ajij is same and one person of Paikarapur, Chhatia, Jajpur. D-604

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମାନସ ରଞ୍ଜନ ରାଉତ**
ଅବସରପ୍ରାପ୍ତ ଶିକ୍ଷକ, ବାଲେଶ୍ୱର ଜିଲ୍ଲା ସ୍କୁଲ
ଗ୍ରାମ: ପଡୁଆଁପଦା, ବାଲେଶ୍ୱର
ଆବିର୍ଭାବ: ୦୬।୦୧।୧୯୩୩
ତିରୋଧାନ: ୦୯।୦୫।୨୦୨୫
ଆପଣଙ୍କ ନିତୀ, ଆଦର୍ଶ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେଉ । ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ: ସହଧର୍ମିଣୀ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ
ଧ-୬୦୬

**ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏ ଅରୁଣ କୁମାର ଚମ୍ପତିରାୟ**
(ନିଗମ ନଗର, ତୃତୀୟ ଲାଇନ)
ଶିଳ୍ପାଞ୍ଚଳ, ବ୍ରହ୍ମପୁର
ଚାହୁଁ ଚାହୁଁ ବାରଦିନ ବିତିଗଲା । ଆପଣଙ୍କ ଅବର୍ତ୍ତମାନରେ ଆମେ ବ୍ୟଥିତ ଓ ମର୍ମାହତ । ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
ଆପଣଙ୍କ ଶୋକସନ୍ତପ୍ତ
ପରିବାରବର୍ଗ ଏବଂ ବନ୍ଧୁପରିଜନ
ଧ-୬୦୦

**ଶ୍ରଦ୍ଧାଞ୍ଜଳି**



**ଏଆଶିଷ କୁମାର ଜେନା (ବାବୁଲି)**
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୨।୦୮।୧୯୬୮
ତିରୋଧାନ: ୧୯।୦୫।୧୯୯୯
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ ।
ଜେନା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୦୭

**୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ହରିପ୍ରିୟା ମହାନ୍ତି**
Qrs No.- IVR-PF-19, Unit-6, BBSR
ଆବିର୍ଭାବ: ଅଗଷ୍ଟ,୧୯୪୬
ତିରୋଧାନ: ୨୦।୦୫।୨୦୧୪
ଆଜିର ୧୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୫୮୫

# ଭାରତର ସୁଦର୍ଶନ ଚକ୍ର ଏସ୍-୪୦୦



ଦେବାଶିଷ ମହାନ୍ତି

"ଏସ୍-୪୦୦ର ସ୍ୱତନ୍ତ୍ରତା ଏହି କି ଯେ, ଏହା ଏକ ସମୟରେ ୮୦ ରୁ ୧୦୦ ଉଡ଼ନ୍ତା ବସ୍ତୁକୁ ଚିହ୍ନଟ କରିପାରିବ। ଏହା କ୍ଷୁଦ୍ର ତଥା ୪୦୦ କିଲୋମିଟର ପର୍ଯ୍ୟନ୍ତ ଦୀର୍ଘ ଦୂରତା ପାଇଁ ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ନିକ୍ଷେପ କରିପାରିବ। ଏହା ବହୁତ ଉଚ୍ଚ କିମ୍ବା ବହୁତ ନିମ୍ନରେ ଉଡୁଥିବା ଲକ୍ଷ୍ୟକୁ ନିପାତ କରିପାରିବ। ଏହା ବହୁତ ଶୀଘ୍ର ପ୍ରତିକ୍ରିୟା କରେ ଏବଂ ଶବ୍ଦଠାରୁ ଦ୍ରୁତ ଗତିରେ କ୍ଷେପଣାସ୍ତ୍ର ନିକ୍ଷେପ କରିପାରେ। ତେଣୁ ଏହାକୁ ବୋକା ବନାଇ ଖସିଯିବା କଷ୍ଟକର।"



ଚଳିତ ମାସ ୭ ତାରିଖ ସକାଳୁ ଉଠୁ ଉଠୁ ସମସ୍ତଙ୍କ ମୁଖରେ ଗୋଟିଏ ଚାଞ୍ଚଲ୍ୟକର ଖବର ଯେ ଭାରତ ପହଲଗାମ୍ ଆତଙ୍କବାଦୀ ଅମାନବୀୟ ହତ୍ୟାକାଣ୍ଡର ଦଣ୍ଡ ଦେବା ପାଇଁ ପାକିସ୍ତାନସ୍ଥିତ ୯ ଗୋଟି ଆତଙ୍କବାଦୀ ପ୍ରଶିକ୍ଷଣ ଶିବିରକୁ କ୍ଷେପଣାସ୍ତ୍ର ଦ୍ୱାରା ଧ୍ୱଂସ କରିଦେଇଛି। ସମସ୍ତ ଗଣମାଧ୍ୟମ ଏହି ଖବରକୁ ପ୍ରଚାର କରିବା ସହିତ ପାକିସ୍ତାନର ଏହାର ଉତ୍ତରରେ ଭାରତ ଉପରକୁ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଦ୍ୱାରା ପ୍ରତି ଆକ୍ରମଣର ଧମକ ମଧ୍ୟ ପ୍ରଚାରିତ ହେବାକୁ ଲାଗିଲା। ଏହି ଖବର ଶୁଣିଲା ପରେ ମୋ ମା' ଓ ପତ୍ନୀ ଭାରତର ପଶ୍ଚିମ ସୀମାବର୍ତ୍ତୀ ଅଞ୍ଚଳର ସାଧାରଣ ଲୋକଙ୍କ ଜୀବନ ବିପଦସଙ୍କୁଳ ହୋଇଯିବ ଭାବି ଟିକେ ବିଚଳିତ ହୋଇପଡ଼ିଲେ। ସେମାନଙ୍କ ଚିନ୍ତା ଦେଖି ତାକୁ ଲାଘବ କରିବା ପାଇଁ ମୁଁ କହିଲି ଜମା ଚିନ୍ତା କରନାହିଁ ଭାରତର ସୁଦର୍ଶନ ଚକ୍ର ଭାରତ ଭିତରକୁ କୌଣସି କ୍ଷେପଣାସ୍ତ୍ର, ଯୁଦ୍ଧ ଜାହାଜ କି ଡ୍ରୋନ୍‌କୁ ପୂରାଇ ଦେବ ନାହିଁ। ସୁଦର୍ଶନ ଚକ୍ର ନାଁ ଶୁଣି ମୋ ମା' ଓ ପତ୍ନୀ ମୋ ଆଡ଼କୁ କୌତୂହଳରେ ଅନାଇଲେ। ସେଠାରେ ଉପସ୍ଥିତ ଥିବା ମୋ ପୁଅ ଓମ୍ ପ୍ରଶ୍ନ ଛଳରେ ପଚାରିଲା ଭାରତର ସୁଦର୍ଶନ ଚକ୍ର? ସେମାନଙ୍କ ଉତ୍କଣ୍ଠାକୁ ମୋଚନ କରିବା ପାଇଁ ମୁଁ କହିଲି ମହାଭାରତ ଯୁଦ୍ଧରେ ଯେମିତି ପାଣ୍ଡବମାନଙ୍କ ବନ୍ଧୁ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ସେମାନଙ୍କୁ ରକ୍ଷା କରୁଥିଲା ଠିକ୍ ସେହିପରି ଭାରତର ପରମ ତଥା ସ୍ଥାୟୀ ବନ୍ଧୁ ରୁଷିଆ ପ୍ରଦତ୍ତ 'ଏସ୍ ୪୦୦' ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ଯୁଦ୍ଧରେ ଭାରତକୁ ରକ୍ଷା କରିବ। ତୁମେମାନେ ଦେଖିଲ ତାହା କେମିତି ସତରେ ପରିଣତ ହେଲା। ଏହା ଶୁଣି ମୋ ପୁଅ ସଙ୍ଗେ ସଙ୍ଗେ ପଚାରିଲା, ଏହି 'ଏସ୍ ୪୦୦' ବାୟୁ ପ୍ରତିରକ୍ଷା ପ୍ରଣାଳୀ କ'ଣ? ତାକୁ ବୁଝେଇବା ପାଇଁ ମୁଁ କହିଲି, କଳ୍ପନା କର ଜଣେ ଶକ୍ତିଶାଳୀ ଯୋଦ୍ଧା ଯିଏ ଶହ ଶହ କିଲୋମିଟର ଦୂରରୁ ଆସୁଥିବା ଶତ୍ରୁମାନଙ୍କୁ ଦେଖିପାରେ ଏବଂ ସହରରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କୁ ଧ୍ୱଂସ କରିପାରେ। ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହିପରି ଏକ ଯାନ୍ତ୍ରିକ ଯୋଦ୍ଧା! ଏହା ଏକ ଅତି ଶକ୍ତିଶାଳୀ ଯନ୍ତ୍ର ଯାହା ଶତ୍ରୁ କ୍ଷେପଣାସ୍ତ୍ର, ବିମାନ ଏବଂ ଡ୍ରୋନଠାରୁ ଦେଶର ଆକାଶକୁ ସୁରକ୍ଷା ଦିଏ।

ଏସ୍-୪୦୦ ହେଉଛି ରୁଷ ଦ୍ୱାରା ନିର୍ମିତ ଏକ ଶକ୍ତିଶାଳୀ ପ୍ରତିରକ୍ଷା ପ୍ରଣାଳୀ। ଏହା ଏକ 'ରକ୍ଷକ' ପରି ଯିଏ ଆକାଶକୁ ଦେଖେ ଏବଂ ଶତ୍ରୁ ପକ୍ଷର ବିମାନ, କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଭଳି ବିପଦପୂର୍ଣ୍ଣ ଉଡ଼ନ୍ତା ବସ୍ତୁରୁ ଦେଶକୁ ରକ୍ଷା କରେ। ଏହା ବିଶ୍ୱର ସର୍ବୋତ୍ତମ ବାୟୁ ପ୍ରତିରକ୍ଷା ପ୍ରଣାଳୀ ମଧ୍ୟରୁ ଅନ୍ୟତମ। ଭାରତ ନିଜ ଲୋକଙ୍କ ସୁରକ୍ଷା ପାଇଁ ରୁଷିଆଠାରୁ ଏହାକୁ କିଣିଛି। ତେବେ ଏହି ଏସ୍-୪୦୦ କାମ କରେ କିପରି? ଏସ୍-୪୦୦ ଏକ ଦିବ୍ୟ ଚକ୍ଷୁ, ବୁଦ୍ଧିମାନ ମସ୍ତିଷ୍କ ଓ ଦ୍ରୁତ ବାହୁ ଥିବା ଯନ୍ତ୍ରମାନଙ୍କ ଦଳ। ଏହାର କାର୍ଯ୍ୟ ପ୍ରଣାଳୀ ଏଠାରେ ଉଲ୍ଲେଖ କରୁଛି।

ଏହାର ଦିବ୍ୟ ଚକ୍ଷୁ ବା ରାଡାର ୨୪ ଘଣ୍ଟା ଆକାଶ ମାର୍ଗ ଉପରେ ନଜର ରଖିଥାଏ। ଏହି ଶକ୍ତିଶାଳୀ ରାଡାର (ସ୍ୱତନ୍ତ୍ର ମେଶିନ ଯାହା ଆକାଶରେ 'ଦେଖିପାରେ') ଯାହା ୬୦୦ କିଲୋମିଟର ଦୂରରେ ମଧ୍ୟ ଉଡୁଥିବା ଯେକୌଣସି ଜିନିଷକୁ ଖୋଜିକରି ଚିହ୍ନିପାରେ। ଏହାର ମସ୍ତିଷ୍କ ବା କମ୍ପ୍ୟୁଟର ବିପଦ ଯାଞ୍ଚ କରେ। ରାଡାର କିଛି ଠାବ କଲା ପରେ, କମ୍ପ୍ୟୁଟର ସିଷ୍ଟମ ଯାଞ୍ଚ କରେ ଯେ ଏହା ପକ୍ଷୀ, ବିମାନ, ନା କ୍ଷେପଣାସ୍ତ୍ର? ଏହା ବନ୍ଧୁ ନା ଶତ୍ରୁ କ୍ଷେପଣାସ୍ତ୍ର। ଯଦି ଏହା ବିପଦପୂର୍ଣ୍ଣ ବା କ୍ଷତିକାରକ ବସ୍ତୁ ବୋଲି ଜଣାପଡ଼େ, ତେବେ ଏସ୍-୪୦୦ ଏହାକୁ ନଷ୍ଟ କରିବାକୁ ପ୍ରସ୍ତୁତ ହୁଏ। ଯଦି ଏହା ଶତ୍ରୁର କ୍ଷେପଣାସ୍ତ୍ର କିମ୍ବା ଜେଟ୍ ଚିହ୍ନଟ ହୁଏ ତେବେ ଏହି ଅସ୍ତ୍ର କୌଣସି କ୍ଷତି କରିବା ପୂର୍ବରୁ ଏସ୍-୪୦୦ର ଦ୍ରୁତ ବାହୁ ଏହାକୁ ଆକାଶରେ ଧ୍ୱଂସ କରିବା ପାଇଁ ନିଜର ସୁପରଫାଷ୍ଟ କ୍ଷେପଣାସ୍ତ୍ର ନିକ୍ଷେପ କରେ। କ୍ଷେପଣାସ୍ତ୍ରଟି ଶବ୍ଦର ଗତିଠାରୁ ଦ୍ରୁତ ଗତିରେ ଗତିକରେ ଏବଂ ଆକାଶରେ ଲକ୍ଷ୍ୟସ୍ଥଳକୁ ଆଘାତ କରି ଏହି ଶତ୍ରୁ କ୍ଷେପଣାସ୍ତ୍ର ବା ବିମାନ ବା ଡ୍ରୋନକୁ ଧ୍ୱଂସ କରିଦିଏ। ଏହା ଲୋକଙ୍କୁ ଏବଂ ସହରଗୁଡ଼ିକୁ ସୁରକ୍ଷିତ ରଖେ। ଏସ୍-୪୦୦ ସ୍ୱତନ୍ତ୍ରତା ଏହି କି ଯେ ଏହା ଏକ ସମୟରେ ୮୦ ରୁ ୧୦୦ ଉଡ଼ନ୍ତା ବସ୍ତୁକୁ ଚିହ୍ନଟ କରିପାରିବ। ଏହା କ୍ଷୁଦ୍ର ତଥା ୪୦୦ କିଲୋମିଟର ପର୍ଯ୍ୟନ୍ତ ଦୀର୍ଘ ଦୂରତା ପାଇଁ ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ନିକ୍ଷେପ କରିପାରିବ। ଏହା ବହୁତ ଉଚ୍ଚ କିମ୍ବା ବହୁତ ନିମ୍ନରେ ଉଡୁଥିବା ଲକ୍ଷ୍ୟକୁ ନିପାତ କରିପାରିବ। ଏହା ବହୁତ ଶୀଘ୍ର ପ୍ରତିକ୍ରିୟା କରେ ଏବଂ ଶବ୍ଦଠାରୁ ଦ୍ରୁତ ଗତିରେ କ୍ଷେପଣାସ୍ତ୍ର ନିକ୍ଷେପ କରିପାରେ। ତେଣୁ ଏହାକୁ ବୋକା ବନାଇ ଖସିଯିବା କଷ୍ଟକର।

ରୁଷ୍ ଏସ୍-୪୦୦ ତିଆରି କରିଛି, କିନ୍ତୁ ଭାରତ, ଚାଇନା ଏବଂ ତୁର୍କୀ ଭଳି ଅନ୍ୟ ଦେଶଗୁଡ଼ିକ ମଧ୍ୟ ଏହାକୁ ସେମାନଙ୍କର ଆକାଶକୁ ସୁରକ୍ଷା ଦେବା ପାଇଁ ବ୍ୟବହାର କରନ୍ତି। ଭାରତ ଏହାର ବାୟୁ ପ୍ରତିରକ୍ଷାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏସ୍-୪୦୦ କିଣିଛି। ଏହି ପ୍ରଣାଳୀ ସାହାଯ୍ୟରେ, ଭାରତ ଏହାର ବଡ଼ ସହର, ଗୁରୁତ୍ୱପୂର୍ଣ୍ଣ କୋଠା ଏବଂ ସେନା ଘାଟିକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିପାରିବ। ମୁଁ ଏସ୍-୪୦୦ ବିଷୟରେ ବର୍ଣ୍ଣନା କରିଲା ବେଳେ ଦୂରଦର୍ଶନରେ ଭାରତୀୟ ସେନାର ସାମ୍ବାଦିକ ସମ୍ମିଳନୀ ପ୍ରସାରିତ ହେଲା। ଏହି ସମ୍ମିଳନୀରେ ସ୍ଥଳସେନା ଅଧିକାରୀ କର୍ଣ୍ଣେଲ ସୋଫିଆ କ୍ୟୁରେଶି ଓ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂ ଦେଶକୁ ଜଣାଇଲେ ଯେ ପାକିସ୍ତାନ ଚାଇନା ପ୍ରଦତ୍ତ ଯୁଦ୍ଧ ଜାହାଜ, ତୁର୍କୀ ଡ୍ରୋନ୍ ଓ ଫତେ କ୍ଷେପଣାସ୍ତ୍ର ଭାରତ ଉପରକୁ ମାଡ଼ କରିଥିଲା। କିନ୍ତୁ ଭାରତର ସୁଦର୍ଶନ ଚକ୍ର ଏସ୍-୪୦୦ ସେ ସବୁକୁ ଆକାଶରେ ହିଁ ଧ୍ୱଂସ କରି ଦେଇଛି। କୌଣସି ଗୋଟିଏ ବି ଭାରତର ସ୍ଥଳଭାଗ କିମ୍ବା ଏହାର ଜନସାଧାରଣଙ୍କୁ ସ୍ପର୍ଶ କରିନାହିଁ। ଭାରତ କିନ୍ତୁ ଲାହୋରର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ନଷ୍ଟ କରିବା ସହିତ ପାକିସ୍ତାନର ବହୁ ସୈନ୍ୟ ଠିକଣା ଓ ଆତଙ୍କବାଦୀ ଆଡ୍ଡା ନଷ୍ଟ କରି ଦେଇଛି। ଏହି ଖବର ଶୁଣି ମୋ ମା', ପତ୍ନୀ ଓ ପୁତ୍ର ଆଶ୍ୱସ୍ତି ପ୍ରକାଶ କଲେ। ଏସ୍-୪୦୦ ଭାରତୀୟ ଆକାଶର ସେହି ବୀର ଯୋଦ୍ଧା, ଯାହାକି ଆକାଶର ସୁପରହିରୋ ପରି ସର୍ବଦା ନୀରବରେ ସତର୍କ ଏବଂ ପ୍ରସ୍ତୁତ ରହିଅଛି। ଆକାଶ ଉପରେ ନଜର ରଖି ଏବଂ ଶବ୍ଦ ଅପେକ୍ଷା ଦ୍ରୁତ ଗତିରେ ଉଡୁଥିବା କ୍ଷେପଣାସ୍ତ୍ର ସହିତ, ଏହା ଭାରତର ଆକାଶକୁ ସୁଦର୍ଶନ ଚକ୍ର ପରି ସୁରକ୍ଷିତ ରଖିଛି। ଆଧୁନିକ ଯୁଗରେ ଯୁଦ୍ଧକ୍ଷେତ୍ରରେ ମାନବ ଜୀବନକୁ ବିପଦରେ ନ ପକାଇ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଚତୁର ପ୍ରତିରକ୍ଷା ପ୍ରଣାଳୀ ବଳରେ ଏସ୍-୪୦୦ ପରି ଆଧୁନିକ ଯାନ୍ତ୍ରିକ ବୀରମାନେ ବୁଦ୍ଧିମତ୍ତା, ଗତି ଏବଂ ସଠିକତା ସହିତ ଆମକୁ ସୁରକ୍ଷା ଦିଅନ୍ତି।

-ବିଭାଗୀୟ ମୁଖ୍ୟ, ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ : ୯୮୬୧୩୯୧୧୯୦

## ପୃଥୁଳତା ଓ ଇନ୍‌ସୁଲିନ୍ ରେଜିଷ୍ଟାନ୍ସ



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଅନେକାଂଶରେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା କେତେକ ସ୍ୱାସ୍ଥ୍ୟ ସସମ୍ୟାର କାରଣ ହୋଇଥାଏ। ଅଧିକ ମସଲା ତଥା ତେଲଯୁକ୍ତ ଏବଂ ଗରିଷ୍ଠ ଖାଦ୍ୟ ଖାଇଲେ ତାହା ପୃଥୁଳତା ପାଇଁ ଦାୟୀ ହୋଇଥାଏ। ଅନ୍ୟପକ୍ଷରେ ପୃଥୁଳତା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦେବାର ଯଥେଷ୍ଟ ଆଶଙ୍କା ରହିଛି। ରକ୍ତରେ ଚର୍ବି ଜମିଲେ ତାହା ମଧ୍ୟ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ଏହାବ୍ୟତୀତ ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ଜଣେ ଡାଇବେଟିସ୍ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ସହ ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

## ଉପକାରୀ ଆଖୁରସ




ଆଖୁରସରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଏବଂ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଆଖୁରସ ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। କେବଳ ସେତିକି ନୁହେଁ, କାର୍ଯ୍ୟ କରିବାକୁ ଏହା ମଧ୍ୟ ଶକ୍ତି ଯୋଗାଇଥାଏ। ଠିକ୍ ରହିବା ସହ କାର୍ଯ୍ୟ କରିବାର ଶକ୍ତି ମଧ୍ୟ ଏଥିରୁ ମିଳିଥାଏ। ଏଥିରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍ ମଧ୍ୟ ରହିଛି। ତେଣୁ ଏହାକୁ ପିଇଲେ ତାହା ଦାନ୍ତ ଓ ମାଢ଼ିକୁ ସୁରକ୍ଷା ଦେଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଲିଭରକୁ ବାହ୍ୟ ଜୀବାଣୁ ଆକ୍ରମଣରୁ କେତେକାଂଶରେ ରକ୍ଷା କରେ। ଆଖୁ ରସରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି। ଏହା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବାରେ ସାହାଯ୍ୟ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଆଖୁରସ ପିଇଲେ ତାହା ଖାଦ୍ୟ ହଜମରେ ସାହାଯ୍ୟ କରିଥାଏ। ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ଏହାର ଭୂମିକା ରହିଛି। ଏଥିରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏଥିରେ ଗ୍ଲାଇକୋ ଏସିଡ୍ ଥିବାରୁ ଏହା ଚର୍ମରେ ଥିବା କୋଷକୁ କ୍ଷୟ ହେବାକୁ ଦିଏ ନାହିଁ। ଯାହାଦ୍ୱାରା ଚର୍ମର ଔଜ୍ଜ୍ୱଲ୍ୟତା ବଢ଼ିଥାଏ। ଆଖୁ ରସ ପିଇବା ଦ୍ୱାରା ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ।

## ଜାଣିରଖନ୍ତୁ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟ ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କରିବା ସହ ଖାଦ୍ୟ ଖାଆନ୍ତୁ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ ନ କରିବା ସହ ଟିଭି ନ ଦେଖିବା ଭଲ। ଖାଦ୍ୟ ସେବନରେ ମନୋନିବେଶ କରି ପ୍ରଥମେ ଏହାକୁ ପ୍ରଭୁଙ୍କ ପ୍ରସାଦ ସମ ସମର୍ପଣ କରି ଖାଆନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଖାଇବା ଏକ ଘଣ୍ଟା ପରେ ପାଣି ପିଅନ୍ତୁ। ଖାଇବା ପରେ ପରେ ଥଣ୍ଡା ଜିନିଷ, ଆଇସିକ୍ରିମ୍ ଆଦି ନଖାଇବା ଭଲ। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡା ଆଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ।

## ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରେ ଅସନ୍ତୁଳିତ ଖାଦ୍ୟ



ଯଦି ଜଣେ ବ୍ୟକ୍ତିଙ୍କର ଅସନ୍ତୁଳିତ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପଡ଼ିଯାଏ ତେବେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏଭଳି ସତର୍କ ସୂଚନା ଦେଇଛନ୍ତି। ଅଧିକାଂଶ ସମୟ ଅସନ୍ତୁଳିତ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କର ଜୀବନଶୈଳୀକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ପରିଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ଏଭଳି ଅଭ୍ୟାସ ଯୋଗୁ ସେମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହେଉଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁ ଫୁଲ



କଖାରୁ ଫୁଲରେ ଭିଟାମିନ୍ ବି-୯ ଅଧିକ ଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପଯୋଗୀ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କଖାରୁ ଫୁଲରେ ଭିଟାମିନ୍ 'ସି' ରହିଛି, ଯାହା ମଧ୍ୟ ଶରୀର ପାଇଁ ଉପକାରୀ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବେଳେବେଳେ ଆଲୋକର ରଙ୍ଗ ପରିବର୍ତ୍ତନ ହେବା ଦ୍ୱାରା, ଏହା ଆମ ଆଖି ଉପରେ ଗଭୀର ପ୍ରଭାବ ପକାଏ। ମାତ୍ର କଖାରୁ ଫୁଲ ଖାଇବା ଦ୍ୱାରା ଏହା କିଛି ମାତ୍ରାରେ ଆମକୁ ରକ୍ଷା ଦେଇଥାଏ ଓ ଆଖିକୁ ପରିଷ୍କାର ଦେଖାଯାଇଥାଏ। ଏହା ଅନ୍ଧାରକଣା ସମସ୍ୟାରୁ ମଧ୍ୟ କେତେକାଂଶରେ ରକ୍ଷା କରିଥାଏ। ବେଳେବେଳେ ଆମେ ଅନେକ ରୋଗର ଶିକାର ହୋଇଥାଉ। ବାହାର ଜୀବାଣୁ ଆମ ଶରୀରରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କଖାରୁ ଫୁଲରେ ରହିଛି ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ଥାଏ, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ ରଖିବାରେ ସାହାଯ୍ୟ କରେ।

## ପ୍ଲାଷ୍ଟିକ ପ୍ରଦୂଷଣ



ମନୁଷ୍ୟ ଦୈନନ୍ଦିନ ନିଜର ବ୍ୟବହାର କରୁଥିବା ସାମଗ୍ରୀ ମଧ୍ୟରେ ପ୍ଲାଷ୍ଟିକ ଅନ୍ୟତମ। ପ୍ଲାଷ୍ଟିକ ଜାତ ଦ୍ରବ୍ୟ ଭିତରେ ପ୍ଲାଷ୍ଟିକ ଚେୟାର, ଟେବୁଲ, ପିଲାମାନଙ୍କ ପ୍ଲାଷ୍ଟିକ ଖେଳନା ସାମଗ୍ରୀ, ବିଭିନ୍ନ ଖାଦ୍ୟଦ୍ରବ୍ୟ ରଖାଯାଇଥିବା ପ୍ୟାକେଟ, ପଲିଥିନ ବ୍ୟାଗ, ପାଣିବଟଲ ଆଦି ବହୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ଦ୍ୱାରା ପ୍ରସ୍ତୁତି ହୋଇଥାଏ। ଆମେ ବ୍ୟବହାର ସାରିବା ପରେ ଉକ୍ତ ପ୍ଲାଷ୍ଟିକ ଓ ପଲିଥିନକୁ ଏଣେତେଣେ ଫୋପାଡ଼ି ଦେଇଥାଉ। ପରବର୍ତ୍ତୀ ସମୟରେ ଏଗୁଡିକ କୁଢ଼ କୁଢ଼ ଆବର୍ଜନା ଭାବେ ଗଦା ହୋଇ ପ୍ରଦୂଷଣର କାରଣ ସାଜିଥାଏ। ସମୁଦ୍ରରେ ମଧ୍ୟ ହଜାର ହଜାର ଟନ୍ ପ୍ଲାଷ୍ଟିକ ସାମଗ୍ରୀ ଜମାହୋଇ ରହିଥିବାର ଦେଖାଯାଏ। ଏହି ପ୍ଲାଷ୍ଟିକ ସାମଗ୍ରୀ ମାଟି,ଜଳ କିମ୍ବା ଜଳବାୟୁରେ ସହଜରେ ଶହଶହ ବର୍ଷ ଧରି ବିଘଟନ ହୋଇ ନ ଥାଏ। ଜଳଜୀବମାନେ ଉକ୍ତ ପ୍ଲାଷ୍ଟିକକୁ ଭକ୍ଷଣ କରି ମୃତ୍ୟୁମୁଖରେ ପଡିଥାଆନ୍ତି। ଆମେ ଦୈନନ୍ଦିନ ପ୍ଲାଷ୍ଟିକ ବୋତଲରେ ପାଣି ରଖି ପିଇବା ଦ୍ୱାରା ପ୍ଲାଷ୍ଟିକ ଓ ପାଣିର ବହୁ ସମୟ ଧରି ରହିବା ଦ୍ୱାରା ରାସାୟନିକ ପ୍ରତିକ୍ରିୟା ଘଟି ପ୍ଲାଷ୍ଟିକର କିଛି ପରିମାଣ ଜଳ ସହିତ ମିଶି ଶରୀରକୁ ଯାଇଥାଏ। ଏହାଦ୍ୱାରା ପେଟ ଜନିତ ସମସ୍ୟା ସୃଷ୍ଟି କରିବା ବ୍ୟତୀତ ଶାରୀରିକ ଅକ୍ଷମତା, ରୋଗପ୍ରତିରୋଧକ ଶକ୍ତି ହ୍ରାସ କରାଇବା ସହ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରିଥାଏ। ପ୍ଲାଷ୍ଟିକ ସାମଗ୍ରୀର ଏସବୁ ଖରାପ ପ୍ରଭାବ ଆମ ପୃଥିବୀର ପ୍ରକୃତି ଓ ପରିବେଶ ସୁରକ୍ଷାରେ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।

➢ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ମୋବାଇଲ୍ ଏବଂ ଇଲେକ୍‌ଟ୍ରୋନିକ ଗ୍ୟାଜେଟ୍‌ଠାରୁ ମଧ୍ୟ ଦୂରେଇ ରୁହନ୍ତୁ। କାରଣ ଏଗୁଡିକ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।



➢ଅସ୍ଥି ଓ ମଜ୍ଜାକୁ ମଜଭୁତ କରିବାରେ ଭିଟାମିନ୍ ଡି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳର କଅଁଳ ଖରା ସଂସ୍ପର୍ଶରେ କିଛି ସମୟ ଆସନ୍ତୁ।

➢ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦିଅନ୍ତୁ। ତା' ସହ ଦୈନନ୍ଦିନ ଜୀବନରେ ବ୍ୟାୟାମ ଏବଂ ଯୋଗକୁ ସାମିଲ୍ କରନ୍ତୁ।

➢ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ।

➢ ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ହେଉଛନ୍ତି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପରାମର୍ଶ କରିବା ସମୟରେ ଡାକ୍ତରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ।

## ବାତ ବ୍ୟାଧିର ଉପଚାର



ମାନବ ଶରୀର ତ୍ରିଦୋଷ (ବାତ, ପିତ୍ତ, କଫ)ର ବିକୃତି କାରଣରୁ ବ୍ୟାଧି ଉତ୍ପନ୍ନ ହୋଇ ବାତ ବିକୃତି କାରଣରୁ ପକ୍ଷାଘାତ(ପାରାଲିସିସ୍),ଆଣ୍ଠୁଗଣ୍ଠିବାତ (ଜଏଣ୍ଟପେନ୍), ଅପସ୍ମାର (ଇପିଲେପ୍‌ସି), କଟିଗ୍ରହ (ଲୁମ୍ବାର ସ୍ପଣ୍ଡିଲିସିସ୍), ଗ୍ରୀବାଗ୍ରହ (ସର୍‌ଭାଇକାଲ ସ୍ପଣ୍ଡିଲିସିସ୍), ଗୃଧ୍ରସୀ (ସାଇଟିକା), ହନୁଗ୍ରହ (ଫେସିଆଲ୍ ପାରାଲିସିସ୍) ଆଦି ରୋଗ ହେବାର ଦେଖାଯାଇଥାଏ। ଏ ସମ୍ପର୍କରେ ଆୟୁର୍ବେଦ ବିଶେଷଜ୍ଞ ଡା. ଆଶିଷ ବାନାର୍ଜୀ କହନ୍ତି, "ବାତ ବ୍ୟାଧି ରୋଗୀ କାର୍ଯ୍ୟ ଅକ୍ଷମ ହେବା କାରଣରୁ ତାଙ୍କୁ ସେବାର ଆବଶ୍ୟକତା ରହିଥାଏ। ଯଦି ଉତ୍ତମ ସେବା ଶୁଶ୍ରୁଷା ନ ମିଳେ ତେବେ ସେ ଆରୋଗ୍ୟ ହେବା କଷ୍ଟକର ହୋଇପଡ଼େ। ଏଥିପାଇଁ ଉତ୍ତମ ଚରିତ୍ର ସମ୍ପନ୍ନ, ରାଗ ଦ୍ୱେଷ ରହିତ ସୁଖ ଭାବାପନ୍ନ ପରିଚାରିକା, ସେବିକା ବା ପରିବାର ସଦସ୍ୟ ଆନ୍ତରିକତା ଭାବସମ୍ପନ୍ନ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେବା କଲେ ରୋଗୀ ଶୀଘ୍ର ଆରୋଗ୍ୟ ହୋଇପାରିବ। ଏହି ରୋଗଗୁଡ଼ିକରେ ରୋଗୀକୁ ପ୍ରଥମେ ସ୍ନେହନ, ସ୍ୱେଦନ ଓ ବିରେଚନ ଦେଇ ସଂଶୋଧନ ଚିକିତ୍ସା ବା ଡେଟକ୍ସିଫିକେସନ୍ କରିବା ଉଚିତ। ବାତ ଦୋଷକୁ ସାମ୍ୟାବସ୍ଥାରେ ଆଣିବା ପାଇଁ ରୋଗ ଅନୁଯାୟୀ ବାତନାଶକ ତୈଳରେ ଅଭ୍ୟଙ୍ଗ/ ମାଲିସ୍ କରିବା ଉଚିତ। ଏହି ତୈଳକୁ ଏକ ଷ୍ଟିଲ୍ ପାତ୍ରରେ ନିଆଁରେ ଉଷୁମ କରି ମାଲିସ୍ କଲେ ଆଶୁ ଫଳ ମିଳେ। ତତ୍ ସଙ୍ଗେ ସଙ୍ଗେ ଆକ୍ରାନ୍ତ ଅଙ୍ଗକୁ ସ୍ୱେଦନ ବା ବାମ୍ଫ ଦିଆଯାଏ। ରୋଗୀକୁ ତୈଳାଭ୍ୟଙ୍ଗ ପରେ ଗୋଟିଏ ଖଟ ବା ଟେବୁଲ ଉପରେ ଶୁଆଇ ବା ବସାଇ ଦିଆଯାଏ। ତା'ପରେ ଏକ ମୁଖ ଘୋଡ଼ଣି ଥିବା ହାଣ୍ଡି ବା ବଡ ପ୍ରେସର କୁକୁର୍‌ରେ ବାତନାଶକ ଦ୍ରବ୍ୟ ବଳା, ରାସ୍ନା, ଶାଳପର୍ଣ୍ଣି, ପୃଷ୍ଟପର୍ଣ୍ଣି, ବୃହତୀ, କଣ୍ଟକାରୀ, ଗୋକ୍ଷୁରା, ବିଲ୍ୱ, ଶୈନାକ (ଅଗ୍ନିମନ୍ଥ), ପାଟଳି, ଗମ୍ଭାରୀ ଇତ୍ୟାଦି ଦ୍ରବ୍ୟକୁ ଦରକୁଟା କରି ୪ଗୁଣ ପାଣିରେ ସିଝା ଯାଇଥାଏ। ତା' ପରେ ସେହି ବାମ୍ଫକୁ ଏକ ପାଇପ୍ ସାହାଯ୍ୟରେ ଆଣି ପୂର୍ବରୁ ତୈଳାଭ୍ୟଙ୍ଗ ହୋଇଥିବା ଆକ୍ରାନ୍ତ ସ୍ଥାନରେ ଛଡ଼ାଯାଏ। ବର୍ତ୍ତମାନ ପଞ୍ଚକର୍ମ ଚିକିତ୍ସା କେନ୍ଦ୍ରରେ ଏହା ସହଜରେ ଉପଲବ୍ଧ ହେଉଅଛି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୧୯/୨୦୨୫ Bhubaneswar, Monday, May 19/ 2025

# ରାଜସ୍ଥାନକୁ ହରାଇଲା ପଞ୍ଜାବ

**ଜୟପୁର,୧୮।୫**

ନେହାଲ ୱାଧେରା ଓ ଶଶାଙ୍କ ସିଂଙ୍କ ଅର୍ଦ୍ଧଶତକ ବଳରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୧୦ ରନରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍)କୁ ପରାସ୍ତ କରିଛି। ଏହା ପଞ୍ଜାବର ଅଷ୍ଟମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ଏହା ଦଶମ ପରାଜୟ। ଏହି ବିଜୟ ସହ ପଞ୍ଜାବ ୧୨ ମ୍ୟାଚ୍‌ରେ ୧୭ ପଏଣ୍ଟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ପୂର୍ବରୁ ପ୍ଲେଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିବା ରାଜସ୍ଥାନ ପୂର୍ବଭଳି ନବମ ସ୍ଥାନରେ ରହିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ମାତ୍ର ୩.୧ ଓଭର ମଧ୍ୟରେ ୩୪ ରନରେ ୩ ଉଇକେଟ ହରାଇଥିଲା। ଫର୍ମରେ ଥିବା ପ୍ରିୟାଂଶ ଆର୍ଯ୍ୟ ୯ ଓ ପ୍ରଭସିମରନ ସିଂ ୨୧ ରନ କରି ଆଉଟ୍ ହୋଇଥିବା ବେଳେ ମିଚେଲ ଓୱେନ ଖାତା ଖୋଲିପାରି ନ ଥିଲେ। ୱାଧେରା ଓ ଅଧିନାୟକ ଶ୍ରେୟସ ଆୟାର ଚତୁର୍ଥ ଉଇକେଟରେ ୬୭ ରନ ଯୋଡ଼ିଥିଲେ। ଆୟର ୩୦ (୫ ଚୌକା) ଏବଂ ୱାଧେରା ୭୦ (୫ ଲେଖାଏ ଚୌକା ଓ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଶଶାଙ୍କ ୩୦ ବଲରେ ୫୯ (୫ ଚୌକା ଓ ୩ ଛକା) ଏବଂ ଆଜମାତୁଲା ଓମାରଜାଇ ୯ ବଲରେ ୨୧ (୩ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ତୁଷାର ଦେଶପାଣ୍ଡେ ୨ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନକୁ ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ୪.୫ ଓଭରରେ ୭୬ ରନ କରିଥିଲେ। ବୈଭବ ୧୫ ବଲରେ ୪୦ (୪ ଲେଖାଏ ଚୌକା ଓ ଛକା) ଓ ଜୟସ୍ୱାଲ ୨୫ ବଲରେ ୫୦ (୯ ଚୌକା ଓ ୧ ଛକା) ରନ କରିଥିଲେ। ଦୁହିଁଙ୍କୁ ହରପ୍ରୀତ ବ୍ରାର ଆଉଟ୍ କରିଥିଲେ। ଏହାପରେ ଦଳର ମିଡଲ ଅର୍ଡର ଫେଲ୍ ମାରିଥିଲା। ଧ୍ରୁବ ଜୁରେଲ ଶେଷ ପର୍ଯ୍ୟନ୍ତ ଦଳର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ହେଲେ ୩୧ ବଲରେ ତାଙ୍କର ୫୩ (୩ ଚୌକା ଓ ୪ ଛକା) ରନର ଇନିଂସ ରାଜସ୍ଥାନକୁ ଜିତାଇ ପାରି ନ ଥିଲା। ରାଜସ୍ଥାନ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୨୦୯ ରନ କରିଥିଲା। ପଞ୍ଜାବ ପାଇଁ ହରପ୍ରୀତ ୩ ଉଇକେଟ ନେଇଥିବା ବେଳେ ମାର୍କୋ ଜାନସେନ ଓ ଓମାରଜାଇ ୨ଟି ଲେଖାଏ ଉଇକେଟ ହାତେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ହରପ୍ରୀତ ବ୍ରାର।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୧୯/୫ (ନେହାଲ ୱାଧେରା-୭୦, ଶଶାଙ୍କ ସିଂ-୫୯, ଆଜମାତୁଲା ଓମାରଜାଇ-୨୧*, ତୁଷାର ଦେଶପାଣ୍ଡେ-୨/୩୭, ରିୟାନ ପରାଗ-୧/୨୬)। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୦୯/୭ (ଧ୍ରୁବ ଜୁରେଲ-୫୩, ଯଶସ୍ୱୀ ଜୟସ୍ୱାଲ-୫୦, ବୈଭବ ସୂର୍ଯ୍ୟବଂଶୀ-୪୦, ହରପ୍ରୀତ ବ୍ରାର-୩/୨୨, ମାର୍କୋ ଜାନସେନ-୨/୪୧, ଆଜମାତୁଲା ଓମାରଜାଇ-୨/୪୪)।

# ଲୋକେଶ ରାହୁଲଙ୍କ ଶତକ

**ନୂଆଦିଲ୍ଲୀ,୧୮।୫**

ଚଳିତ ଆଇପିଏଲ୍‌ରେ ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଓ ଗୁଜରାଟ ଜାଏଣ୍ଟ୍ସ (ଜିଟି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଲୋକେଶ ରାହୁଲଙ୍କ ଅପରାଜିତ ଶତକ ବଳରେ ପ୍ରତିପକ୍ଷ ଗୁଜରାଟ ସମ୍ମୁଖରେ ୨୦୦ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଏହି ମ୍ୟାଚ୍ ଜରିଆରେ ରାହୁଲ ଟି୨୦ କ୍ୟାରିୟରରେ ୮ ହଜାର ରନ ପୂରଣ କରିଛନ୍ତି।

ଗୁଜରାଟ ଅଧିନାୟକ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଖୁବ ଶସ୍ତାରେ ଫାଫ ଡୁ' ପ୍ଲେସି(୫)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ଲୋକେଶ ରାହୁଲ ଓ ଅଭିଷେକ ପୋରେଲ ଦ୍ୱିତୀୟ ଉଇକେଟରେ ଦ୍ରୁତ ୯୦ ରନ ଯୋଡ଼ିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ପୋରେଲ ୧୯ ବଲରେ ୩୦ (୧ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟକ ଅକ୍ଷର ପଟେଲ (୨୫)ଙ୍କ ସହ ମିଶି ରାହୁଲ ତୃତୀୟ ଉଇକେଟରେ ୪୫ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ଟ୍ରିଷ୍ଟାନ ଷ୍ଟବ୍ସ ୧୦ ବଲରେ ୨୧ (୨ ଛକା) ରନ କରିଥିଲେ। ରାହୁଲ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୬୫ ବଲରେ ୧୧୨ ରନର ଶତକୀୟ ପାଳି ଖେଳିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ପଞ୍ଚମ ଶତକ ଥିଲା। ତାଙ୍କ ଇନିଂସରେ ୧୪ ଚୌକା ଓ ୪ ଛକା ସାମିଲ ଥିଲା। ଫଳରେ ଦିଲ୍ଲୀ ୨୦ ଓଭରରେ ୩ ଉଇକେଟ ହରାଇ ୧୯୯ ରନ କରିବାକୁ ସକ୍ଷମ ହୋଇଛି। ଗୁଜରାଟ ପକ୍ଷରୁ ଆର୍ଶଦ ଖାନ, ଆର ସାଇ କିଶୋର ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୯୯/୩ (ଲୋକେଶ ରାହୁଲ-୧୧୨*, ଅଭିଷେକ ପୋରେଲ-୩୦, ଅକ୍ଷର ପଟେଲ-୨୫, ଆର୍ଶଦ ଖାନ-୧/୭, ପ୍ରସିଦ୍ଧ କ୍ରିଷ୍ଣା-୧/୪୦, ଆର ସାଇ କିଶୋର-୧/୪୭)।



ଶତକୀୟ ଇନିଂସ ପଥରେ ଶଟ୍ ଖେଳୁଛନ୍ତି ଲୋକେଶ ରାହୁଲ।

## ମ୍ୟାଚ୍ ପୂର୍ବରୁ ସଶସ୍ତ୍ର ବଳକୁ ଧନ୍ୟବାଦ





**ଜୟପୁର, ୧୮।୫:** ଚଳିତବର୍ଷର ଆଇପିଏଲ୍ ରବିବାର ସୱାଇ ମାନସିଂ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସହ ପୁଣି ଥରେ ଆରମ୍ଭ ହୋଇଛି। ମ୍ୟାଚ୍ ପୂର୍ବରୁ ଦେଶର ସଶସ୍ତ୍ର ବଳକୁ ଧନ୍ୟବାଦ୍ ଦିଆଯାଇଥିଲା ଏବଂ ଜାତୀୟ ସଂଗୀତ ଲଗାଯାଇଥିଲା। ଉଭୟ ଦଳର ଖେଳାଳିମାନେ ଧାଡ଼ି ହୋଇ ଜାତୀୟ ସଂଗୀତ ଗାନ କରିବା ସହ ସୀମା ପାର ଶତ୍ରୁତା ସମୟରେ ସାହସିକତା ସହ ଦେଶକୁ ସୁରକ୍ଷା ଦେଇଥିବା ଭାରତୀୟ ସଶସ୍ତ୍ର ବଳ ପ୍ରତି ସମ୍ମାନ ବ୍ୟକ୍ତ କରିଥିଲେ। ଷ୍ଟାଡିୟମରେ ଲଗାଯାଇଥିବା ବଡ଼ ସ୍କ୍ରିନରେ ସଶକ୍ତ ବଳକୁ ଧନ୍ୟବାଦ୍ ପ୍ରଦର୍ଶିତ କରାଯାଇଥିଲା।

## ଡାଟା ଆନାଲିଷ୍ଟଙ୍କୁ ହଟାଇଲା ଇଂଲଣ୍ଡ

**ଲଣ୍ଡନ,୧୮।୫**

ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ରବିବାର ଏହାର ଡାଟା ଆନାଲିଷ୍ଟ ଫ୍ରେଡି ୱାଇଲ୍ଡ ଓ ନାଥନ ଲେମନଙ୍କୁ ହଟାଇ ଦେଇଛି। ଜୁନ୍ ୨୦ ତାରିଖରୁ ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ସହ ଇଂଲଣ୍ଡ ତା'ର ନୂଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ସାଇକେଲ ଅଭିଯାନ ଆରମ୍ଭ କରିବ।

ଇଂଲଣ୍ଡ ଦଳର ଦୁଇ ସିନିୟର କ୍ରିକେଟ ଆନାଲିଷ୍ଟ ନାଥନ ଲେମନ ଓ ଫ୍ରେଡି ୱାଇଲ୍ଡଙ୍କୁ ହଟାଇ ଦିଆଯାଇଛି। ଲେମନ ଇଂଲଣ୍ଡର ସିନିୟର ଡାଟା ଆନାଲିଷ୍ଟ ଥିଲା ବେଳେ ୱାଇଲ୍ଡ ଧଳା ବଲ ଆନାଲିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେମାନେ ଜାତୀୟ ଦଳ ସହିତ ସମ୍ପୃକ୍ତ ରହିବେ ନାହିଁ। ଇଂଲଣ୍ଡ ଦଳର ମ୍ୟାନେଜମେଣ୍ଟ ମତରେ ଅନ୍ତର୍ଜାତୀୟ କ୍ରିକେଟ ଅପେକ୍ଷା ଫ୍ରାଞ୍ଚାଇଜ କ୍ରିକେଟରେ ଆନାଲିଷ୍ଟଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଇଂଲଣ୍ଡ ଖେଳାଳିଙ୍କୁ ନିଜ ପ୍ରସ୍ତୁତି ଓ ପ୍ରଦର୍ଶନ ଲାଗି ଅଧିକ ଦାୟିତ୍ୱ ନେବାକୁ ଉତ୍ସାହିତ କରାଯାଉଛି। ଡ୍ରେସିଂ ରୁମ୍‌ର ପରିବେଶରେ ସୁଧାର ଆଣିବା ପାଇଁ ସପୋର୍ଟ ଷ୍ଟାଫ୍‌ଙ୍କ ସଂଖ୍ୟାକୁ ହ୍ରାସ କରାଯାଉଛି ଏବଂ ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ମଧ୍ୟ ଏହା ସପକ୍ଷରେ ରହିଛନ୍ତି ବୋଲି ଏକ ଅନ୍ତର୍ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶ ପାଇଛି।

## ଭାମ୍ବ୍ରି-ଗାଲୋୱେ ରନରଅପ୍

**ନୂଆଦିଲ୍ଲୀ, ୧୮।୫ (ପି.ଟି.)**

ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ଆମେରିକାନ ପାର୍ଟନର ରବର୍ଟ ଗାଲୋୱେ ବୋର୍ଡେକ୍ସଠାରେ ଅନୁଷ୍ଠିତ ଏକ ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟରେ ରନରଅପ୍ ହୋଇଛନ୍ତି। ଦ୍ୱିତୀୟ ସିଡ୍ ଇଣ୍ଡୋ-ଆମେରିକାନ ଯୋଡ଼ି ଚତୁର୍ଥ ସିଡ୍ ଯୋଡ଼ି ପର୍ତ୍ତୁଗାଲର ଫ୍ରାନ୍‌ସିସ୍କୋ କାବ୍ରାଲ ଓ ଅଷ୍ଟ୍ରିଆର ଲୁକାସ ମିଡ୍‌ଲରଙ୍କଠାରୁ ୬-୭ (୧), ୬-୭ (୨)ରେ ହାରିଯାଇଛନ୍ତି। ଭାରତର ଏନ୍. ଶ୍ରୀରାମ ବାଲାଜୀ ଓ ସୁମିତ ନାଗାଲ ମଧ୍ୟ ଏହି କ୍ଲେକୋର୍ଟ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ସେମାନେ ବିଭିନ୍ନ ଷ୍ଟେଜ୍‌ରେ ପରାଜିତ ହୋଇଯାଇଥିଲେ।

## ହେଡ୍ କୋଭିଡ୍ ସଂକ୍ରମିତ

**ନୂଆଦିଲ୍ଲୀ,୧୮।୫:** ଅଷ୍ଟ୍ରେଲିଆ ତଥା ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ବ୍ୟାଟର ଟ୍ରାଭିସ ହେଡ୍ ସୋମବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ବିପକ୍ଷରେ ଖେଳାଯିବାକୁ ଥିବା ଆଇପିଏଲ୍ ମ୍ୟାଚ୍ ମିସ କରିବେ। ସେ କୋଭିଡ୍-୧୯ରେ ସଂକ୍ରମିତ ହୋଇଛନ୍ତି। ଏ ନେଇ ହାଇଦ୍ରାବାଦ ଦଳର ମୁଖ୍ୟ କୋଚ୍ ଡାନିଏଲ ଭିଟୋରୀ ରବିବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ହେଡ୍‌ଙ୍କୁ ସୋମବାର ଭାରତ ଆସିବାର ଥିଲା। ଦୁର୍ଭାଗ୍ୟବଶତଃ, ସେ କୋଭିଡ୍-୧୯ ସଂସ୍ପର୍ଶରେ ଆସିଛନ୍ତି। ଏଥିଯୋଗୁ ସେ ଟ୍ରାଭେଲ କରିପାରି ନାହାନ୍ତି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଦଳରେ ଯୋଗଦେବେ। ଆଶା କରୁଛୁ, ପରବର୍ତ୍ତୀ ମ୍ୟାଚ୍‌ରେ ସେ ଖେଳିବେ ବୋଲି ଭିଟୋରୀ କହିଛନ୍ତି। ଏସ୍‌ଆର୍‌ଏଚ୍ ଆସନ୍ତା ୨୩ ତାରିଖରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ୨୫ ତାରିଖରେ କୋଲକାତା ନାଇଟ୍ ରାଇଡର୍ସକୁ ଭେଟିବ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ହାଇଦ୍ରାବାଦ**

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |

# ଅନ୍ୱେଷା, ରିୟାଂଶ, ପ୍ରଜ୍ଞାନ ଅଗ୍ରଣୀ

**ଭୁବନେଶ୍ୱର, ୧୮।୫ (ତପନ ସ୍ୱାଇଁ)**

**ରାଜ୍ୟ ୭ ବର୍ଷରୁ କମ୍ ଚେସ୍**

କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟ ୭ ବର୍ଷରୁ କମ୍ ଚେସ୍ ଟୁର୍ନାମେଣ୍ଟରେ ୬ଷ୍ଠ ରାଉଣ୍ଡ ଶେଷସୁଦ୍ଧା ବାଳିକା ବିଭାଗରେ ଅନ୍ୱେଷା ମିଶ୍ର ଏବଂ ବାଳକରେ ରିୟାଂଶ ଅଗ୍ରୱାଲ ଓ ପ୍ରଜ୍ଞାନ ମିଶ୍ର ଯୁଗ୍ମ ଅଗ୍ରଣୀଲାଭ କରିଛନ୍ତି। ରବିବାର ୪ର୍ଥ, ୫ମ ଓ ୬ଷ୍ଠ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖେଳାଳି ତଥା ଅଭିଜ୍ଞ ପ୍ରଶିକ୍ଷକ ସ୍ୱୟଂଶ୍ଭୁ ସତ୍ୟକାମ ଏବଂ କେନ୍ଦୁଝର ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଅମର ମହାନ୍ତି ବିଭିନ୍ନ ରାଉଣ୍ଡର ଶୁଭାରମ୍ଭ କରିଥିଲେ। ୬ଷ୍ଠ ପର୍ଯ୍ୟାୟ ଶେଷରେ ବାଳକ ବିଭାଗରେ ସୁନ୍ଦରଗଡ଼ର ରିୟାନ୍ସ ଓ ଖୋର୍ଦ୍ଧାର ପ୍ରଜ୍ଞାନ ୫.୫ ପଏଣ୍ଟ ଲେଖାଏ ପାଇଛନ୍ତି । ଅନ୍ୟ ୩ ଜଣ ଶିବାଂଶଜିତ ସାସମଲ, କାବ୍ୟାଂଶ ଚକ୍ରବର୍ତ୍ତୀ ଓ କ୍ରିଶିତ ପଣ୍ଡା ୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ବାଳିକାରେ ଖୋର୍ଦ୍ଧାର ଅନ୍ୱେଷା ପୂରା ୬ ପଏଣ୍ଟ ପାଇ ଏକକ ଅଗ୍ରଣୀଲାଭ କରିଛନ୍ତି। ପ୍ରତୀକ୍ଷା ସମ୍ଭବୀ ୫ ଓ ଅର୍ଣ୍ଣବୀ ପଣ୍ଡା ୪.୫ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାର ଶେଷ ୨ ପର୍ଯ୍ୟାୟ (୭ମ ଓ ୮ମ) ସୋମବାର ଅନୁଷ୍ଠିତ ହେବ । ବାଳିକା ଓ ବାଳକ ବିଭାଗର ଶ୍ରେଷ୍ଠ ୪ ଖେଳାଳି ଜୁନ ୧ରୁ ୫ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ ।



ରବିବାର ମ୍ୟାଚ ଅବସରରେ ଅତିଥି ସ୍ୱୟଂଶ୍ଭୁ ସତ୍ୟକାମ, ଅମର ମହାନ୍ତି ଓ ଅନ୍ୟମାନେ।

# କୋହଲିଙ୍କୁ ଭାରତ ରତ୍ନ ଦାବି

**ନୂଆଦିଲ୍ଲୀ,୧୮।୫**

ମହାନ୍ ଭାରତୀୟ ବ୍ୟାଟର ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିବା ବେଳେ ତାଙ୍କର ପ୍ରଶଂସକ ତଥା କିଛି ପୂର୍ବତନ ଖେଳାଳି ତାଙ୍କ ଲାଗି 'ଭାରତ ରତ୍ନ' ଦାବି କରିଛନ୍ତି। ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ଟୁର ଲାଗି ଭାରତୀୟ ଦଳ ଘୋଷଣା ହେବା ପୂର୍ବରୁ କୋହଲି ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଜଣାଇଥିଲେ। ଏହି ଷ୍ଟାର ବ୍ୟାଟର ବିନା ବିଦାୟୀ ମ୍ୟାଚ୍‌ରେ ବିଦାୟ ନେଇଥିଲେ, ଯାହା କି ପ୍ରଶଂସକଙ୍କୁ ଦୁଃଖିତ କରିଛି। ଭାରତ ତଥା ଚେନ୍ନାଇ ସୁପର କିଙ୍ଗ୍ସର ପୂର୍ବତନ ଖେଳାଳି ସୁରେଶ ରାଇନା ଭାରତ ସରକାରଙ୍କୁ କୋହଲିଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବାକୁ ଅନୁରୋଧ କରିଛନ୍ତି। ଏଥିସହିତ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଦିଲ୍ଲୀଠାରେ ଏକ ବିଦାୟୀ ମ୍ୟାଚ୍ ଆୟୋଜନ କରିବାକୁ କହିଛନ୍ତି।

ମୋ ମତରେ ଭାରତ ସରକାର କୋହଲିଙ୍କୁ ଭାରତ ରତ୍ନ ଦେବା ଉଚିତ। କାରଣ ସେ ଭାରତ ପାଇଁ ଅନେକ କିଛି ହାସଲ କରିଛନ୍ତି। ମୋ ମତରେ ତାଙ୍କୁ ଦିଲ୍ଲୀଠାରେ ଏକ ବିଦାୟୀ ମ୍ୟାଚ୍ ଦିଆଯିବା ଦରକାର। ତାଙ୍କ ପରିବାର ଓ କୋଚ୍ ତାଙ୍କୁ ସମର୍ଥନ କରିବା ପାଇଁ ସେଠାରେ ରହିବା ଉଚିତ। ସେ ଦେଶ ପାଇଁ ବହୁତ କିଛି କରିଥିବାରୁ ତାଙ୍କୁ ଯୋଗାଯୋଗ କରାଯିବା ଦରକାର। କାରଣ ସେ ବିଦାୟୀ ମ୍ୟାଚ୍ ଲାଗି ହକଦାର ବୋଲି ରାଇନା ଷ୍ଟାର ସ୍ପୋର୍ଟ୍ସରେ କହିଛନ୍ତି।





ବେଙ୍ଗାଲୁରୁରେ ମ୍ୟାଚ ଅବସରରେ ବିରାଟ କୋହଲିଙ୍କ ପ୍ରଶଂସକ।

## ଟିକେଟ ଟଙ୍କା ଫେରାଇବ ଆର୍‌ସିବି

**ବେଙ୍ଗାଲୁରୁ,୧୮।୫**

କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ବାତିଲ ହୋଇଥିବା ମ୍ୟାଚ୍ ଲାଗି ଷ୍ଟାଡିୟମରେ ଉପସ୍ଥିତ ଥିବା ଦର୍ଶକଙ୍କୁ ଟିକେଟ ଟଙ୍କା ଫେରସ୍ତ କରାଯିବ। ଏ ନେଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଲଗାଣ ବର୍ଷା ଯୋଗୁ ମ୍ୟାଚ୍‌ରେ ଟସ୍ ବି ପଡ଼ିପାରି ନ ଥିଲା।

ଖରାପ ପାଣିପାଗ ଯୋଗୁ ବାତିଲ ହୋଇଥିବା ଆର୍‌ସିବି-କେକେଆର୍ ମ୍ୟାଚ୍ ଲାଗି ସମସ୍ତ ଟିକେଟଧାରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ଡିଜିଟାଲ ଟିକେଟଧାରୀଙ୍କୁ ୧୦ ଦିନ ମଧ୍ୟରେ ସେମାନଙ୍କ ଟଙ୍କା ଫେରସ୍ତ ମିଳିବ। ଟିକେଟ ବୁକ କରିବା ଲାଗି ବ୍ୟବହାର କରିଥିବା ଆକାଉଣ୍ଟକୁ ଟଙ୍କା ଯିବ। ଯଦି ୩୧ ତାରିଖ ସୁଦ୍ଧା ଟଙ୍କା ଫେରସ୍ତ ନ ମିଳେ, ତେବେ ବୁକିଂ ବିବରଣୀ ସହିତ ମେଲ କରିବାକୁ ଅନୁରୋଧ। କାଉଣ୍ଟରରୁ ଟିକେଟ କରିଥିବା ଦର୍ଶକଙ୍କୁ ଟଙ୍କା ଫେରସ୍ତ ଲାଗି ସେମାନଙ୍କ ପ୍ରକୃତ ଟିକେଟ ଦାଖଲ କରିବାକୁ ପଡ଼ିବ ବୋଲି ଆର୍‌ସିବି ବିବୃତି ଜାରି କରିଛି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ